# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 5/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 309 | ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ | Bhubaneswar, Sunday, October 5/2025 | ପୃଷ୍ଠା-୧







# ଫିଟୁଛି ଗୁମର, ବଢ଼ୁଛି ସନ୍ଦେହ

ଓଡ଼ିଶା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଏଥିରେ ଅନେକ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଘରୋଇ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କେଉଁ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା, ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଦିଆଯାଇଥିବାବେଳେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଶନିବାର ଜରୁରୀ ବୈଠକ କରିଛନ୍ତି। ସେପଟେ ଏହି ଘଟଣାର ଅନ୍ୟତମ ମଧ୍ୟସ୍ଥ କଟକ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା(୨୯)ଙ୍କୁ ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଶ୍ୱରଞ୍ଜନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୧୮ରେ ପହଞ୍ଚିଛି। ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ଏପରିକି ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଓରିଜିନାଲ୍ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି।

## ଏସ୍‌ଆଇ ପରୀକ୍ଷା ଜାଲିଆତି

- କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭାଙ୍କୁ ତଦନ୍ତ ଦାୟିତ୍ୱ
- ଓପିଆର୍‌ବି ଅଧ୍ୟକ୍ଷ ଡାକିଲେ ଜରୁରୀ ବୈଠକ
- ବନ୍ଦୀହେଲେ ମଧ୍ୟସ୍ଥ ବିଶ୍ୱରଞ୍ଜନ

**ଭୁବନେଶ୍ୱର/କଟକ/ବ୍ରହ୍ମପୁର, ୪।୧୦(ସତ୍ୟଜିତ ରାଉତ/ କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)**

ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣା ଜଣାପଡ଼ିବାର ୪ ଦିନ ପରେ ଶନିବାର ଓପିଆର୍‌ବି ପକ୍ଷରୁ ବୈଠକ ଡକାଯାଇ ଏନେଇ ତନାଘନା ଆରମ୍ଭ ହୋଇଛି। ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବୋର୍ଡର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ ଘଣ୍ଟାର ବୈଠକ ପରେ ଓପିଆର୍‌ବି ଅଧ୍ୟକ୍ଷ ନାଥ ଗଣମାଧ୍ୟମକୁ କହିଛନ୍ତି, ଯାହା ଘଟଣା ଘଟିଛି ତାହା କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ସେମାନେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଏହାର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ଠିକ୍ ସମୟରେ ସ୍ୱଚ୍ଛ ଓ ଭଲ ଭାବେ ପରୀକ୍ଷା ହେବ ବୋଲି ସୁଶାନ୍ତ କହିଛନ୍ତି। ଏସ୍‌ଆଇ ଆଶାୟୀମାନଙ୍କୁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦେଇଛି। ଏଥିସହ ସୁପରଭାଇଜିଂ ଅଫିସର ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।


ବିଶ୍ୱରଞ୍ଜନ ବେହେରା

ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ମଧ୍ୟସ୍ଥ ବିଶ୍ୱରଞ୍ଜନଙ୍କୁ ଶୁକ୍ରବାର ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ଆର୍) କୋର୍ଟକୁ ଚାଲାଣ କରାଯାଇଥିଲା। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଏହି ଘଟଣାରେ ମଧ୍ୟସ୍ଥ ଭାବରେ କାମ କରିବା ସହ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ପ୍ରଶ୍ନପତ୍ର ଯୋଗାଇବାକୁ କହି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ବିଶ୍ୱରଞ୍ଜନ ଅରିଜିନାଲ୍ ସାର୍ଟିଫିକେଟ୍ ଏବଂ ବ୍ଲାଙ୍କ୍ ଚେକ୍ ନେଉଥିଲେ। ଆଶାୟୀମାନଙ୍କ ଠାରୁ ନେଉଥିବା କାଗଜପତ୍ରଗୁଡ଼ିକୁ ସେ ସିଣ୍ଡିକେଟର ଅନ୍ୟ ସଦସ୍ୟଙ୍କୁ ଦେଉଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିବା କ୍ରାଇମବ୍ରାଞ୍ଚ କହିଛି। ତେବେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଏସ୍‌ଆଇ ଆଶାୟୀମାନେ ପ୍ରତିବାଦ କରିଥିବା ବେଳେ ଶନିବାର କଟକ ବିଶ୍ୱନାଥ ପଣ୍ଡିତ ପାଠାଗାର ସମ୍ମୁଖରେ ବହୁ ଆଶାୟୀ ଧାରଣା ଦେଇଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶୀଘ୍ର ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଏହି ଘଟଣାରେ ଓପିଆର୍‌ବି ଅଧିକାରୀଙ୍କ ହାତ ଥିବା ଅଭିଯୋଗ ଆସୁଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ପ୍ରଶ୍ନ ଉଠିଛି। ଏସ୍‌ଆଇ ପରୀକ୍ଷାର ପ୍ରଥମେ ଲିଖିତ, ଦ୍ୱିତୀୟ ପର୍ଯ୍ୟାୟରେ ଶାରୀରିକ ଏବଂ ଶେଷରେ ମୌଖିକ ପରୀକ୍ଷା ହୋଇଥାନ୍ତା। ଲିଖିତ ପରୀକ୍ଷା କରିବାକୁ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବାବେଳେ ଓପିଆର୍‌ବି ଶାରୀରିକ ଓ ମୌଖିକ ପରୀକ୍ଷା କରିଥାନ୍ତା। ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବାକୁ ୨୫ ଲକ୍ଷର ଡିଲ୍ ହୋଇଥିବା କୁହାଯାଉଥିବାବେଳେ ଏଥିରେ କାହାର ଭାଗ କେତେ ସେନେଇ ଚର୍ଚ୍ଚା ହେଉଛି। ଏହି ଘଟଣାରେ ବଡ଼ ପୋଲିସ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେରା କରିବ କି ନାହିଁ ପ୍ରଶ୍ନ ଉଠିଛି। ତେବେ ଏହି ଜାଲିଆତି ଘଟଣାରେ ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଏହାର ମୁଖ୍ୟ ଶଙ୍କର ପୃଷ୍ଟି ଫେରାର ଅଛନ୍ତି।

# ୩ ଦିନର ଶିଶୁକନ୍ୟା ବିକ୍ରି

## ମା' ବାପା ଫେରାର

**ବାସୁଦେବପୁର, ୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବଡ଼ମଲିକସାହି ଗ୍ରାମରେ ଏକ ୩ ଦିନର ଶିଶୁକନ୍ୟାଙ୍କୁ ତାଙ୍କ ବାପା ବିକ୍ରି କରିଦେଇଥିବା କୁହାଯାଉଛି। ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ କର୍ମଚାରୀ ବଡ଼ମଲିକସାହିରେ ଏହାର ତଦନ୍ତ କରିଛନ୍ତି। ☞ପୃଷ୍ଠା-୨







No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା୦6.10.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0196/2526


# ଗିଲ୍ ଦିନିକିଆ କ୍ରିକେଟ ଅଧିନାୟକ

**ଅହମଦାବାଦ, ୪।୧୦(ପି.ଟି.)**


ଶୁବମନ ଗିଲ୍

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍ ଲାଗି ଶନିବାର ଘୋଷିତ ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଭାରତୀୟ ଚୟନକର୍ତ୍ତା ଭେଟେରାନ ଓପନର ରୋହିତ ଶର୍ମାଙ୍କ ବଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରୋହିତ ଦ୍ୱିତୀୟ ଅଧିନାୟକ ଭାବେ ୩ ଆଇସିସି ହ୍ୱାଇଟ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ରୋହିତଙ୍କ ନେତୃତ୍ୱରେ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦିନିକିଆ ଦଳ ୫୬ରୁ ୪୨ ମ୍ୟାଚ୍ ଜିତିଥିଲା। ଏହାର ଅର୍ଥ ତାଙ୍କ ନେତୃତ୍ୱରେ ଦଳର ବିଜୟ ହାର ୭୬ ପ୍ରତିଶତ ଥିଲା, ଯାହାକି ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବାଧିକ। ତେବେ ଘୋଷିତ ୧୫ ଜଣିଆ ଦଳରେ ରୋହିତ ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ☞ପୃଷ୍ଠା-୨

# ଜୀବନ ନେଉଛି କଫ୍ ସିରପ୍

## କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକର ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ/ଭୋପାଳ/ଭୁବନେଶ୍ୱର, ୪।୧୦(ପି.ଟି./ରଏଟର୍ସ/ସୁନିତ୍ ମିଶ୍ର)**




ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ୍ ଖାଇ ଅନ୍ୟୂନ ୧୦ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ଚେତା ପଶିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ଟି କଫ୍ ସିରପ୍ ମାନୁଫାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉକରି ତଦନ୍ତ ଆରମ୍ଭ କରିଥିବା ଶନିବାର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ ସୂଚନା ଦିଆଯାଇଛି। କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି। ଏହି ରାସାୟନିକ ପଦାର୍ଥ ଅନୁମୋଦିତ ମାତ୍ରାରୁ ଅଧିକ ପରିମାଣରେ ରହିଲେ ତାହା ଛୋଟପିଲାଙ୍କ କିଡ୍‌ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର ରାଜ୍ୟରେ କୋଲ୍ଡରିଫ୍ ସିରଫ୍ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ନକଲି କଫ୍ ସିରପ୍ ବିକ୍ରି ଉପରେ କଡ଼ା ନଜର ରଖାଯାଇଥିବା ରାଜ୍ୟ ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ବରଗଡ଼ ଜିଲାକୁ ଗତ ଅଗଷ୍ଟରେ ପଠାଯାଇଥିବା ୧୩୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ସେଗୁଡ଼ିକ ବ୍ୟବହାର ହୋଇ ନ ଥିଲା ବୋଲି ସେ କହିଛନ୍ତି। ☞ପୃଷ୍ଠା-୨

## ଆଜିର ମନ୍ତବ୍ୟ

"ଆର୍‌ଜେଡି ଶାସନ କାଳରେ ବିହାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବହୁ ସଂଖ୍ୟାରେ ବିହାରୀ ଯୁବକ ବାହାର ରାଜ୍ୟକୁ ଚାଲିଯିବାର ଏହା ମୁଖ୍ୟ କାରଣ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ନିର୍ମାଣ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ

**ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)**

ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ଏହା ଲୋକସେବା ଭବନ ପାଖପାଖି ସ୍ଥାନରେ ଖୋଲିବାକୁ ଯାଉଛି। ଏଥିପାଇଁ ସ୍ଥାନ ନିରୂପଣ ସରିଥିବା ବେଳେ ସଫେଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶନିବାର ସୂଚନା ଦେଇ ମନ୍ତ୍ରୀ ☞ପୃଷ୍ଠା-୨


## ଆଜିର ସମ୍ପାଦକୀୟ

**ମାନବାଧିକାର କ୍ଷୁଣ୍ଣ**

# ମଦ ଉପରେ ୨୦% ଗୋ ଶୁଳ୍କ

**ଯୋଧପୁର, ୪।୧୦**

ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ ଜିଓଫ୍ରେ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍ସ ଆଣ୍ଡ୍ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ) ବ୍ୟତୀତ ୨୦% ଅତିରିକ୍ତ କାଓ ସେସ୍ ବା ଗୋ ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଏହି କାଓ ସେସ୍ ଆଦାୟ କରାଯାଇଛି। ଗତ ସେପ୍ଟେମ୍ବର ୩୦ରେ ଜିଓଫ୍ରେ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ନ ଫ୍ରିଟର୍ସ ଏବଂ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ୨,୬୫୦ ଟଙ୍କାର ବିଲ୍ ଆସିଥିବାବେଳେ ଜିଏସ୍‌ଟି, ଭାଟ୍ ଏବଂ କାଓ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୨୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି, ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରୟ ପାଇଁ


Park Plaza
(A Unit of Shaina Builders Pvt Ltd.)
Jhalamand House, Airport Road,Ratanada,Jodhpur (Raj.)342011
Tel:-0291-2510500 Email :jpp@sarovarhotels.com
www.sarovarhotels.com
GSTIN :-08AABCS6751Q1ZO, CIN: U45201RJ1991PTC006133,
VAT NO : 08622652240, FSSAI NO. 12217032000338

GeoffreyS
GST INVOICE

Bill No. : 3084 | Table : 3A
Date&Time : 30/09/25 22.52 | Kot Nos : 2903
Steward : Ajay | Covers : 2

| Item Name | Qty | Rate | Value |
|---|---|---|---|
| AMERICAN CORN FRITTERS | 1 | 400.00 | 400.00 |
| BUDWISER BUDW 330ML | 4 | 400.00 | 1200.00 |
| CARLSBERG 330 / 650ML CARLS8 650 | 2 | 525.00 | 1050.00 |
| Sub Total | | | 2650.00 |
| CGST @ 9.00% | | | 36.00 |
| COW CESS @ 20.00% | | | 90.00 |
| SGST @ 9.00% | | | 36.00 |
| VAT @ 20.00% | | | 450.00 |
| Sub Total | | | 0.00 |
| Net Amount | | ₹ | 3262.00 |

GUEST SIGNATURE | User ID: AJAYN | Cashier Signature
Room No :
GSTN Gst. Name :

ବିଲ୍‌ରେ ଉଲ୍ଲେଖ ଥିବା ଗୋ ଶୁଳ୍କ।

ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଏବଂ ବାର୍ ବାଧ୍ୟ। ଏନେଇ ୨୦୧୮ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ମଦ ଉପରେ କାଓ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। କାଓ ସେସ୍ କେବଳ ମଦ ବିକ୍ରି ଉପରେ ଲାଗୁ ହୋଇଥାଏ, ଖାଦ୍ୟ ଉପରେ ଏହା ଲାଗୁ ହୁଏ ନାହିଁ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦% କାଓ ସେସ୍ ଲାଗୁ ହୋଇଥାଏ। ନିଖିଲ କହିଛନ୍ତି, ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବରେ ସରକାରୀ ପୋର୍ଟାଲରେ ଅନ୍‌ଲାଇନ ଭାବେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସର୍‌ଚାର୍ଜ ଲେଖି ଏହି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ପକ୍ଷରୁ ଦିଆଯାଉଥିବା ବିଲ୍‌ରେ ଉକ୍ତ ଶୁଳ୍କକୁ କାଓ ସେସ୍ ଭାବେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉଥିବା ସେ କହିଛନ୍ତି। ପ୍ରକାଶ ଯେ, ୨୦୧୮ରେ ରାଜସ୍ଥାନର ତତ୍କାଳୀନ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଓ ସେସ୍ ଲଗାଇବା ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ୧ ନଂ ଗେଟ୍, ସମୟ: ସକାଳ୯ଟା ୪୦।
- ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ପିସ୍ ପକ୍ଷରୁ ଆଲୋଚନା ଚକ୍ର ( ଶାନ୍ତି ଓ ସମାଜ ସେବା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭିଙ୍ଗାରପୁର ଅଞ୍ଚଳରେ ନିର୍ମିତ ମେଢ଼ ସମୂହର ଭସାଣି ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ବଜାର ଛକସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୨ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## କଟକ
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୨୦୦୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ପାଳନ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ଖଇରା ଶିକ୍ଷକ ଭବନ, ସମୟ: ସକାଳ ୯ଟା।
- ସହାୟକ'ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରଦାତା ସମ୍ମିଳନୀ ଓ ବାଲେଶ୍ୱର ମହାମଣ୍ଡଳ ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନାରୀ ନିର୍ଯାତନା ଓ ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ରାବଣ ପୋଡ଼ି ଉତ୍ସବ, ସ୍ଥାନ: ଆଙ୍କୋ ରାବଣପୋଡ଼ି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଗୁରୁ ସମ୍ମାନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଶିଷ୍ଟ ସାହିତ୍ୟିକ ନରହରି ବେହେରା ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସାଂସଦ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମ ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଡ୍ୟାନ୍ସ ଆଣ୍ଡ୍ ମେଲୋଡ଼ି ନାଇଟ୍ସ, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଇସ୍କଅଫ ଗଞ୍ଜାମ ଜିଲା ସମ୍ମିଳନୀ, ସ୍ଥାନ: ଛତ୍ରପୁର ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ
- ଆରଏସଏସ ପକ୍ଷରୁ ବିଜୟା ଦଶମୀ ପାଳନ ଉତ୍ସବ, ସ୍ଥାନ: ସିମନବାଡି ଶିବମନ୍ଦିର ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ଶହୀଦ ବାଜି ରାଉତଙ୍କ ଶତବାର୍ଷିକ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ବୁଦ୍ଧେଶ୍ୱର ମନ୍ଦିର, ଭୁବନ, ସମୟ: ସକାଳ ୬ଟା ୪୫ ।
- ଶହୀଦ ବାଜି ରାଉତ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ପୂର୍ବାହ୍ନ ୧୧ଟା୩୦।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ସହର ଓ ନୟାଗଡ ବ୍ଲକ କଇଥଗାଡିଆ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ପଙ୍ଗାରସିଂହ ବନାମ ଭୁବନେଶ୍ୱର ତମାଣ୍ଡୋ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା
- ଦୁର୍ଗା ପୂଜା ଭସାଣି ଉତ୍ସବ, ସ୍ଥାନ: ଗୁଡାରି, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ମାଁ ଦୁର୍ଗାଙ୍କ ଭସାଣି, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୫ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଡିଏନ୍‌କେ କାଳିବାଡ଼ି, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି
- ବନ ବିଭାଗର ଏକ ଦିବସୀୟ ତାଲିମ, ସ୍ଥାନ: ଚିତ୍ରକୋଣ୍ଡା ଡ୍ୟାମ ଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ବୁଦ୍ଧିଜୀବୀ ପକ୍ଷରୁ ସମ୍ବଲପୁରୀ ସମଲେଇ ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସର୍କିଟ ହାଉସ ସଭାକକ୍ଷ, ସମୟ: ଅପରାହ୍ନ ୧ଟା।
- କୁଲତା ସମାଜ ଆୟୋଜନରେ ରାମଚଣ୍ଡି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର
- ୮୧ତମ ଶ୍ରୀମଦ୍ ଭାଗବତ କଥାମୃତ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ଯୋଗୀସର୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ନଅଗାଁ(ଖ)ଆଗଲପୁର ବ୍ଲକ, ସମୟ : ଅପରାହ୍ନ ୨ଟା ୩୦ ।

## ରାଉରକେଲା
- ଦେଶପ୍ରେମୀ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: କାଳୀ ମନ୍ଦିର ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦଯାତ୍ରା, ସ୍ଥାନ:ସିଭିଲଟାଉନ୍‌ଶିପ୍, ସମୟ: ସକାଳ ୮ଟା ୩୦।
- ଦୁର୍ଗାପୂଜା ଭସାଣି ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୫ଟା।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫।
- ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୭ ମାର୍କେଟ କମିଟି, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ତିଲଡେଗା, ବାଲିଶଙ୍କରା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଆନିମିଆ ଓ କ୍ୟାନସର ଚିହ୍ନଟ ଶିବିର,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୯ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି
- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସକାଳ ୯ଟା।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ପ୍ରଦାନ ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ସକାଶେ ଆଲୋଚନା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହରସ୍ଥିତ ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବ୍ଲକ ଛକ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଉତ୍ସବ ରାଲି, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ବଞ୍ଜାରୀ ଦେବୀ ଶାରଦୀୟ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜରି ମନ୍ଦିର, ସମୟ: ସକାଳ ୮ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଏକାଦଶ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୭।
- ମା' ସୁନାଦେଈଙ୍କ ନୂତନ ମନ୍ଦିର (ଗୁଡ଼ି) ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ପୁରୁଣା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଭାଗ୍ୟାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମରେ ପଛକୁ ଫେରିବେ ନାହିଁ। କିନ୍ତୁ ଚତୁର୍ଥାଧିପତି ପାପାକ୍ରାନ୍ତ ଯୋଗୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହି ନ ପାରେ। ସାମାଜିକ ଜୀବନରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବାର ଆଶା ରହିଛି।

**ବୃଷ** — ପରିବାରରେ ମତଭେଦ କିମ୍ବା ଅସୁସ୍ଥତା ଭଳି ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ବିଶେଷ ଖର୍ଚ୍ଚାନ୍ତ ହୋଇପାରନ୍ତି। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିବେ। ଦୀର୍ଘଦିନରୁ ରହିଥିବା ବ୍ୟାଙ୍କ କିମ୍ବା ସୋସାଇଟିର ଋଣ ପରିଶୋଧ କରିବାରେ ସଫଳ ହେବେ।

**ମିଥୁନ** — ଆଜି ପରିସ୍ଥିତିବଶତଃ ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ବିଭିନ୍ନ ସମସ୍ୟା ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେବେ।

**କର୍କଟ** — କାର୍ଯ୍ୟଭାରର ବୋଝ ଆପଣଙ୍କୁ ଅତିଷ୍ଠ କରିପାରେ। ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ନିଜକୁ ସାମାନ୍ୟ ସଂକୁଚିତ ବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ଯୋଗୁ ବିତର୍କର ଆଶଙ୍କା ରହିଛି।

**ସିଂହ** — ଈର୍ଷା ଓ ଅସୂୟାଜନିତ ଅନ୍ୟମାନେ ପଛରେ ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ମନ କଥା ଅପ୍ରକାଶ୍ୟ ରହିଯାଇପାରେ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇବାରୁ କ୍ଷୋଭ ପ୍ରକାଶ କରିବେ। ନିର୍ମାଣାଧୀନ କାର୍ଯ୍ୟ, ପ୍ରତିଯୋଗିତା, ଆନୁଷ୍ଠାନିକ କାମରେ ପ୍ରଶଂସା ସାଉଁଟିବେ।

**କନ୍ୟା** — କାର୍ଯ୍ୟଦକ୍ଷତା ସାଙ୍ଗକୁ ଶାଳୀନତାପୂର୍ଣ୍ଣ ବ୍ୟବହାର ଯୋଗୁ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଆଲୋଚନା କରୁଥିବେ, ତାହାକୁ ନିକଟରେ ଦେଖି ହଡ଼ବଡ଼େଇ ଯିବେ। ଆଜିର ଯାତ୍ରା, ସଭାସମିତି, ପ୍ରଶାସନ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ।

**ତୁଳା** — କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ଉଠାଇପାରେ। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବାର ସୂଚନା ରହିଛି। ରାଜନୀତି, ନିର୍ମାଣ ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଆଲୋଚନାରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମ ସକାଶେ କୌଣସି ଅସୁବିଧା ରହିବ ନାହିଁ।

**ବିଛା** — ଆଜିର କର୍ମକ୍ଷେତ୍ର, ଆର୍ଥିକ ସ୍ଥିତି, ସଭାସମିତି, ପ୍ରଶାସନ ଓ ଜମିଜମା କାରବାର ପାଇଁ ଦିନଟି ଭଲ। ଭଲ ପଡୁନଥିବା ନିଜ ପରିସରର ଲୋକ ଅପଯଶ ଗାଇ ବୁଲିପାରନ୍ତି। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡ଼ିବେ। ଅବଶ୍ୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ।

**ଧନୁ** — ଆର୍ଥିକ ସ୍ଥିତି ମଜଭୁତ ରହିବ। ଦୁଃସାହସିକ ପଦକ୍ଷେପ କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ହଟାଇଦେବ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମାଲି ମକଦ୍ଦମାରେ ବିଳମ୍ବଜନିତ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କଚେରି ମାମଲାରେ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି।

**ମକର** — କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବନ୍ଧୁଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବେ। ବନ୍ଧୁମାନଙ୍କ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**କୁମ୍ଭ** — ଆଜି ସମସ୍ୟାର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିବେ। ପାରସ୍ପରିକ ଆଲୋଚନାରେ ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବାର ପୂର୍ଣ୍ଣ ସୂଚନା ରହିଛି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ମୀନ** — କର୍ମକ୍ଷେତ୍ରରେ ସମସ୍ୟା ଆପଣାଛାଏଁ ସୁଧୁରି ଯିବାରୁ ଆଶ୍ୱସ୍ତି ଲାଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ। କିନ୍ତୁ ବନ୍ଧୁଙ୍କ ସହାୟତାରେ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ।

ଆଜି ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଦିବା ଘ.୦୮।୦୦ମି. ଗତେ ପୂର୍ବଭାଦ୍ର/କୁମ୍ଭ, ତୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ ଘ.୦୧।୦୩ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୯ ଗତେ ଘ.୦୫।୨୭ ମଧ୍ୟେ ରାହୁକାଳ ।।


ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା

# ରଶ୍ମିକା-ବିଜୟ ନିର୍ବନ୍ଧ

ହାଇଦ୍ରାବାଦ: ପ୍ରଶଂସକଙ୍କଠାରୁ ନ୍ୟାଶନାଲ କ୍ରଶର ଟ୍ୟାଗ୍ ପାଇଥିବା ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କର ନିର୍ବନ୍ଧ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଷ୍ଟାର୍ କପଲ୍‌ଙ୍କର ନିର୍ବନ୍ଧ ସମାରୋହ ଶୁକ୍ରବାର ଅଳ୍ପ କିଛି ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଉପସ୍ଥିତିରେ ହୋଇଛି। ତେବେ କେଉଁଠାରେ ଉକ୍ତ ନିର୍ବନ୍ଧ ଅନୁଷ୍ଠିତ ହୋଇଛି ସେ ସମ୍ପର୍କରେ ଜଣାପଡ଼ିନାହିଁ। ଆସନ୍ତା ବର୍ଷ ଫେବୃଆରୀରେ ଏହି ଷ୍ଟାର୍ ଦମ୍ପତି ପରସ୍ପରକୁ ବିବାହ କରିବେ ବୋଲି ବିଜୟଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ନିର୍ବନ୍ଧକୁ ନେଇ ରଶ୍ମିକା କିମ୍ବା ବିଜୟଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ରଶ୍ମିକା ଏବଂ ବିଜୟ ଅନେକ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଥିବା ନେଇ ସୋସିଆଲ ମିଡିଆରେ ଅନେକ ଆଲୋଚନା ହେବା ସହ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ସମ୍ପର୍କକୁ ନେଇ ଉଭୟ ବିଜୟ ଏବଂ ରଶ୍ମିକା ପୂର୍ବରୁ ଅନେକବାର କାହାରି ନାଁ ନ ନେଇ ପରୋକ୍ଷରେ ସହମତି ଜଣାଇଥିଲେ। ୨୦୧୮ରେ ରିଲିଜ୍ ହୋଇଥିବା 'ଗୀତ ଗୋବିନ୍ଦମ' ଫିଲ୍ମ ଏବଂ ୨୦୧୯ରେ ରିଲିଜ୍ ହୋଇଥିବା 'ଡିଅର କମ୍ରେଡ୍' ଫିଲ୍ମରେ ଏହି ଷ୍ଟାର୍ ଯୋଡ଼ି ଏକାଠି ନଜରକୁ ଆସିଥିଲେ। ସେବେଠାରୁ ଉଭୟେ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଆସୁଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରକ୍ଷ ରକ୍ଷକ ପତିତ ପାବନ**
**ଅନ୍ଧର ରକ୍ଷକ ବାଡ଼ି**
**ଶୀତକୁ ରକ୍ଷକ ବହଳ କମ୍ବଳ,**
**ଘରକୁ ରକ୍ଷକ ବୁଢ଼ୀ।**

ଅସହାୟ ବ୍ୟକ୍ତିର ହରି ରକ୍ଷକ ହୋଇଥାନ୍ତି। ଅନ୍ଧ ବ୍ୟକ୍ତିଙ୍କର ଚଳପ୍ରଚଳରେ ବାଡ଼ି ସୁରକ୍ଷା ଯୋଗାଇଦେଇଥାଏ। ଶୀତର ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳର ଆବଶ୍ୟକତା ପଡ଼ିଥାଏ। ସେହିପରି ସାଂସାରିକ ଅଭିଜ୍ଞତା ଦୃଷ୍ଟିରୁ ଘରର ରକ୍ଷକ ପୁରୁଖା ଲୋକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ଧାର ରାତି**
**କେହି ନ ଜାଣନ୍ତି କାହାର ଜାତି ।**

ଅନ୍ଧକାରରେ ଆଖିକୁ କିଛି ସ୍ପଷ୍ଟ ଦିଶି ନ ଥାଏ। ଅନ୍ଧାରରେ ଯେମିତି ଜଣେ ଅନ୍ୟ ଜଣକୁ ଜାଣିବା ମୁସ୍କିଲ, ଉପର ଠାଉରିଆ ଭାବେ ସେମିତି ଜଣେ ଅନ୍ୟର ସ୍ୱଭାବ ଅବା ମନୋଭାବ ଠିକ ଭାବେ କଳନା କରିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଜୀବନ ନେଉଛି କଫ୍ ...

ସେପ୍ଟେମ୍ବର ୭ରୁ ଅଦ୍ୟାବଧି ନକଲି କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ ୭ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୩ ପିଲା ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ କେତେକ ରାଜ୍ୟରେ ମଧ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଅଭିଯୋଗ ଆସିବା ପରେ ପ୍ରଥମେ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ତେବେ ତାମିଲନାଡୁର ସ୍ରେସାନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କୋଲ୍ଡ୍‌ରିଫ୍ ସିରପ୍‌ରେ ଡିଇଜି ମାତ୍ରା ଅତ୍ୟଧିକ ରହିଥିବା ଯାଞ୍ଚରୁ ଜଣାପଡ଼ିଥିବା ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି। ଡିଇଜି ହେଉଛି ଏଭଳି ଏକ ବିଷାକ୍ତ ଉପାଦାନ, ଯାହାକୁ ଶିଳ୍ପ ଉତ୍ପାଦ ରୂପେ ବ୍ୟବହାର କରାଯାଇଥାଏ। ମଧ୍ୟପ୍ରଦେଶରେ ଉପଲବ୍ଧ କଫ୍ ସିରପ୍‌ରେ ଡିଇଜିର ମାତ୍ରା ଯାଞ୍ଚ କରିବା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ, ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ସିଡିଏସ୍‌ସିଓ ଏବଂ ଏମ୍ସ ନାଗପୁରର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ଛିନ୍ଦୱାଡ଼ା ଶିଶୁ ମୃତ୍ୟୁର ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ମଧ ସନ୍ଦେହ ଘେରକୁ ଆସିଥିଲା। ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍ ସେବନକରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲା।

## ନିର୍ମାଣ ହେବ ଅତ୍ୟାଧୁନିକ ...

ପୂଜାରୀ କହିଛନ୍ତି, ଭୁବନେଶ୍ୱର ମଧ୍ୟ ଭୂମିକମ୍ପ ପ୍ରବଣ ଅଞ୍ଚଳ। ଭଗବାନ କରନ୍ତୁ କିଛି ନ ହେଉ। ହେଲେ କିଛି ଯଦି ହୋଇଯାଏ ତେବେ ବର୍ତ୍ତମାନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାମ କରୁଛନ୍ତି ସେଗୁଡ଼ିକ ପ୍ରଭାବିତ ହେବେ। ତେଣୁ ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ନୂଆ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ହେବ ତାହା ମଲ୍ଟି ଷ୍ଟୋରିଏଡ୍ ଏବଂ ଭୂତଳ ବିଲ୍ଡିଂ ହେବ। ଯଦି ଭୁବନେଶ୍ୱରରେ କେବେ ବିପର୍ଯ୍ୟୟ ଆସେ ତାକୁ କଣ୍ଟ୍ରୋଲ କଲାଭଳି ଦପ୍ତର, କଣ୍ଟ୍ରୋଲ ରୁମ୍ ରହିବ। ବିପର୍ଯ୍ୟୟ ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାର୍ଯ୍ୟ କରୁଛନ୍ତି ସେଗୁଡିକ ଭିନ୍ନ ଭିନ୍ନ ସ୍ଥାନରେ ରହିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ଲୋକସେବା ଭବନ ଭିତରେ ରହିଛି। ଅଗ୍ନିଶମ ବିଭାଗ ଲୋକସେବା ଭବନଠାରୁ ୫ କି.ମି. ଆଗକୁ ପୁରୀ ରୋଡ୍‌ରେ ରହିଛି। ସେହିପରି ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଜଙ୍ଗଲ ବିଭାଗ, ପାଣିପାଗ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୂଳଦୁଆ କାମ କରିଥାଆନ୍ତି। ସେହିସବୁ ବିଭାଗକୁ ସମାହିତ କରି ଗୋଟିଏ ସ୍ଥାନରେ କାର୍ଯ୍ୟ କରାଯିବ। ସେସବୁ ସଂସ୍ଥାର କାର୍ଯ୍ୟ ଗୋଟିଏ ଦପ୍ତରରେ ଚାଲିବ। ସେହିସବୁ ସଂସ୍ଥାର କର୍ମଚାରୀମାନଙ୍କୁ ଯୋଡ଼ିବା ଲାଗି ଆଧୁନିକ କାରିଗରିର ବ୍ୟବସ୍ଥା ରହିବ। ଜିଲାପାଳମାନଙ୍କ ସହ ବିଜୁଳି ଏବଂ ଟେଲିକମ୍ୟୁନିକେଶନ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ସେମାନଙ୍କ ସହ ଯୋଡ଼ିହେବା ଲାଗି ଆଧୁନିକ ବ୍ୟବସ୍ଥା କରାଯିବ। ସେମାନଙ୍କ ଠାରୁ ସବିଶେଷ ବିବରଣୀ ନିଆଯିବ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲାଭଳି କାର୍ଯ୍ୟାଳୟ ହେବାକୁ ଯାଉଛି। ସେହି କାର୍ଯ୍ୟାଳୟର କାମ ଶେଷ ହେବା ପାଇଁ ୨ ବର୍ଷ ସମୟ ଲାଗିବ। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଭେଟି ଆଲୋଚନା କଲାବେଳେ ରାଜ୍ୟ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ଲାଗି ଥିବା ଅତ୍ୟାଧୁନିକ ବ୍ୟବସ୍ଥା ବିଷୟରେ କହିଥିଲେ। କେନ୍ଦ୍ର ପାଖରେ ନିଶ୍ଚିତ କିଛି ଅଧିକ ଅତ୍ୟାଧୁନିକ ବ୍ୟବସ୍ଥା ରହିଥାଇପାରେ, ସେଥିଲାଗି ତଥ୍ୟ ଦେବା ପାଇଁ ଏବଂ ସହଯୋଗ କରିବାକୁ ଅନୁରୋଧ କରିଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

- **୨ ବର୍ଷରେ ସରିବ କାର୍ଯ୍ୟ, ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ମଞ୍ଜୁର**
- **ବିପର୍ଯ୍ୟୟ ମୁକାବିଲା କରୁଥିବା ସବୁ କାର୍ଯ୍ୟାଳୟ ଗୋଟିଏ ଜାଗାରେ ରହିବ**
- **ଲୋକସେବା ଭବନ ପାଖରେ ହେବ ଏବି ମଲ୍ଟି ଷ୍ଟୋରିଏଡ୍ , ଭୂତଳ ବିଲ୍ଡିଂ**


## ୩ ଦିନର ଶିଶୁକନ୍ୟା ...

ଏହି ଟିମ୍ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟାଙ୍କ ବାପା ଫେରାର ହୋଇଯାଇଥିବା ବେଳେ ମା' ତାଙ୍କ ବାପଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ଗ୍ରାମକୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ କନ୍ୟା ସନ୍ତାନ ଥିଲା। ଗତ ୩୦ ତାରିଖରେ ଆଉ ଏକ କନ୍ୟା ସନ୍ତାନ ବାସୁଦେବପୁର ଡାକ୍ତରଖାନାରେ ଜନ୍ମ ନେଇଥିଲା। ଶିଶୁକନ୍ୟା ଜନ୍ମ ହେବା ପରେ ବ୍ୟକ୍ତିଜଣକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିଲେ। ଏହାସହ ସେହି ଶିଶୁକନ୍ୟାଙ୍କୁ କାହାକୁ ଦେଇଦେବା ପାଇଁ ଯୋଜନା କରିଥିଲେ। ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ମହିଳାଜଣକ ଘରକୁ ଆସିବା ପରେ ଶନିବାର ଶିଶୁକନ୍ୟାଙ୍କୁ ତିହିଡ଼ି ବ୍ଲକ ପୀରହାଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ରାଜ୍ୟ ଶିଶୁ ସୁରକ୍ଷା ଡେସ୍କର ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଖୋଳତାଡ଼ କରିଛି। ତଦନ୍ତ ବେଳେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଙ୍କ କହିବା ଅନୁଯାୟୀ, ନବଜାତ ଶିଶୁର ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଶନିବାର ତାଙ୍କ ଘରକୁ ଯାଇଥିଲେ। ହେଲେ ଶିଶୁକନ୍ୟା ଓ ତାଙ୍କ ମା' ଘରେ ନ ଥିଲେ। ଏଣୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେତେ ଟଙ୍କାରେ ଶିଶୁକନ୍ୟାଙ୍କୁ ବିକ୍ରି କରାଯାଇଛି ସେନେଇ ଶିଶୁ ସୁରକ୍ଷା ବିଭାଗ ତଦନ୍ତ ଆରମ୍ଭ କରିଛି। ବିଭାଗର ବାହ୍ୟ କର୍ମୀ ଦମୟନ୍ତୀ ଦାସ, ମାମଲା କର୍ମୀ ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି, ପରାମର୍ଶଦାତା ଲକ୍ଷ୍ମଣ କୁମାର ଜେନା ଅନୁସନ୍ଧାନ କରିଛନ୍ତି। ଶିଶୁକନ୍ୟାଙ୍କ ମା' ବାପା ଅନୁପସ୍ଥିତ ଥିବାରୁ ଘଟଣାର ତଦନ୍ତ ଆଗେଇ ପାରି ନ ଥିବାବେଳେ ସମସ୍ତ ଦିଗକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର ବାହ୍ୟ କର୍ମୀ ଦାସ କହିଛନ୍ତି।

## ଗିଲ୍ ଦିନିକିଆ କ୍ରିକେଟ ...

ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି ଯେ, ନେତୃତ୍ୱରେ ପରିବର୍ତ୍ତନ କରାଯିବା ପୂର୍ବରୁ ରୋହିତଙ୍କୁ ଯୋଗାଯୋଗ କରାଯାଇଥିଲା। ଆମେ ଅଧିକ ଦିନିକିଆ ମ୍ୟାଚ୍ ଖେଳୁନାହୁଁ। ଦଳର ନେତୃତ୍ୱ ସମ୍ଭାଳିବାକୁ ଯାଉଥିବା ପରବର୍ତ୍ତୀ ଖେଳାଳିଙ୍କୁ ବିଶ୍ୱକପ୍ ପୂର୍ବରୁ ଯଥେଷ୍ଟ ସମୟ ଦିଆଯିବା ଦରକାର, ଯାହା ଫଳରେ ସେ ପ୍ରସ୍ତୁତ ହୋଇପାରିବେ। ନେତୃତ୍ୱରେ ପରିବର୍ତ୍ତନ କରିବା ଏକ କଷ୍ଟକର ନିଷ୍ପତ୍ତି ଥିଲା। ରୋହିତ ଅଧିନାୟକ ଭାବେ ଚାମ୍ପିୟନ୍ସ ଟ୍ରଫି ଜିତି ନ ଥିଲେ ମଧ ତାଙ୍କୁ ବଦଳାଇବା ନିଷ୍ପତ୍ତି ନେବା କଷ୍ଟକର ହୋଇଥାନ୍ତା। କିନ୍ତୁ ବେଳେବେଳେ ତୁମକୁ ଆଗକୁ ଦେଖିବାକୁ ପଡ଼େ। ଦଳର ହିତ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ନଡ୍ଡା, ରାଧାକ୍ରିଷ୍ଣନ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)**

**ସାଙ୍ଗଠନିକ ବିଷୟ ଓ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିବା କହିଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କର ଦିନିକିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ସନ୍ଧ୍ୟା ସୁଦ୍ଧା ଓଡ଼ିଶା ଫେରି ଆସିଛନ୍ତି। ପୂର୍ବରୁ ତାଙ୍କର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଏହି ଅବସରରେ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟକରି କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା। ଏହି ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆଗକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଉପସ୍ଥିତ ଥିଲେ। କିଛିଦିନ ହେବ ଦଳର ସାଙ୍ଗଠନିକ ନିଯୁକ୍ତି, ବୋର୍ଡ ଓ ନିଗମରେ ନିଯୁକ୍ତି ,ଏହା ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ହୋଇଆସୁଛି। ତେଣୁ ଏହିସବୁ କାର୍ଯ୍ୟ କରିବା ଉପରେ କିଛି ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଏହି ଦିନିକିଆ ଗସ୍ତ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସମ୍ପର୍କିତ ବହି ପ୍ରଦାନ କରି ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିବା କଥା କହିଛନ୍ତି। ଉପରାଷ୍ଟ୍ରପତିଙ୍କ ପ୍ରେରଣା ଓ ମାର୍ଗଦର୍ଶିକା ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମଧ୍ୟ ବିଜୟପାଲ ସାଙ୍ଗରେ ଯାଇଥିଲେ।

# ବିଜେଡି ଛାଡ଼ିଲେ ଅନ୍ତର୍ଯାମୀ ଗମାଙ୍ଗ



**ପାରଳାଖେମୁଣ୍ଡି,୪।୧୦(ଗିରିଧାରୀ ପରିଚ୍ଛା)**

୨୦୨୪ ସାଧାରଣ ନିର୍ବାଚନରେ ମୋହନାର ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅନ୍ତର୍ଯାମୀ ଗମାଙ୍ଗ ଶନିବାର ବିଜେଡି ଛାଡ଼ିଛନ୍ତି। ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ପ୍ରଦତ୍ତ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିବା ବେଳେ ବିଜେଡିରେ ବିଶୃଙ୍ଖଳା ଯୋଗୁ ଦଳରୁ ଇସ୍ତଫା ଦେବାକୁ ପଡିଲା ବୋଲି କହିଛନ୍ତି। ଅନ୍ତର୍ଯାମୀ ୨୦୦୯ରେ ଭାଜପାରୁ ମୋହନା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାତ୍ର ୨୦୧୪ରେ ସେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ଯୋଗଦାନ ପରେ ମୋହନାରେ ବିଜେଡି ସଶକ୍ତ ହୋଇଥିଲା। ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ୨୦୨୪ରେ ଅନ୍ତର୍ଯାମୀ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ସେ ଜିତି ପାରି ନ ଥିଲେ। ସେ ୨୦୧୭ରୁ ୨୦୧୯ ଯାଏ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଥିଲେ।

# ‘ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ’ରେ ଓଡ଼ିଶା ଅଗ୍ରଣୀ

**ଭୁବନେଶ୍ୱର,୪।୧୦(ବନ୍ଦନା ସେଠୀ)**

- ୧ କୋଟିରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଦେଶରେ ଦ୍ୱିତୀୟ ସର୍ବାଧିକ
- ୮୫ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚତୁର୍ଥ ସ୍ଥାନ ହାସଲ

‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନରେ ଜାତୀୟସ୍ତରରେ ଓଡ଼ିଶା ଅଗ୍ରଣୀ ରହିବା ସହ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସା ହାସଲ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଯାଏ ଚାଲିଥିବା ଏହି ଅଭିଯାନ ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ଗୋଷ୍ଠୀ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି। ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୫ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି, ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାଗୁଡ଼ିକରେ ୧୨ଲକ୍ଷ ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ଲକ୍ଷ ସ୍ତନକର୍କଟ ସ୍କ୍ରିନିଂ, ୪୦ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ଲକ୍ଷ କିଶୋରୀ ଝିଅଙ୍କ ମାସିକଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହାବ୍ୟତୀତ ବିଭିନ୍ନ ଜିଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ ସଂଗ୍ରହ କରାଯାଇଛି। ଜାତୀୟ ଡାଟା ପୋର୍ଟାଲ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି। ମୋଟ ଶିବିର ଓ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବାବେଳେ ଓଡ଼ିଶା ଲିଙ୍ଗ-ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ଭଲ ପ୍ରଦର୍ଶନ କରିଛି। କର୍କଟ ସ୍କ୍ରିନିଂ ଏବଂ ମାସିକ ଋତୁସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଥିବା ନେଇ ସୂଚନା ରହିଛି।

# ସହଯୋଗର ଗୁରୁତ୍ୱ




ଶିକ୍ଷକମାନଙ୍କର ସମାଜ ପ୍ରତି ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏଥିସକାଶେ ସେମାନଙ୍କୁ ସମ୍ମାନିତ କରିବା ପାଇଁ ୧୯୯୪ରେ ଅକ୍ଟୋବର ୫ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ଭାବରେ ପାଳନ ଲାଗି ୟୁନେସ୍କୋ ଘୋଷଣା କରିଥିଲା। ପୃଥିବୀର ୧୦୦ ରୁ ଅଧିକ ଦେଶ ଉକ୍ତ ଦିନ ବିଶ୍ୱ ଶିକ୍ଷକ ଦିବସ ପାଳନ କରିଆସୁଛନ୍ତି। ଆମ ଦେଶରେ ମହାନ୍ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ (ସେପ୍ଟେମ୍ବର ୫)କୁ ଗୁରୁ ଦିବସ ଭାବରେ ପାଳନ କରାଯାଉଛି। ତେବେ ଚଳିତ ବର୍ଷ ବିଶ୍ୱ ଶିକ୍ଷକ ଦିବସ ଲାଗି ବିଷୟବସ୍ତୁ ରହିଛି ‘ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତି ଭାବରେ ପୁନଃ ସ୍ଥାପନ କରିବା’। ଏହା ଶିକ୍ଷକ, ଛାତ୍ର, ସମ୍ପ୍ରଦାୟ ଓ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ ଏବଂ ସହଯୋଗର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ, ଯାହାଦ୍ୱାରା ବୃତ୍ତିଗତ ଅଭିବୃଦ୍ଧି ଓ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରାଯାଇପାରିବ।

# ନିର୍ବାହୀ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର

**ଅନୁଗୋଳ,୪।୧୦(ଦିବ୍ୟଶାନ୍ତନୁ ନାଥ)**

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କୁ ପ୍ରଶଂସା କରାଯାଇଛି। ଅନୁଗୋଳ ପୌରପାଳିକାର ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଛାୟତଙ୍କ ଅବସର ଦିବସକୁ ନିର୍ବାହୀ ଅଧିକାରୀ ଏକ ସ୍ନେହ, ସମ୍ମାନ ଓ ଗରିମାର ସ୍ପର୍ଶ ଦେଇ ସ୍ମୃତିମୟ ଅନୁଭବରେ ପରିଣତ କରିଥିବାରୁ ବିଭାଗ ପକ୍ଷରୁ ଏହି ପ୍ରଶଂସାପତ୍ର ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗତ ୩ ତାରିଖରେ ଏହି ପ୍ରଶଂସାପତ୍ର ଜାରି କରିବା ସହ ସେଥିରେ ଲେଖିଛନ୍ତି, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶଙ୍କ ଏପରି ଉଦ୍ୟମ କେବଳ ଏକ ଔପଚାରିକତା ନୁହେଁ; ଏହା ଦୟା, ସମାନତା ଓ ମାନବିକ ଶାସନର ପ୍ରତୀକ। ଏହା ସମସ୍ତ ସହରର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଏକ ପ୍ରେରଣାର ସୂତ୍ର। ଏହି ଘଟଣା ମାନବିକତା ଓ ସେବାଭାବ ଆଧାରିତ ଶାସନର ଏକ ଉଦାହରଣ ହୋଇ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସେବା ଓ ସମ୍ମାନର ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ, ଦୀର୍ଘ ୩୧ ବର୍ଷ ଧରି ଅନୁଗୋଳ ପୌରପାଳିକାରେ ନିଷ୍ଠାପର ଭାବେ ସେବା କରିଥିବା ସଫେଇ କର୍ମଚାରୀ ଲକ୍ଷ୍ମଣଙ୍କୁ ଗତ ୩୦ ତାରିଖରେ ଏକ ନିଆରା ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିର୍ବାହୀ ଅଧିକାରୀ ତ୍ରିପାଠୀ ଏହାର ଆୟୋଜନ ସହ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆଗାମୀ ଦିନରେ ପୁନଃ ନିଯୁକ୍ତି ଦିଗରେ ଉଦ୍ୟମ କରିବାକୁ ଆଶ୍ୱାସନା ଦେଇଥିଲେ। ଏପରି କି ଲକ୍ଷ୍ମଣଙ୍କ ଇଚ୍ଛା ପଚାରି ତାଙ୍କୁ କାର୍‌ରେ ନେଇ ଏକ ଷ୍ଟାର ହୋଟେଲରେ ଖୁଆଇବା ସହ ଘରେ ଛାଡ଼ିଥିଲେ।

**ଅନୁଗୋଳ ପୌର ସଫେଇ କର୍ମଚାରୀଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା ଘଟଣା**


Usha Padhee, IAS

Housing and Urban Development Department
Government of Odisha

COMMENDATION

The Department proudly acknowledges the noble gesture of Shri Satya Prakash Tripathy, Executive Officer, Angul Municipality, who, on the occasion of the retirement of Sri Laxman Gochhayat, Safai Karmachari, infused the moment with warmth, dignity, and respect-transforming a routine farewell into a cherished memory.

Such an act is more than ceremonial; it is a testament to the values of compassion, inclusiveness, and humane governance. By honouring a frontline worker with genuine empathy, Shri Tripathy has reaffirmed that true leadership is reflected not only in policy and delivery, but also in the ability to recognise and celebrate human dignity at every level.

The Department commends this inspiring display of sensitivity and values-driven leadership and believes it will serve as a guiding light for officers across Urban Local Bodies-strengthening the spirit of service, humanity, and respect that defines good governance in a progressive Odisha.

Best wishes,

(Usha Padhee) 3/10/2025

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର।

# ୧୫୨ ସ୍ପେଶାଲ ସ୍କୁଲର ୮୪୫୯ ପିଲାଙ୍କ ଆଖି ପରୀକ୍ଷା ନିର୍ଦ୍ଦେଶ

**ଭୁବନେଶ୍ୱର,୪।୧୦(ସୁଚିସ୍ମିତା ସାହୁ)**

ରାଜ୍ୟ ସରକାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ସ୍ପେଶାଲ ସ୍କୁଲ ପିଲାଙ୍କ ଆଖିର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଚଳିତବର୍ଷ ମୋଟ ୧୫୨ଟି ସ୍ପେଶାଲ ସ୍କୁଲରେ ପଢୁଥିବା ମୋଟ ୮୪୫୯ଜଣ ପିଲାଙ୍କ ଆଖି ପରୀକ୍ଷା କରାଯିବ। ଅକ୍ଟୋବରରୁ ସମ୍ପୃକ୍ତ ସ୍ପେଶାଲ ସ୍କୁଲଗୁଡିକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ଆଖି ପରୀକ୍ଷା କରାଯିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଚଷମା ବଣ୍ଟନ କରାଯିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଓସେପା କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛି।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ଆଖି ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୩୦ ଜିଲାର ୧୦୩ ସ୍ପେଶାଲ ସ୍କୁଲ୍‌ର ୬୦୮୯ଜଣ ଏବଂ ୪୯ଟି ଆବାସିକ ସ୍ପେଶାଲ ସ୍କୁଲ୍‌ର ୨୩୭୦ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୯ଟି ସ୍କୁଲ ରହିଛି। ସେହିପରି ସର୍ବନିମ୍ନ ଭାବେ ନବରଙ୍ଗପୁର, ନୂଆପଡା ଏବଂ ସୋନପୁରରେ ଗୋଟିଏ ଲେଖାଏ ସ୍କୁଲରେ ଆଖି ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୩୧ ଜଣ ପିଲା ରହିଥିବା ବେଳେ ସୋନପୁରରେ ସର୍ବନିମ୍ନ ୩୦ଜଣ ପିଲା ରହିଛନ୍ତି। ଗୋଟିଏ କ୍ୟାମ୍ପରେ ୫୦ଜଣ ପିଲାଙ୍କ ପରୀକ୍ଷା କରାଯିବ। ପିଲାଙ୍କ ସଂଖ୍ୟାକୁ ଦେଖି ଅଧିକ ସଂଖ୍ୟାକ କ୍ୟାମ୍ପ କରାଯିବାର ଯୋଜନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୧୦୮୫ଟି ଦୁର୍ଗାମେଢକୁ ୭.୦୧ କୋଟି ଅନୁଦାନ ମିଳିବ

**ଭୁବନେଶ୍ୱର,୪।୧୦(ସୌମ୍ୟରଞ୍ଜନ ରାଉତ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ପ୍ରଥମଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଗୁଡ଼ିକୁ ଆର୍ଥିକ ଅନୁଦାନ ଦିଆଯିବ। ଏଥିପାଇଁ ୧,୦୮୫ଟି ଦୁର୍ଗାମେଢ଼ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏ ବାବଦକୁ ମୋଟ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ‘କ’ ବର୍ଗରେ ଥିବା ଐତିହ୍ୟସମ୍ପନ୍ନ ୨୧୫ଟି ଦୁର୍ଗାମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଲେଖାଏ ମୋଟ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ଓ ‘ଖ’ ବର୍ଗରେ ଥିବା ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୭୫ହଜାର ଟଙ୍କା ଲେଖାଏ ମୋଟ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। ‘ଗ’ ବର୍ଗରେ ୫୦ ବର୍ଷ ପୁରୁଣା ୬୭୩ଟି ମେଢ଼କୁ ୫୦ହଜାର ଟଙ୍କା ଲେଖାଏ ମୋଟ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ଦିଆଯିବ।

# ଜାନୁଆରୀ ୨୨ରୁ ୩ ଦିନିଆ କୃଷି ଓଡ଼ିଶା ୨୦୨୫-୨୬

**ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)**

କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କୃଷି ଓଡ଼ିଶା ସମାବେଶ ଖୁବ୍ ଉତ୍ସାହର ସହ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷଠାରୁ ପ୍ରତିବର୍ଷ ଜାନୁଆରୀର ଏହିଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ। କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ର ପ୍ରଦର୍ଶନ କରାଯିବ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ। କୃଷି ଯାନ୍ତ୍ରିକୀକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ୍ୟ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଭଉଣୀଭାଇଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକର ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି।

# କପିଳେନ୍ଦ୍ରଦେବଙ୍କ ଶାସନକାଳର ଶିଳାଲିପି ପୁନଃ ଆବିଷ୍କୃତ

**ଭୁବନେଶ୍ୱର,୪।୧୦ (ସୌମ୍ୟରଞ୍ଜନ ରାଉତ)**

**ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ମିଳିଲା**

ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ଶାସନକାଳ ୧୫ଶହ ଶତାବ୍ଦୀର ଗୋଟିଏ ଶିଳାଲିପି ଶୁକ୍ରବାର ଲୋକଲୋଚନକୁ ଆସିଛି। ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ପକ୍ଷରୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଭଟ୍ଟିଚେରୁକୁରୁ ମଣ୍ଡଳ ଅନ୍ତର୍ଗତ ଚିନ୍ତାପଲ୍ଲିପାଡୁ ଗ୍ରାମରୁ ଏହାର ପୁନଃଆବିଷ୍କାର ହୋଇଛି। ଏହି ପ୍ରତ୍ନତାତ୍ତ୍ୱିକ ଶିଳାଲିପିଟି ଗଜପତି କପିଳେନ୍ଦ୍ରଙ୍କ ଆତ୍ମୀୟ ତଥା କୋଣ୍ଡବିଡୁର ପ୍ରାଦେଶିକ ଶାସକ ଗଣଦେବ ରାଉତରାୟ ମହାପାତ୍ରଙ୍କ ସମ୍ବନ୍ଧୀୟ ବୋଲି ଜଣାପଡିଛି। ହେରିଟେଜ ଗ୍ରୁପ୍‌ର ୩ ସଦସ୍ୟ ଦୀପକ କୁମାର ନାୟକ, ରବୀନ୍ଦ୍ର କୁମାର ରଣା ଓ ବିକ୍ରମ କୁମାର ନାୟକ ଏହି ଐତିହ୍ୟ ଅନୁସନ୍ଧାନ କାର୍ଯ୍ୟରେ ସାମିଲ ଥିଲେ। ସର୍ଭେ ଟିମ୍ ସଦସ୍ୟ ରବୀନ୍ଦ୍ର କହିଛନ୍ତି, ଏହି ଶିଳାଲିପିର ସୂଚନା ପ୍ରଥମେ ୧୯୧୭ ମସିହାର ‘ଆନୁଆଲ୍ ରିପୋର୍ଟ ଅନ୍ ସାଉଥ୍ ଇଣ୍ଡିଆନ୍ ଇପିଗ୍ରାଫି’ରେ ପ୍ରକାଶିତ ହୋଇଥିଲା। ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ କାଳ ଶକାବ୍ଦ ୧୩୭୬ ବା ଖ୍ରୀଷ୍ଟାବ୍ଦ ୧୪୫୪ରେ ଏକ ହନୁମାନ ସ୍ତମ୍ଭରେ ଏହା ସଂସ୍କୃତ ଭାଷା ଓ ତେଲୁଗୁ ଲିପିରେ ଉତ୍କୀର୍ଣ୍ଣ କରାଯାଇଥିଲା। ଶିଳାଲିପିଯୁକ୍ତ ହନୁମାନ ସ୍ତମ୍ଭଟି



ଆନ୍ଧ୍ରପ୍ରଦେଶର ଚିନ୍ତାପଲ୍ଲୀପାଡୁ ଗ୍ରାମରୁ ପୁନଃ ଆବିଷ୍କୃତ ହୋଇଥିବା ୧୫ଶହ ଶତାବ୍ଦୀର ଶିଳାଲିପି ସହ ରିଡସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ ଟିମ୍।

ପରବର୍ତ୍ତୀ ସମୟରେ ଚିନ୍ତାପଲ୍ଲିପାଡୁ ଗ୍ରାମର ରାମ ମନ୍ଦିର ସମ୍ମୁଖରେ ସ୍ଥାପିତ ହୋଇଥିବା ଦେଖାଯାଇଛି। ୧୯୧୭ର ବାର୍ଷିକ ରିପୋର୍ଟରୁ ଶିଳାଲେଖଟିରେ ଗଣଦେବ ରାଉତରାୟଙ୍କ ନାମ ଉଲ୍ଲେଖ ଥିବା ସ୍ପଷ୍ଟ ହୋଇଛି। ସ୍ତମ୍ଭର ଅଧିକାଂଶ ଅଂଶ ସିମେଣ୍ଟ ତଳେ ପୋତି ହୋଇ ରହିଥିବାରୁ କେବଳ କିଛି ଧାଡି କ୍ଷୟପ୍ରାପ୍ତ ଅକ୍ଷର ବର୍ତ୍ତମାନ ଦୃଶ୍ୟମାନ ହେଉଛି। ସ୍ତମ୍ଭରେ ହନୁମାନ, ଗରୁଡ଼ ଏବଂ ସୂର୍ଯ୍ୟ-ଚନ୍ଦ୍ରଙ୍କ ଚିହ୍ନ ଖୋଦିତ ହୋଇଛି ବୋଲି ସେ କହିଛନ୍ତି।

ଐତିହ୍ୟ ଗବେଷକ ଦୀପକ କହିଛନ୍ତି, ଶାସକ ଗଣଦେବଙ୍କ ନାମ ୧୪୫୫ ମସିହାର କୋଣ୍ଡବିଡୁର ଏକ ତାମ୍ରଶାସନରେ ମଧ୍ୟ ଉଲ୍ଲେଖିତ। ୧୪୫୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ପରେ କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ସେନାବାହିନୀ କୃଷ୍ଣା ନଦୀ ଅତିକ୍ରମ କରି କୋଣ୍ଡବିଡୁ ଦୁର୍ଗକୁ ଜୟ କରିଥିଲେ। ଗଜପତି କପିଳେନ୍ଦ୍ରଙ୍କ ସେନାରେ ସାମିଲ ଥିବା ଗଣଦେବ ସୂର୍ଯ୍ୟବଂଶୀ ପରିବାରର ଥିଲେ ଏବଂ ଗୁହିଦେବ ପାତ୍ରଙ୍କ ପୁତ୍ର ଥିଲେ। ଯୁଦ୍ଧ କରିବା ସମୟରେ ସେ ଦୁଇଜଣ ତୁରକ୍ଷ ରାଜପୁତ୍ରଙ୍କୁ ପରାଜିତ କରିଥିଲେ ବୋଲି ଦୀପକ କହିଛନ୍ତି। ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ବିକାଶ କହିଛନ୍ତି, ଏହି ପୁନଃଆବିଷ୍କାର ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉଭୟ ରାଜ୍ୟର ପାରସ୍ପରିକ ଇତିହାସ ପାଇଁ ଅମୂଲ୍ୟ। ଆମର ସର୍ଭେ ଟିମ୍ ଦକ୍ଷିଣ ଭାରତରେ ପ୍ରାଚୀନ କଳିଙ୍ଗ ଇତିହାସ ସହ ସମ୍ପୃକ୍ତ ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ନିମନ୍ତେ ଅବିରତ ପ୍ରୟାସ କରିଆସୁଛି ଓ ଖୁବ୍‌ଶୀଘ୍ର ଏହି ଅମୂଲ୍ୟ ତଥ୍ୟଗୁଡ଼ିକ ଉପରେ ପର୍ଯ୍ୟବେକ୍ଷିତ ଗୋଟିଏ ପୁସ୍ତକ ପ୍ରକାଶ କରାଯିବାକୁ ଆମେ ଯୋଜନା କରୁଛୁ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିବ୍ୟ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ- ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା - ଗୁରୁର ଚରମ ନିଷ୍ପରତା। -ଶ୍ରୀମା



# ମାନବାଧିକାର କ୍ଷୁଣ୍ଣ



ଆକାର ପଟେଲ

ମୁଁ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ ପକ୍ଷରୁ ଭାରତରେ ମାନବ ଅଧିକାର ଉପରେ ପ୍ରସ୍ତୁତ ଏକ ରିପୋର୍ଟ ପ୍ରତିବର୍ଷ ଶେଷ ଆଡ଼କୁ ପ୍ରକାଶ ପାଇଥାଏ। ଏହି ରିପୋର୍ଟ ଆମନେଷ୍ଟି ଇଣ୍ଟରନ୍ୟାସନାଲର ବୈଶ୍ୱିକ ଆକଳନର ଏକ ଅଂଶ। ଏହି ଆକଳନ ବିଶ୍ୱର ଦେଶଗୁଡ଼ିକରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ଉପରେ ଧ୍ୟାନ ଦେଇଥାଏ। ଚଳିତବର୍ଷ ସେପ୍ଟେମ୍ବରରେ ପ୍ରକାଶିତ ରିପୋର୍ଟରୁ ପାଠକମାନେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହୀ ହେବେ। ଜାନୁଆରୀରେ ଉତ୍ତରାଖଣ୍ଡ ଆଇନଗୁଡ଼ିକ ପାସ୍ କରିଥିଲା, ଯାହା କପଟପୂର୍ଣ୍ଣ ବିବାହ ମାଧ୍ୟମରେ ହେଉଥିବା ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଲିଭ୍-ଇନ୍-ରିଲେସନସିପ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛି। ଆଇନଗତ ଭାବେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ସଦସ୍ୟ ବିଶିଷ୍ଟ କମିଟିର ରିପୋର୍ଟକୁ ବିଚାରକୁ ନ ନିଆଯାଇ ଏହିସବୁ ନିୟମ ପାସ୍ କରାଯାଇଥିଲା। ଫେବୃଆରୀରେ ଧର୍ମାନ୍ତରୀକରଣ ସହ ଜଡ଼ିତ ତଥା ସହମତିଭିତ୍ତିରେ ହେଉଥିବା ଆନ୍ତଃଧର୍ମୀୟ ବିବାହକୁ ଅପରାଧୀକରଣ କରିବା ଲାଗି ରାଜସ୍ଥାନ ଏକ ବିଲ୍ ପାସ୍ କରିଥିଲା। ମହାରାଷ୍ଟ୍ର ମଧ୍ୟ ଆନ୍ତଃଧର୍ମୀୟ ବିବାହକୁ ରୋକିବା ଲାଗି ଏକ ପ୍ରସ୍ତାବ ପାସ୍ କରିଥିଲା ଏବଂ ସେହି ଏକା ମାସରେ ମାଲଭାନ ମ୍ୟୁନିସିପାଲ କର୍ପୋରେଶନ ଜଣେ ନାବାଳକର ବାପାଙ୍କ ସ୍କ୍ରାପ୍ ଦୋକାନକୁ ଭାଙ୍ଗି ଦେଇଥିଲା। କାରଣ ସେହି ବାଳକ ଚାମ୍ପିୟନ୍ସ ଟ୍ରଫି କ୍ରିକେଟରେ ପାକିସ୍ତାନ ବିରୋଧରେ ଭାରତର ବିଜୟ ପରେ କିଛି କହିଥିବାର ଅଭିଯୋଗ ହୋଇଥିଲା। ମାର୍ଚ୍ଚରେ 'ନୂଆ ଭାରତ'କୁ ନେଇ ପ୍ରଦର୍ଶନ କରିଥିବା କମେଡ଼ି ଶୋ ସହିତ ଜଡ଼ିତ ଥିବା କୁନାଲ କାମରାଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା, ଯାହା ଅଭିବ୍ୟକ୍ତିର ସ୍ୱାଧୀନତା, ଏକ ମୌଳିକ ଅଧିକାର ଉପରେ ଆକ୍ରମଣକୁ ଦର୍ଶାଇଥିଲା। ଏହାର ପୂର୍ବ ମାସରେ ଦିଲ୍ଲୀ ପୋଲିସ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ୧୨ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ୨୦୧୪ରେ ବିନା ଅନୁମତିରେ କିମ୍ବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କୁ ନ ଜଣାଇ ସ୍ଲୋଗାନ ଦେଉଥିବା ଦୁଇଜଣ ପିଏଚ୍‌ଡି ଛାତ୍ରଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ବିରୋଧରେ ଏହି ଛାତ୍ରମାନେ ପ୍ରତିବାଦ କରୁଥିଲେ। ମାର୍ଚ୍ଚ ମାସରେ ମଧ୍ୟ ଆସାମ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବ୍ୟାଙ୍କରେ ଆର୍ଥିକ ଅନିୟମିତତାକୁ ନେଇ ହୋଇଥିବା ଏକ ଆନ୍ଦୋଳନ ଉପରେ ଖବର ପ୍ରକାଶ କରିଥିବାରୁ ସାମ୍ବାଦିକ ଦିଲୱାର ହୁସେନ ମଜୁମଦାରଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ଲୋକଗୀତ ଗାୟିକା ନେହା ସିଂ ରାଥୋରଙ୍କ ବିରୋଧରେ ଲକ୍ଷ୍ନୌରେ ଏକ ଏଫ୍ଆଇଆର୍ ଦାଏର କରାଯାଇଥିଲା। ମେ'ରେ ଫାଇଜ ଅହମ୍ମଦ ଫଇଜଙ୍କ 'ହମ ଦେଖେଙ୍ଗେ' କବିତାକୁ ଆବୃତ୍ତି କରିଥିବା ଆକ୍ଟିଭିଷ୍ଟ ବୀର ସାଥୀଦାରଙ୍କ ସ୍ତ୍ରୀ ପୁଷ୍ପା ସାଥୀଦାରଙ୍କ ସମେତ ତିନି ଜଣଙ୍କ ବିରୋଧରେ ନାଗପୁର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା। ଅପରେଶନ ସିନ୍ଦୂର ସମ୍ପର୍କରେ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅଲି ଖାନ ମାମୁଦାବାଦଙ୍କ ବିରୋଧରେ ହରିୟାଣା ପୋଲିସ ପକ୍ଷରୁ ଦୁଇଟି ଏଫ୍ଆଇଆର୍ କରାଯାଇଥିଲା। ନାଗପୁର ପୋଲିସ ଅପରେଶନ ସିନ୍ଦୂରକୁ ଇନ୍‌ଷ୍ଟାଗ୍ରାମରେ ଅପମାନିତ କରିଥିବା ଅଭିଯୋଗରେ ୨୬ ବର୍ଷ ବୟସ୍କ ରେଜାଜ୍ ଏମ୍ ସିଦ୍ଦିକଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଅନ୍ ଲ'ଫୁଲ ଆକ୍ଟିଭିଟିଜ(ପ୍ରିଭେନସନ) ଆକ୍ଟ ବା ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ଲାଗୁ କରାଯାଇଥିଲା।

ପହଲଗାମ୍ ଆକ୍ରମଣ ପରେ ୨୨ ଏପ୍ରିଲରୁ ୮ ମେ' ମଧ୍ୟରେ ନାଗରିକ ଅଧିକାର ସୁରକ୍ଷା ସଙ୍ଗଠନ ମୁସଲମାନଙ୍କ ବିରୋଧରେ ଘଟିଥିବା ୧୮୪ଟି ଅପରାଧର ତାଲିକା ପ୍ରସ୍ତୁତ କରିଥିଲା। ଜୁନ୍‌ରେ ପାଲେଷ୍ଟାଇନ ସପକ୍ଷରେ ରାଲି କରିବାକୁ ଆଜାଦ ମଇଦାନରେ ଏକାଠି ହୋଇଥିବା ୧୯ ଜଣଙ୍କୁ ମୁମ୍ବାଇ ପୋଲିସ ଅଟକ ରଖିଥିଲା। ଜୁଲାଇରେ ରୟଟର ନ୍ୟୁଜର ଦୁଇଟି ଆକାଉଣ୍ଟ ସମେତ ୨୦୦୦ ଆକାଉଣ୍ଟକୁ ବନ୍ଦ କରିବା ପାଇଁ ଏକ୍ସ (ପୂର୍ବରୁ ଟୁଇଟର ଥିଲା)କୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟରେ ସାମ୍ବାଦିକ, ଐତିହାସିକ ଓ ମହିଳା ଅଧିକାର ପାଇଁ ଲଢୁଥିବା ବ୍ୟକ୍ତି ତଥା ଗବେଷକଙ୍କ ଦ୍ୱାରା ଲିଖିତ ୨୫ଟି ବହି ଉପରେ କଶ୍ମୀର ସରକାର ପ୍ରତିବନ୍ଧକ ଲଗାଇଥିଲେ। ଅଗଷ୍ଟରେ ଦେଶଦ୍ରୋହ ଅଭିଯୋଗରେ ଗୁଆହାଟି ପୋଲିସ ସାମ୍ବାଦିକ ସିଦ୍ଧାର୍ଥ ବର୍ଦ୍ଧରଞ୍ଜନ ଓ କରନ ଥାପାରଙ୍କୁ ଗିରଫ କରିଥିଲା। ତା'ପର ମାସ ଅର୍ଥାତ୍ ସେପ୍ଟେମ୍ବରରେ ଗାନ୍ଧୀନଗରର ଏକ କୋର୍ଟ ସାମ୍ବାଦିକ ଅଭିସାର ଶର୍ମା ଓ ରାଜୁ ପାରୁଲେକରଙ୍କୁ ନୋଟିସ୍ ଜାରି କରିଥିଲା। ଆସାମରେ ଖୁବ୍ କମ୍ ମୂଲ୍ୟରେ ବିରାଟ ଜମିକୁ ଆଦାନୀ ଗ୍ରୁପ୍‌କୁ ବିକ୍ରି କରାଯାଇଛି ବୋଲି ଏମାନେ ରିପୋର୍ଟିଂ କରିଥିଲେ। ଜୁଲାଇ ପ୍ରଥମାର୍ଦ୍ଧରେ ଗୋଆଲପଡ଼ାରେ ଆସାମ ସରକାର ଉଚ୍ଛେଦ ଅଭିଯାନ ଆରମ୍ଭ କରିବା ପରେ ପାଖାପାଖି ୧୮୦୦ ପରିବାର ଗୃହହୀନ ହୋଇଯାଇଥିଲେ, ଯେଉଁଥିରେ ଅଧିକାଂଶ ମୁସଲମାନ ପ୍ରଭାବିତ ହୋଇଥିଲେ। ଜୁଲାଇ ଦ୍ୱିତୀୟାର୍ଦ୍ଧରେ ଆସାମର ମୁସଲମାନ ବହୁଳ ଉରିୟାମଘାଟରେ ବ୍ୟାପକ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ସୁପ୍ରିମକୋର୍ଟ ଏହି ଅଭିଯାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ସେପ୍ଟେମ୍ବରରେ ଭାରତ ସରକାର ପୂର୍ବରୁ ଆଣିଥିବା ୪ଟି ଆଇନକୁ ରଦ୍ଦ କରି ଏବେ ଶରଣାର୍ଥୀଙ୍କୁ 'ଅବୈଧ ପ୍ରବାସୀ' ଭାବେ ବର୍ଗୀକୃତ କରିଛି। ଅକ୍ଟୋବରରେ ଆହୁରି ଅଧିକ ପଦକ୍ଷେପ ସାମ୍ନାକୁ ଆସିବ। ଅବଶ୍ୟ ଫେବୃଆରୀ ୨୦୨୦ରେ ଉତ୍ତରପୂର୍ବ ଦିଲ୍ଲୀରେ ଘଟିଥିବା ହିଂସାରେ ଜଡ଼ିତ ଥିବା ଅଭିଯୋଗରେ ଉମର ଖଲିଦ ଓ ଅନ୍ୟ ମୁସଲମାନ ଛାତ୍ର ଆକ୍ଟିଭିଷ୍ଟମାନେ ଏବେ ଜେଲରେ ରହିଛନ୍ତି।

ଜାତିସଂଘ ମାନବ ଅଧିକାର ଉଚ୍ଚାୟୁକ୍ତ ମଧ୍ୟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ପ୍ରତିବନ୍ଧାତ୍ମକ ଆଇନଗୁଡ଼ିକର ବ୍ୟବହାର ଏବଂ ମାନବ ଅଧିକାର ପାଇଁ ଲଢୁଥିବା କର୍ମୀ ଓ ସ୍ୱାଧୀନ ଭାବେ କାମ କରୁଥିବା ସାମ୍ବାଦିକଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ଚିନ୍ତିତ। କଶ୍ମୀର ସମେତ ବିଭିନ୍ନ ରାଜ୍ୟରେ ଲୋକଙ୍କୁ ମନଇଚ୍ଛା ଅଟକ ରଖାଯିବା ସହ ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସେ ମଧ୍ୟ ହିଂସା ଓ ମଣିପୁରରେ ବିସ୍ଥାପନକୁ ଶାନ୍ତି ଆଲୋଚନା ଓ ମାନବ ଅଧିକାର ଆଧାରରେ ସମାଧାନ କରିବାକୁ ପଦକ୍ଷେପ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏଭଳି ଚିନ୍ତା ବା ମନ୍ତବ୍ୟର ପ୍ରତିକ୍ରିୟାରେ ଦୂରଦର୍ଶନରେ ଏକ ତଥ୍ୟ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ଜାତିସଂଘ ମାନବ ଅଧିକାରର କଶ୍ମୀର ଓ ମଣିପୁର ଉପରେ ବ୍ୟର୍ଥ ଏବଂ ନିରାଧାର ମନ୍ତବ୍ୟକୁ ଭାରତ ନିନ୍ଦା କରେ'।

Email:aakar.patel@gmail.com

# ଦୟା ଅସ୍ତ୍ରଧାରୀ ଦାନବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସ୍ୱାର୍ଥସିଦ୍ଧିର ସଡ଼କରେ ପରସ୍ପରର ପ୍ରତିଯୋଗୀ ସାଜି ମଣିଷ ଯେତେ ଦ୍ରୁତଗତିରେ ଦୌଡ଼ିଲେ ବି ବେଳେବେଳେ ଏକ ଦିବ୍ୟ ମାନବୀୟ ଆହ୍ୱାନରେ ଆକର୍ଷିତ ହୋଇ ତା'ର ଗତି ଶିଥିଳ ହୋଇପଡ଼େ। କେଇ ମୁହୂର୍ତ୍ତ ପାଇଁ ପରାର୍ଥପ୍ରାଣତାର ଆତ୍ମିକ ଆକର୍ଷଣ ତା'ର ବ୍ୟକ୍ତି ସତ୍ତାକୁ କବଳିତ କରିନିଏ। କାହାର ଦୁଃଖପୂର୍ଣ୍ଣ ଦୁଃସ୍ଥିତି ତାକୁ ଦୁର୍ବଳ କରିଦିଏ ଓ ତା' ଭିତରେ ସୃଷ୍ଟିହୁଏ କେହି ଜଣେ ଅସହାୟ ସହଯାତ୍ରୀର ହାତଧରି ଆଗକୁ ବଢ଼ାଇ ନେବାର ଏକ ପ୍ରବଣତା। ସହଯାତ୍ରୀର ବିଷଣ୍ଣ ବଦନ ତାକୁ ଏମିତି ବ୍ୟତିବ୍ୟସ୍ତ କରିଦିଏ ଯେ, ତାହା ବାସ୍ତବ ବିଷଣ୍ଣତା କି ମଞ୍ଚର ପ୍ରଲେପମଖା ମୁହଁର ଅଭିନୟ, ତାହା ନିରେଖିବାକୁ ସେ ସମୟର ଅପଚୟ ଓ ମାନବତାର ଅପମାନ ବୋଲି ମନେକରେ। ବାସ୍, କେବଳ ତାହାର କିଛି କାମରେ ଆସିବାର ଏକ ମୁଗ୍ଧ ଅନୁଭବ ହିଁ ସେତେବେଳେ ଥାଏ ତା' ନିଷ୍ପତ୍ତିର ନିର୍ଣ୍ଣାୟକ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ, ଯେତେବେଳେ ଅଚିହ୍ନା ଅଜଣା କେହି ଦୁଃଖୀଜନର ମୁହଁରେ ହସ ଦେଖି ତା' ନିଜ ଓଠ କଡ଼ରୁ ଉକୁଟି ଆସେ ଏକ ସ୍ୱର୍ଗୀୟ ପରିତୃପ୍ତିର ହସଧାର।

ମାତ୍ର ଅସହାୟଙ୍କ ପ୍ରତି କୃପା, କରୁଣା ବା ଦୟା ସବୁବେଳେ ମାନବତାର ଆଧାର ହୋଇ ନ ଥାଏ। ଦୟା ମାଗୁଥିବା ଲୋକଟି ବି ଅଭିନୟ କରିପାରେ ଭିକ୍ଷୁ ବେଶଧାରୀ ରାବଣର ଅଭିନୟ ପରି। ନିଜର ଦୁଇଟିଯାକ ଅଚଳ ଗୋଡ଼କୁ ବଡ଼ କଷ୍ଟରେ ଘୋଷାଡ଼ି ଘୋଷାଡ଼ି ହାତରେ ଝାଡୁଟିଏ ଧରି ଡବାର ରେଳଯାତ୍ରୀମାନଙ୍କୁ ପରିଚ୍ଛନ୍ନ ପରିବେଶଟିଏ ଯୋଗାଇ ଦେଉଥିଲା ପନ୍ଦର ଷୋହଳ ବର୍ଷର ଭିନ୍ନକ୍ଷମ ତରୁଣଟିଏ। ବଗିଟିଯାକ ଝାଡୁ ମାରି ସାରି ସେଇମିତି ଘୋଷାଡ଼ି ହୋଇ ଯାତ୍ରୀଙ୍କ ପାଖରେ ହାତ ପାତୁଥାଏ ନିଜ କଷ୍ଟସାଧ୍ୟ ଶ୍ରମର ମୂଲ ମାଗି ମାଗି। କିଏ ଟଙ୍କେ ଦୁଇଟଙ୍କା ଟେକି ଦେଉଥା'ନ୍ତି ତ ଆଉ କିଏ 'ଖୁଚୁରା ନାହିଁ' କହି ମୁହଁ ଫେରାଇ ନେଉଥା'ନ୍ତି। ସେଇ ବଗିରେ ଯାତ୍ରା କରୁଥିବା ଜଣେ ପରାର୍ଥପ୍ରାଣ ଯାତ୍ରୀ ମନ୍ତବ୍ୟ ଦେଲେ- ''ଏଇ ବୟସର ମୋ ପୁଅ ନୂଆ ନୂଆ କଲେଜରେ ପାଦ ଦେଇଛି। ଏବେ ବିନା ବାଇକ୍‌ରେ କଲେଜ ଯିବ ନାହିଁ ବୋଲି ଅଡ଼ି ବସିଲାଣି। ଅଥଚ ଏଇ ପିଲାଟି ଦିବ୍ୟାଙ୍ଗ ହୋଇ ବଞ୍ଚିବା ପାଇଁ କେତେ କଷ୍ଟ ନ କରୁଛି ସତେ!'' ପକେଟରୁ ପଚାଶ ଟଙ୍କା କାଢ଼ି ସେ ପିଲାଟିକୁ ଦେଲେ। ଏତେ ମୋଟା ଅଙ୍କର ଅର୍ଥ ଅର୍ଜନ କରି ଖୁସିରେ କୁରୁଳି ଉଠିଲା ପିଲାଟି। ସେମିତି ଗୁରୁଣ୍ଡି ଗୁରୁଣ୍ଡି ଅନ୍ୟ ବଗି ଉଦ୍ଦେଶ୍ୟରେ ନିଷ୍କ୍ରାନ୍ତ ହୋଇଗଲା। ତା'ର ଏହି ଦୟନୀୟ ଦୁଃସ୍ଥିତି ଦେଖି ଦୟାରେ ବିଚଳିତ ହୋଇଥିବା ଏ ଲେଖକର ଆଖି ସେଦିନ ଆଶ୍ଚର୍ଯ୍ୟରେ ଖୋସି ହୋଇ ଯାଇଥିଲା, ଯେତେବେଳେ ସେ ଦେଖିଲା ଏକ ଅଭିଶପ୍ତ ଅଥର୍ବ ରୂପରେ ରେଳଯାତ୍ରୀଙ୍କଠୁଁ ସାହାଯ୍ୟ ସହ ସମବେଦନା ଗୋଟାଇଥିବା ପିଲାଟି ବଗିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ପ୍ଲାଟଫର୍ମରେ ହଜି ଯାଇଥିଲା। ସତ ସମ୍ବେଦନା ଓ ମିଥ୍ୟା କାରୁଣ୍ୟ ଉପରୁ ପରଦା ହଟିଯାଇଥିଲା।

ଅନ୍ୟର ଦୟା ଅର୍ଜନ କରି ତାଙ୍କୁ ଲୁଟିବାର ଭିନ୍ନ ଏକ ଦୃଶ୍ୟପଟ। ରାସ୍ତାକଡ଼ରେ ଜଣେ ଦୃଷ୍ଟିହୀନ ଯୁବକ ଅସହାୟ ଭାବେ ଅନ୍ୟ କାହାର ଉଦାର ହାତର ସାହାଯ୍ୟକୁ ଅପେକ୍ଷା ରଖୁଥିଲା ବେଳେ ପରାର୍ଥପ୍ରାଣ ପ୍ରୌଢ଼ ଜଣେ ନିଜ ସ୍କୁଟରରୁ ଓହ୍ଲାଇ ତାକୁ କିଛି ସାହାଯ୍ୟ ଦେବାକୁ ନିଜ ପର୍ସ ଖୋଲୁଛନ୍ତି, ଅଚାନକ ଜଣେ ଦୁର୍ବୃତ୍ତ ତାଙ୍କ ପର୍ସଟିକୁ ଝାମ୍ପିନେଇ ଦୌଡ଼ିବାକୁ ଆରମ୍ଭ କଲା। ସ୍କୁଟରଚାଳକ ତା' ପଛେ ପଛେ ଦୌଡ଼ିବାର ଉପକ୍ରମ କରନ୍ତେ ସେଇ ତଥାକଥିତ ଦୃଷ୍ଟିହୀନ ଭିକାରି ନିମିଷକ ମଧ୍ୟରେ ତା' ଭିକ୍ଷାଥାଳ ଫିଙ୍ଗିଦେଇ ସ୍କୁଟରଟି ନେଇ ଉଭାନ୍ ହୋଇଗଲା। ଆମ ରାଜଧାନୀ ନଗରୀରେ ସଂଘଟିତ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟର ନାୟକ, ଉଦାର ମାନବୀୟ ସଂସ୍କୃତିରେ ଅଭିମନ୍ତ୍ରିତ ସେଇ ହତଭାଗ୍ୟ ଦୟାଶୀଳ ଭଦ୍ରବ୍ୟକ୍ତି ଏକା ଏକା ରାସ୍ତା ଉପରେ ଛିଡ଼ାହୋଇ ରହିଥିଲେ।



ତୃତୀୟ ଘଟଣାଟି ଏ ଲେଖକର ଅଙ୍ଗେନିଭା ଅନୁଭୂତି। ପ୍ରାୟ ତିନିବର୍ଷ ତଳେ ଫୋନ୍ କଲ୍‌ଟିଏ ଆସିଲା ଗୋଟିଏ ଅଜଣା ନମ୍ବରରୁ। ସେପଟରୁ ଭାସି ଆସିଲା କାରୁଣ୍ୟର କୋହଭରା କଣ୍ଠର ଏକ ବିକଳଭାବ। ସେ କହୁଥିଲେ- ''ଆଜ୍ଞା, ଛଅମାସ ହେଲା ଭୟଙ୍କର ରକ୍ତ କର୍କଟରେ ପୀଡ଼ିତ ମୋର ଛଅବର୍ଷର ପୁଅକୁ ନେଇ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପଡ଼ିଛି। ତା' ଚିକିତ୍ସାରେ ଜମିବାଡ଼ି ସବୁ ବିକିସାରି ଏବେ ମୁଁ କାଙ୍ଗାଳ। କାଲି ନେବାକୁ ଥିବା କେମୋ ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ କଲେ ପୁଅ ମୋର ବଞ୍ଚିଯାଆନ୍ତା। ମୋ ଆକାଉଣ୍ଟ ନମ୍ବର ଆପଣଙ୍କୁ ମେସେଜ୍ କରିଦେବି।'' ନିମ୍ନତମ ମାନବିକତାର ଉତ୍ତାଳ ସମ୍ବେଦନାରେ ପ୍ରଭାବିତ ହୋଇ ତାଙ୍କୁ ପଚାରିଲି- ''ଆପଣ ମୋତେ ଜାଣିଲେ କିପରି? ମୋ ଫୋନ୍ ନମ୍ବର ପାଇଲେ କେଉଁଠୁ?'' ନିଜକୁ ସୁକାନ୍ତ ପୁହାଣ ବୋଲି ପରିଚୟ ଦେଇ ସେଇ ହତଭାଗ୍ୟ ଦରିଦ୍ର ବାପା ଜଣକ ଉତ୍ତରଦେଲେ- ''ଆଜି ଖବରକାଗଜରେ ପ୍ରକାଶ ପାଇଥିବା ଆପଣଙ୍କ ଲେଖା ତଳେ ଫୋନ୍ ନମ୍ବରଟି ପାଇ ଫୋନ୍ କରୁଛି।'' ପରେ ପରେ ଆଉ ଥରେ କାକୁସ୍ଥ କଣ୍ଠରେ କରୁଣ ଅନୁନୟ। ବିଶ୍ୱସ୍ତ ପ୍ରମାଣିତ ନ ହେବାଯାଏଁ ଅବିଶ୍ୱାସ କରି ଚାଲିବା ବା ଅବିଶ୍ୱସ୍ତ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ବିଶ୍ୱାସ କରି ଚାଲିବା ଭଳି ଦୁଇଟି ବିକଳ୍ପ ମଧ୍ୟରୁ ଦ୍ୱିତୀୟଟିକୁ ଗ୍ରହଣ କରିନେଇ ସେଦିନ ଏ ଲେଖକ ତା' ଆକାଉଣ୍ଟରେ କିଛି ଟଙ୍କା ଜମା କରି ନିଜ ମାନବୀୟ ଦାୟିତ୍ୱ ସମ୍ପନ୍ନ କରିଥିଲା।

ପରବର୍ତ୍ତୀ ପର୍ଯ୍ୟାୟରେ ସୁକାନ୍ତଙ୍କ ଅସୁସ୍ଥ ପୁଅର ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଫୋନ୍ କରି ଏ ଲେଖକ ନିରାଶ ହୋଇଛି। ତାଙ୍କ ମୋବାଇଲରେ ଧ୍ୱନି ସୃଷ୍ଟି ହୁଏ ସିନା, ତାଙ୍କ ସ୍ୱର ଶବ୍ଦ ଶୁଣିବାକୁ ମିଳେନା। ବୋଧହୁଏ ହତଭାଗ୍ୟ ଶିଶୁଟିର ଚିକିତ୍ସା ବିଫଳ ହୋଇଗଲା ଓ ସେଇ ଦୁଃଖରେ ସୁକାନ୍ତ ନିରବି ଯାଇଛନ୍ତି ଭାବି ଏ ଲେଖକ କଥାଟିକୁ ବିସ୍ମୃତିରେ ହଜାଇ ଦେଉଥିବା ବେଳେ ଦିନେ ଜଣେ ଲେଖକ ବନ୍ଧୁଙ୍କଠାରୁ ତାଙ୍କ ସମ୍ପର୍କରେ ଏକ ରୋଚକ ତଥ୍ୟ ଉପଲବ୍ଧ ହୋଇ ଚେତନାରେ ଭାବାନ୍ତର ସୃଷ୍ଟି ହୋଇଥିଲା। କ୍ୟାନ୍‌ସର ଆକ୍ରାନ୍ତ ପୁଅ କଥା କହି ମୁଖ୍ୟତଃ ଲେଖକମାନଙ୍କୁ ଟାର୍ଗେଟ କରୁଥିବା ସୁକାନ୍ତ ବାସ୍ତବରେ ବାହା ହୋଇଥିଲା କି ନାହିଁ ସନ୍ଦେହ। ଲେଖକମାନେ ବେଶି ଭାବ ଓ ଆବେଗରେ ବଞ୍ଚନ୍ତି ବୋଲି ଜାଣି ସେ ସେମାନଙ୍କ ଫୋନ୍ ନମ୍ବର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ସଂଗ୍ରହ କରୁଥିଲା ଓ କରୁଣ ସଂଳାପ କରି ସେମାନଙ୍କ ସୂକ୍ଷ୍ମ ତନ୍ତ୍ରୀକୁ ଦୋହଲାଇ ଦେଉଥିଲା। ଯେଉଁମାନେ ଥରକରେ ଦୋହଲୁ ନ ଥିଲେ, ସେମାନଙ୍କୁ ବାରମ୍ବାର ଫୋନ୍ କରୁଥିଲା ସୁକାନ୍ତ। ବେଳେବେଳେ ଏମିତି ବି କହୁଥିଲା- ବିନା ଚିକିତ୍ସାରେ ପୁଅଟି ଏବେ ଚାଲିଗଲା ଆଜ୍ଞା। ତା' ମୃତ ଶରୀରକୁ ଶେଷଥର ପାଇଁ ତା' ମାଆକୁ ଦେଖାଇବାକୁ ଗାଁକୁ ନେବା ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ ନ କଲେ ତା' ଶବକୁ ଏଇଠି ଦାହ କରି ଗାଁକୁ ଫେରିଯିବି। ଆବେଗରେ ବଞ୍ଚୁଥିବା ଲେଖକମାନେ ଆଉ କେତେ ନିର୍ମମ ହୋଇପାରନ୍ତେ! ପ୍ରବଞ୍ଚନା ଓ ପ୍ରତାରଣାର ଭାଷା ଗୋଟିଏ ଦୟାଶୀଳ ହୃଦୟକୁ ସାଧାରଣ ହୃଦୟ ଅପେକ୍ଷା ଅଧିକ ସହଜରେ ବିଦ୍ଧ କରିବାର ସାମର୍ଥ୍ୟ ରଖିଥାଏ ପରା!

ଜଣେ ସନ୍ନ୍ୟାସୀ ଜମିଦାରଙ୍କଠାରୁ ଦାନସୂତ୍ରରେ ପାଇଥିବା ଏକ ଘୋଡ଼ା ଉପରେ ବସି ନିଜ ଆଶ୍ରମକୁ ଫେରୁଥିବା ବେଳେ ବାଟରେ ଜଣେ ଭିନ୍ନକ୍ଷମ ଭିକାରି ତାଙ୍କୁ କିଛି ସାହାଯ୍ୟ ମାଗିଲା। ଘୋଡ଼ାରୁ ଓହ୍ଲାଇ ଦୟାଶୀଳ ସାଧୁ ତା' ପାଖକୁ ଯିବାକୁ ବାହାରିଛନ୍ତି, ଅଚାନକ ଭିକ୍ଷୁକ ବେଶଧାରୀ ଦୁର୍ଦ୍ଦାନ୍ତ ଦସ୍ୟୁ ତାଙ୍କୁ ଧକ୍କା ମାରି ତଳେ ପକାଇଦେଲା ଓ ଘୋଡ଼ାଟି ଉପରେ ବସି ପଳାଇଯିବାକୁ ବସିଲା। ସନ୍ନ୍ୟାସୀ ଝାଡ଼ିଝୁଡ଼ି ହୋଇ ଉଠିଲେ ଓ କେବଳ ଏତିକି କହିଲେ- ''ମୋ' ଅପେକ୍ଷା ଏହି ଘୋଡ଼ାଟି ତୁମର ଅଧିକ କାମରେ ଆସିବ। ନେଇଯାଅ, ମନା ନାହିଁ। କିନ୍ତୁ କେବେ କାହା ପାଖରେ କହିବନି ଯେ ତୁମେ ଭିକ୍ଷୁକ ବେଶରେ ଏଇଟିକୁ ମୋଠୁଁ ଛଡ଼ାଇ ନେଇଛ। ସେଭଳି ହେଲେ ଏ ସଂସାରରେ କେହି କେବେ ଆଉ କୌଣସି ଭିକାରିଙ୍କୁ ଦୟା କରିବେ ନାହିଁ।'' ସେ ସୁକାନ୍ତ ପୁହାଣ ହୁଅନ୍ତୁ କି ଅନ୍ଧ ଭିକାରି ବେଶରେ ରାସ୍ତାଧାରରେ ବସି ବାଇକ୍ ଲୁଟୁଥିବା ସେ ଡକାୟତ; ଅବା ପୁଣି ହୋଇପାରେ ନିଜକୁ ପଙ୍ଗୁ ସଜାଇ ରେଳଡବା ଓଳାଉଥିବା ସେଇ ଠକ ତରୁଣ; କୃପା କରୁଣା ଦୟା ଓ ସମ୍ବେଦନା ଆଦି ମଣିଷର ଅନ୍ତର୍ନିହିତ ଦିବ୍ୟ ଗୁଣରାଜିକୁ ଅସ୍ତ୍ର କରି ମଣିଷକୁ ଶୋଷଣ କରିବା ଯେ ମାନବିକତା ବିରୋଧରେ ଏକ ବୀଭତ୍ସ ବିଦ୍ରୋହ। ଏ ସତ୍ୟକୁ କେବେ ବୁଝିବେ କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫

# ଜାପାନ ନେତ୍ରୀ

ବ୍ୟକ୍ତିତ୍ୱ



ସାନେ ତାକାଇଚି

ପୂର୍ବ ଏସିଆର ଦ୍ୱୀପ ଦେଶ ଜାପାନ ଗତ କିଛି ବର୍ଷ ହେବ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛି। ଶିଗେରୁ ଇଶିବା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ସେଠାରେ ରାଜନୈତିକ ସଙ୍କଟ ଦେଖା ଦେଇଥିଲା। ୧୮ ସେପ୍ଟେମ୍ବର ୨୦୨୫ରେ ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି)ର ସଭାପତି ପଦ ଲାଗି ରାଜନେତ୍ରୀ ସାନେ ତାକାଇଚି ତାଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ହେଲେ ତାଙ୍କ ସହ ଲଢ଼ିବା ଲାଗି ଆଗେଇ ଆସିଥିଲେ କୃଷି ମନ୍ତ୍ରୀ ଶିଞ୍ଜିର କୋଇଜୁମି। ୪ ଅକ୍ଟୋବରରେ ନିର୍ବାଚନ ହୋଇ ଫଳାଫଳ ଆସିବା ପରେ ତାକାଇଚି ଏଲ୍‌ଡିପିର ସଭାପତି ନିର୍ବାଚିତ ହୋଇଛନ୍ତି ଓ ପ୍ରଥମ ମହିଳା ଭାବେ ଏଭଳି ପଦବୀ ପାଇ ଇତିହାସ ରଚିଛନ୍ତି। ଶାସକ ଦଳର ନେତ୍ରୀ ହେବା ପରେ ସେ ଜାପାନର ପ୍ରଧାନମନ୍ତ୍ରୀ ହେବା ଆଶାକରାଯାଉଛି। ଏଥିସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ତାକାଇଚି ନାରା ସହରରେ ୭ ମାର୍ଚ୍ଚ ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ଟୟୋଟା ସହ ଅନୁବନ୍ଧିତ ଏକ ଅଟୋମୋବାଇଲ କମ୍ପାନୀରେ ତାଙ୍କ ପିତା କାର୍ଯ୍ୟ କରୁଥିଲେ ଓ ମାତା ନାରା ପ୍ରିଫେକ୍‌ଚୁରାଲ ପୋଲିସରେ ଥିଲେ ଜଣେ ଅଫିସର। ତାକାଇଚି କୋବେ ୟୁନିଭର୍ସିଟି ଅଧୀନ ଉନେବି ସିନିୟର ହାଇସ୍କୁଲରୁ ସ୍ନାତକ ଡିଗ୍ରୀ ଅର୍ଜନ କରିବା ସହ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ୧୯୮୭ରେ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ତାଙ୍କୁ ଆମେରିକାର ଡେମୋକ୍ରାଟିକ୍ ପାର୍ଟିର ନେତ୍ରୀ ପାଟ୍ ସ୍କ୍ରେଏଡେରଙ୍କ ନିକଟରେ କାମ କରିବା ଲାଗି ପଠାଇଥିଲା। ରାଜନୀତିରେ ଅଭିଜ୍ଞତା ଅର୍ଜନ କରି ୧୯୮୯ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ପ୍ରତିଭା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ଆମେରିକା ରାଜନୀତି ଉପରେ ଜ୍ଞାନ ହାସଲ କରି ଲେଜିସଲେଟିଭ୍ ଆନାଲିଷ୍ଟ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅଭିଜ୍ଞତାକୁ ନେଇ ସେ ଲେଖିଲେ ଅନେକ ପୁସ୍ତକ। ୧୯୮୯ ମାର୍ଚ୍ଚରେ ଟେଲିଭିଜନ ଉପସ୍ଥାପିକା ଭାବେ ସେ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିଲେ। ଲଲାଟରେ ଷଠୀ ଯାହା ଲେଖିଦେଇଥିବେ ତାହାକୁ ଲିଭାଇବାର ବଳ କାହା ପାଖରେ ନ ଥାଏ ବୋଲି କୁହାଯାଇଥାଏ। ତାକାଇଚି ୧୯୯୩ରେ ରାଜନୀତିକୁ କ୍ୟାରିୟର କରିବାକୁ ଆଗେଇ ଆସିଲେ। ସେହି ବର୍ଷ ସେ ଜାପାନ ସାଧାରଣ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ତା' ପରେ ତାଙ୍କ ବିଜୟ ଜାରି ରହିଥିଲା। ୨୦୦୩ରେ ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ସେଠାକାର ସଂସଦ (ଡାଏଟ୍) ବାହାରେ ରହିଥିଲେ। ଦୃଢ଼ମନା ତାକାଇଚି ପରେ କିନ୍‌କି ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ଫାକଲ୍ଟି ହୋଇଥିଲେ। ସେ ପୁନଶ୍ଚ ସଂସଦକୁ ନିର୍ବାଚିତ ହୋଇ ବିଜ୍ଞାନ ଓ ପ୍ରଯୁକ୍ତି ନୀତି, ଯୁବ ବ୍ୟାପାର ଓ ଲିଙ୍ଗ ସମାନତାଠାରୁ ଆରମ୍ଭ କରି ଦୁଇଥର ଆଭ୍ୟନ୍ତରୀଣ ବ୍ୟାପାର ଓ ଯୋଗାଯୋଗ ଏବଂ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଦକ୍ଷିଣପନ୍ଥୀ ଚିନ୍ତାଧାରା ପାଇଁ ଜଣାଶୁଣା ହେଲେ ମଧ୍ୟ ସେ ଜଣେ ଉତ୍ତମ ନୀତି ପ୍ରଣେତା ଭାବେ ପରିଚିତ। ଜାପାନର ଅର୍ଥନୀତି ଓ ପ୍ରତିରକ୍ଷା ରଣନୀତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ରାଜନୈତିକ ପରିଚୟ ପାରମ୍ପରିକ ମୂଲ୍ୟବୋଧ ଏବଂ ବୈଷୟିକ ଉତ୍କର୍ଷର ଏକ ମିଶ୍ରଣ ବୋଲି କୁହାଯାଉଛି। ନିଜର ସ୍ପଷ୍ଟ ମତ ପ୍ରକାଶ କରୁଥିବାରୁ ସେ ଉଭୟ ଖାଣ୍ଟି ସମର୍ଥକ ଏବଂ ସମାଲୋଚକ ସୃଷ୍ଟି କରିଛନ୍ତି। ତାକାଇଚି ଦଶନ୍ଧି ଧରି କ୍ଷମତା ପାଇଁ ନିଜକୁ ପ୍ରସ୍ତୁତ କରିପାରିଥିବାରୁ ଆଜି ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। କଠିନ ପରିଶ୍ରମ କରି ଏଲ୍‌ଡିପିରେ ଉଚ୍ଚ ପଦବୀ ଅର୍ଜନ କରିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଘନିଷ୍ଠ ସହଯୋଗୀ ହୋଇଥିଲେ। ପୂର୍ବତନ ସହଯୋଗୀମାନେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ, ତାକାଇଚି କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରତିଟି କାଗଜପତ୍ରକୁ ପଢ଼ିଥାଆନ୍ତି ଓ ବୈଠକରେ ଯୋଗ ଦେବା ପୂର୍ବରୁ ପୂର୍ଣ୍ଣ ତଥ୍ୟ ଧାରଣ କରି ଉପସ୍ଥିତ ହୁଅନ୍ତି। ସ୍ୱୟଂ-ପ୍ରତିରକ୍ଷା ବାହିନୀର ଭୂମିକା ଓ ନାମକୁ ଶକ୍ତିଶାଳୀ କରି ଜାପାନର ଶାନ୍ତିବାଦୀ ସମ୍ବିଧାନର ଅନୁଚ୍ଛେଦ ୯କୁ ସଂଶୋଧନ କରିବା, ଗଣମାଧ୍ୟମର ନିରପେକ୍ଷତା ଉପରେ ସେ ଜୋର ଦେବା ତାଙ୍କ ଲକ୍ଷ୍ୟ ରହିଛି। ଏକ ସାକ୍ଷାତକାରରେ ସେ ଟ୍ରମ୍ପ୍ ଯୁଗର ଟାରିଫ୍‌କୁ ଜାପାନ ପାଇଁ 'ମଡର୍ନ ବ୍ଲାକ ଶିପ୍ ମୋମେଣ୍ଟ' ଭାବେ ଅଭିହିତ କରି ଏଭଳି ଆର୍ଥିକ କଟକଣା ଏକ ବାହ୍ୟ ଆଘାତ ହୋଇଥିଲେ ହେଁ ଆଭ୍ୟନ୍ତରୀଣ ସଂସ୍କାରର ଅପେକ୍ଷା ରଖେ ବୋଲି କହିଛନ୍ତି। ତାକାଇଚିଙ୍କ ବ୍ୟକ୍ତିତ୍ୱକୁ ଆହୁରି ତର୍ଜମା କଲେ ସେ ଜଣେ ଦକ୍ଷ ସମ୍ପର୍କ ସ୍ଥାପନକାରୀ ହୋଇଥିବାରୁ ସୋସିଆଲ ମିଡିଆ ଓ ଏପରିକି ୟୁଟ୍ୟୁବ ମାଧ୍ୟମରେ ଜନସାଧାରଣଙ୍କୁ ସିଧାସଳଖ ନୀତି ବିଷୟରେ ବୁଝାଇଥାନ୍ତି। ଏହା ସତ୍ତ୍ୱେ ଜାପାନ ରାଜନୀତି ଏବେ ଯେଉଁ ସଙ୍କଟରେ ଛିଡ଼ା ହୋଇଛି, ତାହାକୁ ସେ କିଭଳି ପରିଚାଳନା କରିବେ ଦାୟିତ୍ୱ ନେବା ପରେ ଜଣାପଡ଼ିବ।

ତାକାଇଚିଙ୍କ ବ୍ୟକ୍ତିଗତ ଜୀବନ କହିଲେ ପ୍ରତିନିଧି ସଭାର ସଦସ୍ୟ ଥିବା ଟାକୁ ୟାମାମୋଟୋଙ୍କୁ ସେ ୨୦୦୪ରେ ବିବାହ କରିଥିଲେ। ଉଭୟଙ୍କର କୌଣସି ପିଲା ନ ଥିଲା। ତାଙ୍କ ସ୍ୱାମୀଙ୍କ ପୂର୍ବ ବିବାହରୁ ଜନ୍ମିତ ୩ ସନ୍ତାନକୁ ସେ ପୌଷ୍ୟ କରି ଆଣିଥିଲେ। ୨୦୧୭ରେ ଉଭୟ ବିବାହ ବିଚ୍ଛେଦ କରିବାକୁ ରାଜି ହୋଇଥିଲେ। ରାଜନୈତିକ ମତାଦର୍ଶ ଏହି ବିଚ୍ଛେଦର କାରଣ ବୋଲି ସେ ଦର୍ଶାଇଥାଆନ୍ତି। କୌତୂହଳ କ୍ରମେ ୨୦୨୧ରେ ଉଭୟେ ପୁଣି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅନେକ ପିଲା ଶିକ୍ଷାରୁ ଦୂରେଇ ରହୁଥିବାବେଳେ ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରୁଛନ୍ତି ଶ୍ରେୟ ଏବଂ ଜ୍ୟୋତି ରାଓ୍ୱତ। ସେମାନେ ମୁକ୍ତାକାଶ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଏକ ବିକଳ୍ପ ସ୍କୁଲ ଅଭିଯାନ 'ସୁର' ଆରମ୍ଭ କରି ଏବେ ପିଲାଙ୍କୁ ପଢ଼ାଉଛନ୍ତି। ସ୍କୁଲର ନାଁ ରଖିଛନ୍ତି ଓଲଟା ପୁଲଟା। ଏହାର କାନ୍ଥ କହିଲେ ପାହାଡ଼ କଡ଼ ଓ ଆକାଶ ହେଉଛି ଛାତ। ଡେରାଡୁନର କାଟପାଥର ଗାଁରେ ଏହି ସ୍କୁଲ ଚାଲିଛି। ଏଠାରେ ଏବେ ୭୦ ଜଣ ପିଲା ନର୍ସରିରୁ ୫ ଶ୍ରେଣୀ ଯାଏ ପଢୁଛନ୍ତି। ସେମାନେ ପୁସ୍ତକଗତ ଶିକ୍ଷା ପାଇବା ସହ ନାଟକ, କୃଷି ଓ ଜଙ୍ଗଲରେ ଭ୍ରମଣ କରି ଅନେକ ବିଷୟରେ ଶିକ୍ଷା ଲାଭ କରୁଛନ୍ତି। ଏହି ଦମ୍ପତି ପିଲାମାନଙ୍କୁ ଅଧିକ ବାସ୍ତବବାଦୀ କରୁଛନ୍ତି। ଶ୍ରେୟଙ୍କ ବୟସ ୩୫ ହୋଇଥିବାବେଳେ ଜ୍ୟୋତିଙ୍କ ବୟସ ଏବେ ୩୧। ଶ୍ରେୟଙ୍କ ଜେଜେବାପା ସୁରେନ୍ଦ୍ର ସିଂ ରାଓ୍ୱତ ଜଣେ ସମାଜସେବୀ ଥିଲେ। ତାଙ୍କୁ ଶ୍ରଦ୍ଧାରେ ଲୋକେ ସୁର ଜୀ ଡାକୁଥିଲେ। ଏଣୁ ଶ୍ରେୟ ତାଙ୍କ ନାମରେ ଏହି ବିକଳ୍ପ ସ୍କୁଲ ଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୭୬

- ପଶ୍ଚିମ ଜର୍ମାନୀର ସାଧାରଣ ନିର୍ବାଚନରେ ବାମପନ୍ଥୀ ଓ ଉଦାରପନ୍ଥୀ ମିଳିତ ଦଳର ସଂଖ୍ୟାଗରିଷ୍ଠତା ବଜାୟ ରହିବା ଯୋଗୁ ପୁନଃ କ୍ଷମତାସୀନ।
- ଜମି ପାଉଥିବା ଭୂମିହୀନଙ୍କୁ ଆର୍ଥିକ ସାହାଯ୍ୟ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୮୯ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର।
- କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାମୂଳକ ଯୋଜନା ଅଧୀନରେ ରାଜ୍ୟର ୬୫ କଳକାରଖାନା ସମେତ ଦେଶର ୧୫ଶହ ଶିଳ୍ପ ସଂସ୍ଥାର ପରିଚାଳନାରେ ଶ୍ରମିକ ପ୍ରତିନିଧିଙ୍କୁ ସମ୍ପୃକ୍ତ କରାଯାଇଛି।

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | 1 |
| | 9 | 2 | | | | | | |
| | | | 4 | 2 | 3 | | | |
| | 3 | | | | | | 5 | |
| | | | | | | 3 | | 2 |
| | | 6 | 1 | | | | | 7 |
| | 6 | 7 | | | | | | 4 |
| | | 9 | 5 | | | | | 6 |
| 8 | 2 | | 7 | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 8 | 6 | 3 | 5 | 1 | 9 |
| 8 | 9 | 3 | 4 | 5 | 1 | 2 | 7 | 6 |
| 1 | 6 | 5 | 2 | 9 | 7 | 3 | 4 | 8 |
| 3 | 7 | 6 | 5 | 1 | 4 | 8 | 9 | 2 |
| 9 | 8 | 1 | 3 | 7 | 2 | 6 | 5 | 4 |
| 2 | 5 | 4 | 6 | 8 | 9 | 1 | 3 | 7 |
| 7 | 3 | 9 | 1 | 2 | 8 | 4 | 6 | 5 |
| 5 | 1 | 8 | 9 | 4 | 6 | 7 | 2 | 3 |
| 6 | 4 | 2 | 7 | 3 | 5 | 9 | 8 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତା ମରାମତି ଦାୟିତ୍ୱ କାହାର

ମହାଶୟ,

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡର ପ୍ରବେଶ ପଥ ରାସ୍ତା ଖାଲଢିପ ହୋଇଯାଇଛି। ବିପଦପୂର୍ଣ୍ଣ ଯାତାୟାତର ବହୁ ପୁରୁଣା ଦିନର କଥା ମନେ ପଡ଼ିଯାଉଛି। । ଏବେ ବସ୍‌ଯାତ୍ରୀମାନେ ବଡ଼ କଷ୍ଟରେ ବର୍ଷାଦିନେ କାଦୁଅରେ ଯିବାଆସିବା କରୁଛନ୍ତି। ଏ କଥା ଖବର କାଗଜରେ ପ୍ରକାଶିତ ହୋଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଉ ନାହାନ୍ତି। ଏହି ରାସ୍ତା କିଏ ମରାମତି କରିବେ ସେ କଥା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଉକ୍ତ ରାସ୍ତା ମରାମତି ନ ହେଲେ ଯାତ୍ରୀ ପରିବହନ ସମୟରେ ଦୁର୍ଘଟଣା ଯେ ନ ଘଟିବ ସେ ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ଅଞ୍ଚଳର ବିଧାୟକ, ମେୟର, ରେଳପଥ କର୍ତ୍ତୃପକ୍ଷ ଏବଂ ସାଂସଦ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ।

- ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଂରକ୍ଷିତ ଜଙ୍ଗଲରୁ ବାଲି ଚୋରାଚାଲାଣ

କେନ୍ଦୁଝର/ଆନନ୍ଦପୁର,୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ସୁଶାନ୍ତ କୁମାର ସାହୁ)

■ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଭାଜପା ନେତା
■ଦୁର୍ଘଟଣାରେ ୨୦ ଦିନରେ ଗଲାଣି ୪ ଜୀବନ

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ କାରଣରୁ ପରିବେଶଜନିତ ସମସ୍ୟା, ଦୁର୍ଘଟଣା ବୃଦ୍ଧିପାଉଛି। ବିଶେଷକରି ବର୍ଷାଦିନରେ ମାଛ ଅଣ୍ଡାଦାନ କରୁଥିବାରୁ ଏହି ଦିନରେ ବାଲି ଉତ୍ତୋଳନ ଉପରେ କଟକଣା ରହିଥାଏ। କଟକଣା ସତ୍ତ୍ୱେ ବେଆଇନ ଭାବରେ ବାଲି ଉତ୍ତୋଳନ ଯୋଗୁ ପରିବେଶ ବିପର୍ଯ୍ୟସ୍ତ ହେଉଛି। ବେଆଇନ ବାଲି ଚୋରାଚାଲାଣ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏଥିପ୍ରତି ଦୃଷ୍ଟିଦେବାକୁ ଯୁବ ଭାଜପା ନେତା ତଥା ସାମାଜିକ କର୍ମୀ ଯଜ୍ଞପ୍ରସାଦ ସାହୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଆନନ୍ଦପୁର ତହସିଲ ଘସିପୁରା ଥାନା ଅଧୀନ କୋଳିମାଟି ପଞ୍ଚାୟତ ଆଦିବାସୀ ଗାଁ କୁମଡ଼ ପାର୍ଶ୍ୱ ଦେଇ ବୈତରଣୀ ନଦୀ ପ୍ରବାହିତ ହେଉଛି। ଅଞ୍ଚଳଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାରୁ ବନ୍ୟପ୍ରାଣୀ ଓ ହାତୀଙ୍କ ଚଳପ୍ରଚଳ ଲାଗି ରହିଥାଏ। ଏହି କାରଣରୁ ଏଠାରେ କୌଣସି ବାଲିଘାଟ ନିଲାମ ଦିଆଯାଇନାହିଁ। ମାତ୍ର କିଛି ମାସ ହେଲା ଏଠାରେ ବଡ଼ ମେଶିନ ଲଗାଇ ହାଇୱା ଯୋଗେ ବାଲି ଉତ୍ତୋଳନ ଓ ପରିବହନ ହେଉଛି। ଏହାଦ୍ୱାରା ଗ୍ରାମ୍ୟ ରାସ୍ତା ନଷ୍ଟହୋଇଯାଇଛି। ଏପରିକି ୫ ଦିନ ତଳେ ନିର୍ମାଣ ଶେଷ ହୋଇଥିବା କଂକ୍ରିଟ ରାସ୍ତା ମଧ୍ୟ ଭାଙ୍ଗିରୁଜିଗଲାଣି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପାଟ୍ରୋଲିଂ କରାଯାଉ ନ ଥିବାରୁ ଗଛ କାଟି ରାସ୍ତା କରାଯାଇ ବେଧଡ଼କ ବାଲି ଚୋରାଚାଲାଣ ହେଉଛି। ଅଞ୍ଚଳ ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ବେଆଇନ ବାଲି ଲୁଟ ପାଇଁ ବଡ଼ ହାଇୱା ବିପରୀତ ଦିଗରେ ଚଳପ୍ରଚଳ କରୁଛି। ଫଳରେ ଗତ ୨୦ ଦିନ ମଧ୍ୟରେ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ କୁମଡ଼ ଗ୍ରାମର ଜଣେ ଯୁବକ ମଧ୍ୟ ଅଛନ୍ତି। ବେଆଇନ ବାଲି ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କ୍ଷତିଗ୍ରସ୍ତ ପରିବାରକୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଯଜ୍ଞ ଦାବି କରିଛନ୍ତି। ଜଙ୍ଗଲ ଆଇନ-୧୯୨୭, ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ ଲାଗୁ, ବେଆଇନ ବାଲି ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରି କୁମଡ଼-କାଦବାହାଲୀ ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ଦାବି କରିଛନ୍ତି। ମଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ, ପରିବେଶ ଓ ସାଧାରଣ ଜନତାଙ୍କ ସମସ୍ୟାଙ୍କୁ ହୃଦୟଙ୍ଗମକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯଜ୍ଞ ପ୍ରସାଦ ସାହୁ ଆଶାବାଦୀ ଥିବା କହିଛନ୍ତି। ଚିଠିର କପି ସ୍ଥାନୀୟ ଉପ ଜିଲାପାଳ, ଏସ୍‌ପି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନକରିବା ସହ ସରକାରଙ୍କ ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ପ୍ରଶାସକଙ୍କୁ ଅବଗତ କରିଥିବା ସୂଚନା ଦେଇଛନ୍ତି।



ଟ୍ରକ୍ ଯୋଗେ ବାଲି ଚାଲାଣ ହେଉଛି।

## ୨୦ ଲକ୍ଷ ୮୧ ହଜାର ଟଙ୍କା, ୪୭ ଗ୍ରାମ୍ ସୁନା ମିଳିଲା

### ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୪।୧୦(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଶନିବାର ଗଣତି ହୋଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରୁ ୨୦ ଲକ୍ଷ ୮୧ ହଜାର ୫୮୮ ଟଙ୍କା, ୪୭ ଗ୍ରାମ ୭୧୦ ମିଲିଗ୍ରାମ ସୁନା ଓ ୧ କେଜି ୮୨୨ ଗ୍ରାମ ୬୦୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଙ୍ଗଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି ଏବଂ ଷ୍ଟେଟ୍ ବ୍ୟାଙ୍କ ଶାଖାର ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ଆର୍ଡେଣ୍ଟ ଷ୍ଟିଲ୍‌ର ପଲିଥିନମୁକ୍ତ ଅଭିଯାନ

କେନ୍ଦୁଝର,୪।୧୦(ଦୀପକ ମିଶ୍ର)

ସରକାରୀସ୍ତରରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ଜନସଚେତନତା କରାଯାଉଥିଲେ ମଧ୍ୟ ବସ୍ତୁତଃ ବିଶେଷ କିଛି ଫଳପ୍ରଦ ହେବାର ଦେଖାଯାଉନାହିଁ। ଏହାକୁ ଆଖି ଆଗରେ ରଖି କେନ୍ଦୁଝର ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେନ୍ଦୁଝରଙ୍କ ନିର୍ଦ୍ଦେଶକ୍ରମେ ଆର୍ଡେଣ୍ଟ ଷ୍ଟିଲ କେନ୍ଦୁଝର ତରଫରୁ ଏକ ନିଆରା ଢଙ୍ଗରେ ପଲିଥିନମୁକ୍ତ ଅଭିଯାନ କରାଯାଇଥିଲା। ରିଜର୍ଭ ପୋଲିସ ଦୁର୍ଗାପୂଜା ମଣ୍ଡପ, ପୁରୁଣାବଜାର ଦୁର୍ଗାପୂଜା ମଣ୍ଡପ ଏବଂ ନିୟୁ କଲୋନୀ ଦୁର୍ଗାପୂଜା ମଣ୍ଡପରେ ମା'ଙ୍କର ଷଷ୍ଠୀ ପୂଜାଠାରୁ ନବମୀ ପୂଜା ପର୍ଯ୍ୟନ୍ତ ପ୍ରଚାର ଅଭିଯାନ କରାଯାଇଥିଲା। ରିଜର୍ଭ ପୋଲିସ ଦୁର୍ଗା ପୂଜା ମଣ୍ଡପରେ କର୍ମକର୍ତ୍ତା ପ୍ରବୀଣ କୁମାର ମହାନ୍ତ, କମଳାକାନ୍ତ ସେଠୀ, ପୁରୁଣାବଜାର ଦୁର୍ଗାପୂଜା କମିଟିର ସଦସ୍ୟ ଓ ନିୟୁ କଲୋନୀ ଦୁର୍ଗାପୂଜା କମିଟିର ସଦସ୍ୟ ହାରାମଣି ପଟ୍ଟନାୟକ, ସୋମନାଥ ବେହେରା ଓ ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖଙ୍କ ସହଯୋଗରେ ଶ୍ରଦ୍ଧାଳୁମାନେ ପଲିଥିନରେ ପୂଜାସ୍ଥଳକୁ ଭୋଗ ସାମଗ୍ରୀ ନ ନେବା, ଥର୍ମକୋଲରେ ପ୍ରସାଦ ବିତରଣ ନ କରିବାକୁ ସଚେତନ କରିବା ସହ ଆର୍ଡେଣ୍ଟ ଷ୍ଟିଲ୍ ପକ୍ଷରୁ ଭକ୍ତଙ୍କୁ ବାଉଁଶରେ ତିଆରି ଭୋଗ ଡାଲା ବ୍ୟବହାର କରିବା ପାଇଁ ଦିଆଯାଇଥିଲା। ମୂର୍ତ୍ତି ବିସର୍ଜନ ସମୟରେ ଉଦ୍ଦିଷ୍ଟ ଥିବା ପୋଖରୀରେ ବିସର୍ଜନ କରିବା ସହ ବ୍ୟବହୃତ ଫୁଲ ଇତ୍ୟାଦିକୁ ନଫୋପାଡି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଗଲେ ପୌରପାଳିକା ଦ୍ୱାରା ତାହା ସଂଗୃହିତ ହୋଇ ପୋଡା ଯିବାର ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାରେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡ. ଶୁଭାଶିଷ ଦାସଙ୍କ ନିର୍ଦ୍ଦେଶକ୍ରମେ ମାନବ ସମ୍ବଳ, ଶିଳ୍ପ ସମ୍ପର୍କ ଓ ପ୍ରଶାସନିକ ମୁଖ୍ୟ ରଞ୍ଜନ କୁମାର ନାୟକଙ୍କ ସହଯୋଗରେ ଫାବ୍ରିକ ତିଆରି ବ୍ୟାନର ସହ ବ୍ୟାପକ ପ୍ରଚାର ପତ୍ର ମାଧ୍ୟମରେ ଜନସଚେତନତା କରାଯାଇଥିଲା। ଆର୍ଡେଣ୍ଟ ଷ୍ଟିଲ କେନ୍ଦୁଝରର ପଦାଧିକାରୀ ମଳୟ କୁମାର ପଣ୍ଡା, ଉପେନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ସାହୁ, ପ୍ରଭୁପଦ ଜେନା, ଅମିତାଭ ନାଏକ ପ୍ରମୁଖ ସହଯୋଗ କରିଥିଲେ।



କମ୍ପାନୀର ପଦାଧିକାରୀ ଓ କର୍ମଚାରୀ ସଚେତନ କରୁଛନ୍ତି।

### ସଂକ୍ଷେପରେ

## ଚୋରି ବାଇକ୍ ଜବତ, ଅଭିଯୁକ୍ତ ଫେରାର

ପାଟଣା,୪।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଶୁକ୍ରବାର ରାତିରେ ଏକ ଚୋରି ବାଇକ୍ ଜବତ କରିଛି। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଜବତ ବାଇକଟିକୁ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ତୁରୁମୁଙ୍ଗା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସୌରଭ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ କେନ୍ଦେଇପଶି ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ନମ୍ବର୍ ବିହୀନ ପଲସରରେ ଜଣେ ଯୁବକ ମୁହଁରେ ମାସ୍କ ପିନ୍ଧି ଯାଉଥିଲେ। ପୋଲିସର ସନ୍ଦେହ ହେବାରୁ ବାଇକର ପିଛା କରିଥିଲେ। ଦୁର୍ବୃତ୍ତ କେନ୍ଦେଇପୋଷିରୁ ବାଉଁଶୁଳୀ ଅଭିମୁଖେ ବାଇକ ନେଇ ଫେରାର ହେଉଥିବା ବେଳେ ବାଉଁଶୁଳୀ ନିକଟ ଜଙ୍ଗଲ ମଧ୍ୟ ରାସ୍ତାରେ ବାଇକ ପକାଇ ଚାବି ନେଇ ଜଙ୍ଗଲ ମଧ୍ୟରେ ଫେରାର ହେବାକୁ ସକ୍ଷମ ହୋଇଥିଲେ। ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିବା ପୋଲିସ ଗାଡ଼ିର ଚେଚିସ ନମ୍ବରରୁ ଜାଣିବାକୁ ପାଇଥିଲା। ବାଇକଟି ଝାରବେଡ଼ା ଗ୍ରାମର ଅପୁନ କୁମାର ବେହେରାଙ୍କ। ଅଗଷ୍ଟ ୨୨ରେ ଦୁର୍ବୃତ୍ତ ଗେଟ ଚାବି ଭାଙ୍ଗି କାନ୍ଥ ଡେଇଁ ଗାଡ଼ି ଚୋରି କରିଥିବା ଅଭିଯୋଗ ହୋଇଥିଲା। ଶନିବାର ଥାନା ଅଧିକାରୀ ଗାଡ଼ି ମାଲିକ ଅପୁନ କୁମାର ବେହେରାଙ୍କୁ ଥାନାକୁ ଡାକି ବାଇକର କାଗଜପତ୍ର ଯାଞ୍ଚ କରି ହସ୍ତାନ୍ତର କରିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଆରମ୍ଭ


ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍‌ମାନେ।

ପାଟଣା,୪।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମ ପଡ଼ିଆରେ ଶନିବାର ସାଂସଦ ଖେଳ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ୨୦୩୬ରେ ହେବାକୁ ଥିବା ଅଲମ୍ପିକ୍ସ ଖେଳକୁ ଆଖି ଆଗରେ ରଖି ଗ୍ରାମାଞ୍ଚଳରୁ କ୍ରୀଡ଼ା ପ୍ରତିଭାଙ୍କୁ ବିକଶିତ କରିବା ପାଇଁ ସାଂସଦ ଖେଳ ମହୋତ୍ସବ ଅଭିପ୍ରେରିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବରେ ପାଟଣା ବ୍ଲକ୍ ଅଧ୍ୟକ୍ଷ ବୀଣାପାଣି ନାୟକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଏମ୍‌ପି ଅନନ୍ତ ନାୟକଙ୍କ ଜିଲା ପ୍ରତିନିଧି ହରିହର ମହାନ୍ତ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ଏମ୍‌ପିଙ୍କ ଜିଲା ସଂଯୋଜକ ଦିଲ୍ଲୀପ ପଣ୍ଡା, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ୩ଦିନ ଧରି ହେବାକୁ ଥିବା ବ୍ଲକ୍‌ସ୍ତରୀୟ କ୍ରୀଡ଼ାରେ ପାଟଣା ବ୍ଲକ୍‌ର ୨୦ଟି ପଞ୍ଚାୟତ ଛାତ୍ରୀଛାତ୍ର ଓ ଖେଳାଳିମାନେ ଫୁଟ୍‌ବଲ, ଖୋଖୋ, ଭଲିବଲ, କ୍ରିକେଟ୍, କବାଡ଼ି, ଦୌଡ଼କୁଦ ଖେଳରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ମହୋତ୍ସବର ଆଇଟି କୋଡ଼ିନେଟର ଭାବରେ ଜେମ୍ସ ମେହେନ ଉପସ୍ଥିତ ଥିଲେ। ରେଫରି ବିରେନ୍ଦ୍ର ମହାନ୍ତ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ତୃପ୍ତିମୟୀ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। କେନ୍ଦେଇପଶି ସରପଞ୍ଚ ମୀନାକ୍ଷୀ ନାଏକ, ସ୍ଥାନୀୟ ସମିତି ସଭ୍ୟ ପ୍ରଦୀପ ନାଏକ, ପୋଲାଣଘାଟି ସରପଞ୍ଚ ରାଉତ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତହସିଲ କାର୍ଯ୍ୟାଳୟ ମୁଖ୍ୟ କିରାଣୀଙ୍କ ଅକାଳ ବିୟୋଗ

ରାଇରଙ୍ଗପୁର,୪।୧୦(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ହଳଦା ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଗଗନ ବିହାରୀ ଗୋସ୍ୱାମୀ(୪୭)ଙ୍କ ଅକାଳ ବିୟୋଗ ହୋଇଛି। ମୟୂରଭଞ୍ଜ ଜିଲା କିରାଣୀ ମହାସଂଘର ସଭାପତି ଅମିତ ମହାକୁଡ଼, ସଦସ୍ୟ ସର୍ବଶ୍ରୀ ପ୍ରସାଦ ବେହେରା, ଚାମୁ ଶ୍ରୋଙ୍କ ସମେତ ହଳଦା, ରାଇରଙ୍ଗପୁର ବ୍ଲକ୍ ତହସିଲ କାର୍ଯ୍ୟାଳୟର ପଦାଧିକାରୀ, କର୍ମଚାରୀ ଶେଷ ଦର୍ଶନ କରିଥିଲେ। ରାଇରଙ୍ଗପୁର ଖଡ଼ଖାଇ ନଦୀ ପାର୍ଶ୍ୱ ସତୀକୁଦ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

## ପୁରାତନ ଛାତ୍ର ସଂଘର ବାର୍ଷିକ ସଭା

ବଂଚୋ,୪।୧୦(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବିଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂଘର ବାର୍ଷିକ ସମ୍ମିଳନୀ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ସାରଙ୍ଗଧର ଷେଣ୍ଢଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉପସ୍ଥିତ ଛାତ୍ରମାନେ ସାରଙ୍ଗ ସାର ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ ପରିଚୟ ସୃଷ୍ଟି କରିଥିଲେ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବି.ଏନ. ହାଇସ୍କୁଲ ପୁରାତନ ଛାତ୍ର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ମହେଶ୍ୱର ସାହୁ, ଉପସଭାପତି କମଲୋଦର ବିଶାଲ ଓ ଦିଲୀପ ସିଂହ, ସହସମ୍ପାଦକ ସତ୍ୟବ୍ରତ ରାମ ଓ ଅଶୋକ ଶତପଥୀ, କୋଷାଧ୍ୟକ୍ଷ ଅଶୋକ ସାହୁ, ସଂଯୋଜକ ନିରାକାର ଦଳେଇ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ସାହୁ, ରମାକାନ୍ତ ନାୟକ, ଦିଲୀପ ଦାଶ ଓ ଅଂଶୁମୋଚନ ମହାନ୍ତିଙ୍କୁ ଚୟନ କରାଯାଇଥିଲା। ପବିତ୍ର ମୋହନ ବେହେରା, ନରେନ୍ଦ୍ର ସାହୁ, ଅଶୋକ ରାଉତ, ପ୍ରଦୀପ ଦାସ, ଦେବୀ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶହରା ଉପଲକ୍ଷେ ରାଜପୁତ ସାହିରେ ବାଡ଼ିଖେଳ


ରାଜପୁତ ସିଂହ ସାହିର ପିଲା, ଯୁବକ ଓ ବୟସ୍କମାନେ।

ବଉଲା,୪।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମର ରାଜପୁତ ସାହିରେ ଦଶହରା ଉପଲକ୍ଷେ ବାଡ଼ିଖେଳ ଅନୁଷ୍ଠିତ ହୋଇଯାଇଛି। ଅନେକ ବର୍ଷ ଧରି ଚାଲି ଆସିଥିବା ପରମ୍ପରାକୁ ରାଜପୁତ ସିଂହ ସାହିର ଯୁବକ ଓ ବୟସ୍କ ଏକତିତ୍ର ହୋଇ ଯଜ୍ଞ ମଣ୍ଡପ ନିକଟରେ ବାଡି ଖେଳ କରି ନିଜର କୌଶଳ ପ୍ରତିପାଦନ କରିଥିଲେ। ସେହି ଉପଲକ୍ଷେ ଦଶହରାରେ ଆନନ୍ଦ ସିଂହ, ରବିନାରାୟଣ ସିଂହଙ୍କ ନେତୃତ୍ୱରେ ଧର୍ମେନ୍ଦ୍ର ସିଂହ, ଅଭିରାମ ସିଂହ, ରାମେଶ୍ୱର ସିଂହ, ସତ୍ୟନାରାୟଣ ସିଂହ, କାଳନ୍ଦୀ ସିଂହ, ମାନସ ସିଂହ, ଜିତେନ୍ଦ୍ର ସିଂହ, ସତ୍ୟାନନ୍ଦ ସିଂହ, ସମୀର ସିଂହ, ଦେବନ୍ଦ୍ର ସିଂହ, ଦେବ ପ୍ରସାଦ ସିଂହ ପ୍ରମୁଖ ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ।

## ନାଟକ 'ନିସ୍ତବ୍ଧ ସାହାନାଇ'ର ଶୁଭ ମହୁରତ

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପବିତ୍ର ବିଜୟା ଦଶମୀ ଏବଂ ଗାନ୍ଧୀ ଜୟନ୍ତୀ ଅବସରରେ ବାରିପଦାର ନାଟ୍ୟାନୁଷ୍ଠାନ 'ରୂପାନ୍ତର'ର ପରବର୍ତ୍ତୀ ନାଟକ 'ନିସ୍ତବ୍ଧ ସାହାନାଇ'ର ଶୁଭ ମହୁରତ ସ୍ଥାନୀୟ ହରିହର କଳା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ନାଟକଟିକୁ ରଚନା କରିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଓ ପରେଶ ଚନ୍ଦ୍ର ସାହ ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି। ନାଟକଟି ଆସନ୍ତା ନଭେମ୍ବର ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ସ୍ଥାନୀୟ ଶହୀଦ ଭବନଠାରେ ରୂପାନ୍ତର ଦ୍ୱାରା ଆୟୋଜିତ ହେବ। ଏହା ବହୁଭାଷୀ ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ହେବାର ଥିବା କୁହାଯାଇଛି। ନାଟକ ମହୋତ୍ସବର ସାମଗ୍ରୀକ ସଫଳତା ନିମିତ୍ତ ମୟୂରଭଞ୍ଜର କଳାପ୍ରେମୀ ଜନସାଧାରଣଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ 'ରୂପାନ୍ତର'ର ଅଧ୍ୟକ୍ଷ ଧୀରେନ୍ଦ୍ରନାଥ ସାହୁ, ଉପାଧ୍ୟକ୍ଷା ଡ. ଦମୟନ୍ତୀ ବେଶ୍ରା ନିବେଦନ କରିଛନ୍ତି। ବହୁଭାଷୀ ନାଟକ ମହୋତ୍ସବରେ ଓଡ଼ିଆ, ବଙ୍ଗଳା, ସମ୍ବଲପୁରୀ, ହିନ୍ଦୀ, ସାନ୍ତାଳୀ ପ୍ରଭୃତି ବିଭିନ୍ନ ଭାଷାରେ ନାଟକମାନ ମଞ୍ଚସ୍ଥ ହେବେ ବୋଲି ଅନୁଷ୍ଠାନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ଅମ୍ବରିଶ୍ ସ୍ମୃତି ପୁରସ୍କାର

ବଉଳା,୪।୧୦( ଦୁର୍ଗା ପ୍ରସାଦ ଆୟଚ )

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରିପଲ୍ଲି ପଞ୍ଚାୟତ କୁରାଡ଼ିଘସା ଗ୍ରାମରେ ରାବଣ ପୋଡ଼ି ଉତ୍ସବରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅମ୍ବରିଶ୍ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ଗୋପବନ୍ଧୁ ଯୁବକ ସଂଘ ଦ୍ୱାରା ଆୟୋଜିତ ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠୀ, ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସୋସୋ ଥାନା ଅଧିକାରୀ ଶିବ ପ୍ରସାଦ ଆଳଦା, ରାଜ୍ୟ ରାଜସ୍ୱ ସଂଗଠନର ଉପଦେଷ୍ଟା ତଥା ରାଜସ୍ୱ କ୍ଷେତ୍ର ଅଧିକାରୀ (କେନ୍ଦୁଝର) ପୁରୁଷୋତ୍ତମ କୁଅଁର, ସରପଞ୍ଚ ଅଜିତ କୁମାର ରାଉତ, ସମିତି ସଭ୍ୟଙ୍କ ପ୍ରତିନିଧି ବଳରାମ ଗିରି, ସୁପ୍ରିୟା ବେହେରା, ଦୁର୍ଗାପୂଜା କମିଟିର ସଭାପତି ଶିବ ପ୍ରସାଦ ବେହେରା, ଦୟାନିଧି ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ପ୍ରାକ୍ତନ ଶିକ୍ଷକ ଅଜାମିଳ ବେହେରା ଓ ଶିକ୍ଷୟିତ୍ରୀ ଇନ୍ଦୁ ରେଖା ବେହେରାଙ୍କ ଦିବଙ୍ଗତ ପୁତ୍ର ଅମ୍ବରିଶ୍ ବେହେରା (ଲୁଲୁ)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ହାଇସ୍କୁଲ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର ଓ ପଡ଼ିଆରୀପଲ୍ଲି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ମେଧା ବୃତି ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଥ ସଞ୍ଚଳନ

ଢେଙ୍କିକୋଟ,୪।୧୦(ନୀଳମଣ ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜନ୍ମ ଶତାବ୍ଦୀ ବର୍ଷ ଓ ବିଜୟା ଦଶମୀ ଉପଲକ୍ଷେ ମଣ୍ଡଳସ୍ତରୀୟ ପଥ ସଞ୍ଚଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ସ୍ୱୟଂ ସେବକଙ୍କ ପଥ ସଞ୍ଚଳନ ଢେଙ୍କିକୋଟ ହାଇସ୍କୁଲ ଖେଳପଡ଼ିଆରୁ ବାହାରି ବଜାର ସାହି ବସ୍ତି ପରିକ୍ରମା କରିଥିଲା। ମୁଖ୍ୟ ଅତିଥିଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ଶାଖା ପ୍ରବନ୍ଧକ ତଥା ସାମାଜିକକର୍ମୀ କୁଳମଣୀ ମଣ୍ଡଳ, ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଅଧ୍ୟାପକ ତଥା ଅଖିଳ ଭାରତୀୟ ସାମାଜିକ ସଦ୍‌ଭାବନା ପ୍ରମୁଖ ଡ. ଗୋପାଳ ପ୍ରସାଦ ମହାପାତ୍ର, ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଜିଲା ସଂଘ ଚାଳକ ତଥା କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପୃଷ୍ଟି, ଘଟଗାଁ ଖଣ୍ଡର ସଂଘ ଚାଳକ ତଥା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ମହାନ୍ତ ଯୋଗଦେଇଥିଲେ। ପଥ ସଞ୍ଚଳନରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମଧ୍ୟ ଯୋଗ ଦେଇଥିଲେ। ଘଟଗାଁ ଖଣ୍ଡ କାର୍ଯ୍ୟବାହକ ଖୋର୍ଦ୍ଧା ନନ୍ଦ ମହାନ୍ତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଘ ଚାଳକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବଳେ ଢେଙ୍କିକୋଟର କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।


ରାଷ୍ଟ୍ରୀୟ ସ୍ୱୟଂସେବକମାନେ ଯୋଗାଭ୍ୟାସ କରୁଛନ୍ତି।


## ଅସୁସ୍ଥ ଛୁଆହାତୀର ଚିକିତ୍ସାରେ ବିଳମ୍ବ

### ବିପଦରେ ଛୁଆହାତୀ, ଅସନ୍ତୋଷ ବଢ଼ୁଛି

କେନ୍ଦୁଝର, ୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ବୁଲୁଥିବା ୨୯ ଟିକିଆ ହାତୀପଲରେ ଏକ ଛୁଆହାତୀ ଅସୁସ୍ଥ ହୋଇପଡ଼ିଛି। ଦୀର୍ଘଦିନ ହେଲା ଛୁଆହାତୀଟି ଛୋଟେଇ ଚାଲୁଥିବା ଦେଖାଯାଇଛି। ଆଗ ବାମ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଥିଲେ ହେଁ ବନ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉନାହିଁ। ଚିକିତ୍ସା ବିଳମ୍ବ କାରଣରୁ ଛୁଆହାତୀ ପ୍ରତି ବିପଦ ଦେଖାଯାଉଥିବାରୁ ବନ୍ୟପ୍ରାଣୀ ବିଶାରଦ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଅଞ୍ଚଳରେ ଦୀର୍ଘଦିନ ହେବ ହାତୀପଲ ବୁଲୁଛନ୍ତି। କେଉଁ କାରଣରୁ ଛୁଆହାତୀର ଆଗ ଗୋଡ଼ରେ ଆଘାତ ଲାଗିଲା ଠିକ୍ ଭାବରେ ଜଣାପଡ଼ିନାହିଁ। ହାତୀପଲଙ୍କୁ ଘଉଡ଼ାଇବା ବେଳେ ଦଳାଚକଟାରେ ବା ଖାଲଖମାରେ ପଡ଼ି ଆହତ ହୋଇଥିବା ଅନୁମାନ କରାଯାଉଛି। ଛୁଆହାତୀ ପାଇଁ ହାତୀପଲ ଧୀରେ ଧୀରେ ଯିବା ଆସିବା କରୁଥିବା ଦେଖାଯାଉଛି। ଏଣୁ ହାତୀପଲଙ୍କୁ ନ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ମାତ୍ର ଧାନଫସଲ ଓ ଘରବାଡ଼ିର ସୁରକ୍ଷା ପାଇଁ ଗ୍ରାମବାସୀ ହାତୀପଲଙ୍କୁ ବିଭିନ୍ନ ଉପାୟରେ ଘଉଡ଼ାଉଥିବାରୁ ଚିନ୍ତାର ବିଷୟ ହୋଇଛି। ହାତୀପଲ ସହ ଅସୁସ୍ଥ ଛୁଆହାତୀ ଦୌଡୁଥିବାରୁ ବିପଦ ବଢୁଛି। ଚିକିତ୍ସା କରାଯାଉ ନ ଥିବାରୁ ଛୁଆହାତୀ ଆଗଭଳି ଦଳରେ ଚାଲିପାରୁନାହିଁ। ଫଳରେ ହାତୀପଲ ଛୁଆହାତୀକୁ ଛାଡ଼ି ଦୂରେଇଯାଉଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ହାତୀଛୁଆର ଚିକିତ୍ସା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ବନ ବିଭାଗ ପକ୍ଷରୁ କୁହାଯାଉଛି, ହାତୀଛୁଆ ଦଳ ଛାଡୁନାହିଁ। ଛୁଆହାତୀ ଦଳରେ ଥିବାରୁ ତାକୁ ଦଳରୁ ଅଲଗା କରି ଚିକିତ୍ସା କରିବା ସୁବିଧାଜନକ ନୁହେଁ। ଏହାଦ୍ୱାରା ହାତୀପଲ ଅଧିକ ପ୍ରତିକ୍ରିୟାଶୀଳ ହୋଇ ଆକ୍ରମଣ କରିବେ ଏବଂ କ୍ଷୟକ୍ଷତି ଘଟାଇବେ। ଦଳରୁ ଛୁଆହାତୀ ଅଲଗା ହେଲେ ତାହାର ଚିକିତ୍ସା କରାଯାଇପାରିବ। କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ହାତୀଛୁଆ ଦଳାଚକଟାରେ ଆହତ ହୋଇଛି। ଏଣୁ ଛୋଟେଇ ଚାଲୁଛି। ବିଶ୍ରାମ ନେଲେ ଆପେ ଆପେ ସୁସ୍ଥ ହୋଇଯିବ। ଏଣୁ ହାତୀପଲଙ୍କୁ ଘଉଡ଼ାଇବାକୁ ମନା କରାଯାଉଛି। ଏଥିପାଇଁ ବିଶେଷଜ୍ଞଙ୍କ ସହ ଯୋଗାଯୋଗ ରଖାଯାଇଛି। ଠିକ୍ ସମୟରେ ହାତୀର ଚିକିତ୍ସା କରାଯିବ। ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଛୁଆହାତୀଟି ଦୀର୍ଘଦିନ ହେଲା ଏଭଳି ଅସୁସ୍ଥ ହୋଇ ଛୋଟେଇ ଚାଲୁଛି। ଏଣୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଜୀବନ ପ୍ରତି ବିପଦ ରହିଛି। ଏବେ ଚିକିତ୍ସା ନ କଲେ କ'ଣ ଛୁଆହାତୀର ମୃତ୍ୟୁ ପରେ ଉଦ୍ଧାର କରାଯିବ। ମୃତଦେହ ବ୍ୟବଚ୍ଛେଦକରି ବନ ବିଭାଗ ଦାୟିତ୍ୱ ଶେଷ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।



## ନଦୀରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ଧାମନଗର,୪।୧୦ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଣ୍ଡିଆ)**

ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ଇଛୁଦା ସାହୁସାହିର ସରସ୍ୱତୀ ସାହୁ ନାମ୍ନୀ ବୃଦ୍ଧାଙ୍କ ମୃତଦେହ ଶନିବାର ସୂତାରସାହି ନିକଟସ୍ଥ ରେବ ନଦୀରୁ ମିଳିଛି। ସେ ୩ ଦିନ ହେଲା ନିଖୋଜ ଥିବାବେଳେ ସକାଳେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୋଲିସ ଓ ଦମକଳ ବାହିନୀ ସହଯୋଗରେ ମୃତଦେହ ପାଣିରୁ ବାହାର କରାଯାଇଥିଲା। ମୃତ ସରସ୍ୱତୀଙ୍କ ପୁତୁରା ନିର୍ମଳ ସାହୁଙ୍କ ଏତଲାକ୍ରମେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୨୭/୨୫) ରୁଜୁ କରିଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

**ଭଦ୍ରକ,୪।୧୦(ସନାତନ ରାଉତ)**

ଭଦ୍ରକ ବ୍ଲକ ରାଣୀତାଲ ସରକାରୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦୀକ୍ଷିତ(୯୫)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ସାମାଜିକ କର୍ମୀ ଭାଗୀରଥି ନାୟକ, ନଗେନ୍ଦ୍ର ପାଣି, ଅଞ୍ଜନ ଲେଙ୍କା, କବି ସାଧୁଚରଣ ମହାପାତ୍ର, ମହେଶ୍ୱର ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବନ୍ତକୁ ଏନ୍‌ଏସି ଦାବି ଜୋର୍ ଧରିଲା


ବୈଠକରେ ଉପସ୍ଥିତ ବନ୍ତ ବିକାଶ ପରିଷଦର ସଦସ୍ୟମାନେ।

**ବନ୍ତ,୪।୧୦(ହରି ନାରାୟଣ ମହାନ୍ତି)**

ବନ୍ତ ସଦର ମହକୁମାକୁ ଏନ୍‌ଏସି ଘୋଷଣା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଏଥିନେଇ ପୂର୍ବରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବନ୍ତକୁ ଏନ୍‌ଏସି ମାନ୍ୟତା ଦାବି ଏବେ ଜୋର୍ ଧରିଛି। ବର୍ତ୍ତମାନ ଲୋକଙ୍କ ସରକାରଙ୍କୁ ଏ ସମ୍ପର୍କରେ ଦାବି ଜଣାଇବା ପାଇଁ ଶୁକ୍ରବାର ବନ୍ତ ଜଳସେଚନ ବିଭାଗ ଡାକବଙ୍ଗଳାଠାରେ ବନ୍ତ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ୩ୟ ବୈଠକରେ ନିଷ୍ପତ୍ତି ହୋଇଛି।

ସାମାଜିକ କର୍ମୀ ତ୍ରିଲୋଚନ ପଣ୍ଡାଙ୍କ ଆବାହକତ୍ୱ ଏବଂ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତୃତ୍ୱ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ଯୁବ ନେତୃତ୍ୱମାନେ ଯୋଗ ଦେଇଥିଲେ। ବନ୍ତ ସଦର ମହକୁମାକୁ ଏନ୍‌ଏସି ଘୋଷଣା ଦାବି ସହ ବନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର, ଫାଷ୍ଟ ଟ୍ରାକ୍ କୋର୍ଟ କାର୍ଯ୍ୟକ୍ଷମ, ଟ୍ରେଜେରୀ ଅଫିସ, ଜାତୀୟକରଣ ବ୍ୟାଙ୍କ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ, ଷ୍ଟାଡିୟମ୍ ଆଦି ନ ଥିବାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କ ସରକାର ବନ୍ତ ଅଞ୍ଚଳବାସୀଙ୍କ ଦାବିକୁ ନିଶ୍ଚୟ ପୂରଣ କରିବେ ବୋଲି ପରିଷଦର ସଦସ୍ୟମାନେ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିକାଶ ପରିଷଦର ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟମାନେ ଆସନ୍ତା ୬ କିମ୍ବା ୭ ତାରିଖରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ଭାଜପା ରାଜ୍ୟ ସଭାପତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ ପୂର୍ବକ ଦାବି ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ପୂର୍ବତନ ରାଜ୍ୟ ଭାଜପା ସଙ୍ଗଠନ ସମ୍ପାଦକ ପଞ୍ଚାନନ ରାଉତ, ଶିକ୍ଷାବିତ୍ ଡ.ମନ୍ମଥ କୁମାର ରାଉଳ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ବସନ୍ତିଆ ସରପଞ୍ଚ ଅଶୋକ କୁମାର ସାହୁ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ଡାକ୍ତର ମୁରଲୀଧର ସୂତାର, ଇଂ. ଲକି ମାଷ୍ଟର ସ୍ୱାଇଁ, ରମେଶ ଜେନା, ନିରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅଜୟ କୁମାର ପୃଷ୍ଟି, ସୁଧାଂଶୁ ଶେଖର ମହାନ୍ତି, ସେକ୍ ୟାକତ ଅଲ୍ଲୀ, ଅପୂର୍ବ ରଞ୍ଜନ ଚଣ୍ଡ, ଅଶୋକ କୁମାର ବେହେରା, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ବେହେରା, ନାରାୟଣ ଚନ୍ଦ୍ର ଲେଙ୍କା, ନାରାୟଣ ଚନ୍ଦ୍ର ରାଉତ, କେଦାରନାଥ ମହାନ୍ତି, ରମାକାନ୍ତ ପାଣିଗ୍ରାହୀ, ଏଲ୍. ଅମରଜିତ୍ ସ୍ୱାଇଁ, ପ୍ରମୋଦ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ତିହିଡ଼ି ବଜାରରେ ଡ୍ରେନ୍ ନିର୍ମାଣ ପାଇଁ ଶିଳାନ୍ୟାସ


ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ବିଧାୟକ ଅଶୋକ କୁମାର ଦାସ ଶିଳାନ୍ୟାସ କରୁଛନ୍ତି।

**ତିହିଡ଼ି,୪।୧୦(ସଞ୍ଜିତ ବଳ)**

ତିହିଡ଼ି ବଜାରରେ ଡ୍ରେନ୍ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ବରେଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଶିଳାନ୍ୟାସ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲାପାଳ ଦିଲୀପ ରାଉତରାଏ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, ଏସ୍‌ଡିଓ ମଧୁସ୍ମିତା ବାସ୍କେ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ପାଣି ପ୍ରମୁଖ ଯୋଗ ଦେଇଥିଲେ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ୬ କୋଟି ଟଙ୍କା ବିନିଯୋଗରେ ଏହି ଡ୍ରେନ୍ ନିର୍ମାଣ ହେବ। ୩ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ବରିଷ୍ଠ ଭାଜପା ନେତା ରଘୁନାଥ ପାତ୍ର, ଦେବେନ୍ଦ୍ର ପୁହାଣ, ଭରତ ସାହୁ, ସୁବୋଧ ବଳ, ବିକ୍ରମ ଜେନାଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ତିହିଡ଼ି ବଜାରରେ ଡ୍ରେନ୍ ନ ଥିବାରୁ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଲହଡ଼ି ଭାଙ୍ଗୁଥିଲା। ଖାଙ୍କିହାଟର ଦୂଷିତ ପାଣି ରାସ୍ତା ଉପରେ ଜମିରହି ଦୁର୍ଗନ୍ଧ ହେବା ଯୋଗୁ ପରିବେଶ ପ୍ରଦୂଷିତ ହେଉଥିଲା।

## କବି ଅମରେନ୍ଦ୍ର ମାଧବ ଦାଶ ପାଇବେ 'ବସନ୍ତ ମୁଦୁଲି କବିତା ପୁରସ୍କାର'

**ଭଦ୍ରକ, ୪।୧୦ (ରବିନାରାୟଣ ଖିଲାର)**



ଭଦ୍ରକର କବି ଅମରେନ୍ଦ୍ର ମାଧବ ଦାଶ ପାଇବେ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର-୨୦୨୫'। ଦିବଂଗତ କବି ବସନ୍ତ ମୁଦୁଲିଙ୍କ ସ୍ମୃତିରେ ଗଠିତ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ଆସନ୍ତା ନଭେମ୍ବର ୨ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ତାଙ୍କୁ ପ୍ରଦାନ କରାଯିବ। ଏନେଇ ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଶୁକ୍ରବାର ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ସଂସଦର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ୪୩ଜଣ ବରିଷ୍ଠ କବିଙ୍କଠାରୁ ଆସିଥିବା ସୁପାରିଶକ୍ରମେ କବି ଦାଶଙ୍କ ନାମ ଚୂଡାନ୍ତ ହୋଇଥିଲା। ପ୍ରାକ୍ତନ ସଭାପତି ରଜନୀକାନ୍ତ ମହାନ୍ତି, ଆବାହକ ଅରୁଣ ଖିଲାର, କାର୍ଯ୍ୟକାରୀ ସଭାପତି ନିରାକାର ଦାସ, ଉପସଭାପତି କିଶୋର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅମିତାଭ ଖିଲାର, କବିପୁତ୍ର ପାର୍ଥସାରଥି ମୁଦୁଲିଙ୍କ ସମେତ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ବିଧାୟକ

### ବିଭିନ୍ନ ସମସ୍ୟା ବିଷୟରେ ସିଡିଏମ୍‌ଓଙ୍କ ସହ ଆଲୋଚନା

**ଭଦ୍ରକ,୪।୧୦(ସନାତନ ରାଉତ)**


ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଶନିବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଡାକ୍ତରଖାନାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ବିଷୟରେ ବିଧାୟକ ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମଡ୍ୟୁଲାର କିଚେନ୍, ଏସ୍‌ଏଚ୍‌ଜି କାଫେ, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା, ସିଟି ସ୍କାନ୍ ଓ ବ୍ଲଡ୍‌ବ୍ୟାଙ୍କ ସ୍ଥାନାନ୍ତର ଆଦି ବିଭିନ୍ନ ସମସ୍ୟା ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଡିପିଏମ୍‌ୟୁ(ଡିଷ୍ଟ୍ରିକ୍ଟ ପ୍ଲାନିଂ ମ୍ୟାନେଜମେଣ୍ଟ ୟୁନିଟ) ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୪ ଘଣ୍ଟା ଖୋଲାରହୁ ପୁରୁଣାବଜାର ମେଡିକାଲ

### ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ଦାବି

**ଭଦ୍ରକ,୪।୧୦(ସନାତନ ରାଉତ)**

ଭଦ୍ରକ ପୌରାଞ୍ଚଳ ପୁରୁଣାବଜାରରେ ଥିବା ୟୁପିଏଚ୍‌ସି (ଅର୍ବାନ୍ ପ୍ରାଇମେରୀ ହେଲ୍‌ଥ ସେଣ୍ଟର)କୁ ୨୪ ଘଣ୍ଟା ଖୋଲା ରଖିବା ଓ ଡାକ୍ତର ଯୋଗାଇ ଦେବା ପାଇଁ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ସଙ୍ଗଠନର ଜାହିର ଖାଁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଓ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମେଡିକାଲ ଉପରେ ପୁରୁଣାବଜାର ସମେତ ପୌରପାଳିକାର ୧୫ଟି ୱାର୍ଡ ଓ ୪ ପଞ୍ଚାୟତର ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଡାକ୍ତର ନ ରହିବା ଓ ରାତିରେ ମେଡିକାଲ ଖୋଲାଯାଉ ନ ଥିବାରୁ ଲୋକଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଏହା ଉପରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସିଏଚ୍‌ସି ଅଧୀକ୍ଷକଙ୍କୁ ଡେପୁଟେଶନରେ ପଠାଗଲା

**ଭଣ୍ଡାରିପୋଖରୀ,୪।୧୦(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର) ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେଶନରେ ପଠାଯାଇଛି। ଗତ ୨୫ ତାରିଖରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୩୬୭୫ ଅନୁଯାୟୀ ଡା. ସ୍ୱାଇଁଙ୍କୁ ଆଗାମୀ ୬ ତାରିଖ ସୁଦ୍ଧା ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ ନିକଟରେ ରିପୋର୍ଟ ଦେବାକୁ କୁହାଯାଇଛି। ଭଣ୍ଡାରିପୋଖରୀ ସିଏଚ୍‌ସିର ବରିଷ୍ଠ ଡାକ୍ତର ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ସରୋଜ କୁମାର ରାଉଳଙ୍କୁ ଅଧୀକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ହୋଇଛି। ଜନସ୍ୱାର୍ଥ ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଡେପୁଟେଶନର କାରଣ ଦର୍ଶାଯାଇଛି। ଶନିବାର ଏହି ଆଦେଶ ଜଣାପଡ଼ିବା ପରେ ଅଭିଯୋଗକାରୀ ନଗୁଆ ସମିତି ସଭାପତି ରମେଶ ଚନ୍ଦ୍ର ଭାରତୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ମନୋଜ ନାୟକ ପ୍ରମୁଖ ଏହାଦ୍ୱାରା ସିଏଚ୍‌ସିରେ ଶୃଙ୍ଖଳା ରକ୍ଷା କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ସିଏଚ୍‌ସିରେ ଜଣେ ଶିଶୁ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଅଭିଯୋଗକାରୀମାନେ ସିଡିଏମ୍‌ଓଙ୍କୁ ନିବେଦନ କରିଛନ୍ତି। ସୂଚନାଥାଉ କି, ସିଏଚ୍‌ସିର କର୍ମଚାରୀ, ସିଏଚ୍‌ଓ, ଡାକ୍ତରଙ୍କ ସମେତ ଜନସାଧାରଣଙ୍କ ପକ୍ଷରୁ ଡା. ସ୍ୱାଇଁଙ୍କ ବିରୋଧରେ ଅଭିଯୋଗ ହୋଇଆସୁଥିଲା। ସେହିପରି ରହଣିଆ ସରପଞ୍ଚ ରଞ୍ଜନ ପରିଡ଼ା, ପୂର୍ବତନ ସମିତିସଭ୍ୟ ସୁରେଶ ସାମଲଙ୍କ ଅଭିଯୋଗ ଆଧାରରେ ଗତ ଫେବୃଆରୀ ୧୭ରେ ଡା. ସ୍ୱାଇଁଙ୍କୁ ଡେପୁଟେଶନ ଆଦେଶ ପାଇଁ ଜିଲାପାଳ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାହା କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଥିଲା।

## ପାଦରୁ ଅଳତା ଲିଭିନି, ଲିଭିଗଲା ଜୀବନଦୀପ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ବାସୁଦେବପୁର,୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ପାଦରୁ ଅଳତା ଲିଭିନି, ଲିଭିଗଲା ନବବଧୂଙ୍କ ଜୀବନଦୀପ। ଶନିବାର ଅପରାହ୍ନରେ ଏଭଳି ଦୁଃଖଦ ଘଟଣା ଘଟିଛି ବାସୁଦେବପୁର ଥାନା ଅଧୀନ ଲୁଙ୍ଗା ଗ୍ରାମରେ। ମୃତା ନବବଧୂ ହେଲେ ଗ୍ରାମର ରାଜେଶ ନାୟକଙ୍କ ସ୍ତ୍ରୀ ତୁଳସୀ ଦାସ(୨୧)। ୩ମାସ ତଳେ ତାଙ୍କର ବିବାହ ହୋଇଥିବା ବେଳେ ଶନିବାର ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ତୁଳସୀଙ୍କ ବାପଘର ଭଦ୍ରକର ଚରମ୍ପାରେ। ଶାଶୁଘର ଲୋକେ ତୁଳସୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିବାହର ୩ ମାସ ନ ପୂରୁଣୁ ନବବଧୂଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ବିବାହର ୨ ମାସ ପରେ ତୁଳସୀ ଘରୁ କେଉଁଆଡ଼େ ପଳାଇ ଯାଇଥିବା ବେଳେ ତାଙ୍କ ବାପଘର ଲୋକ ଠାବ କରି ଆଣି ଶାଶୁଘରେ ଛାଡ଼ି ଦେଇଥିଲେ ବୋଲି ମୃତା ତୁଳସୀଙ୍କ ଶାଶୁ ଶୈଳବାଳା ନାୟକ କହିଛନ୍ତି। ବୋହୂ ଘରୁ ପଳାଇଯିବା ସମ୍ପର୍କରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ଏହି ଘଟଣାରେ ମୃତା ତୁଳସୀଙ୍କ ବାପଘର ଲୋକଙ୍କ ମତାମତ ମିଳିପାରି ନାହିଁ। ଖବର ଲେଖାହେବା ସୁଦ୍ଧା ଏନେଇ ବାସୁଦେବପୁର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଶ୍ରାଦ୍ଧ ଦିବସ

**ବାସୁଦେବପୁର,୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ଦିବସରେ ଶନିବାର ବାସୁଦେବପୁରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ନୀଳମଣି ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ସକାଳେ ଥାନା ପଛପାଖ ପୋଖରୀରେ ତିଳତର୍ପଣ କରାଯାଇଥିଲା। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ଗୌତମ ସେଠୀ, ସରପଞ୍ଚ ରାଜେନ୍ଦ୍ର ସାହୁ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ରବି ନାୟକ, ଚିନ୍ମୟ ବାରିକ, କାଳନ୍ଦୀ ସାହୁ, ରମେଶ ଦାସ, ଚନ୍ଦନ ମଲିକ, ମନୋଜ ବାରିକ୍, ସାରଦା ପ୍ରସନ୍ନ ମହାନ୍ତି, ପୂର୍ବତନ କାଉନସିଲର ମାନସ ସାହୁଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ସ୍ୱର୍ଗତ ରାଉତରାୟଙ୍କ ନୀତି ଓ ଆଦର୍ଶ ବିଷୟରେ ବକ୍ତବ୍ୟ ରଖିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସରିଲା ସାର୍ବଜନୀନ ବୈଷ୍ଣବୀ ବନଦୁର୍ଗା ପୂଜା


ମା' ବୈଷ୍ଣବୀ ବନଦୁର୍ଗା।

**ଭଦ୍ରକ,୪।୧୦(ସନାତନ ରାଉତ)**

ଭଦ୍ରକ ସହର ମଠସାହି ରାଜଘାଟଠାରେ ୬ ଦିନ ଧରି ଚାଲିଥିବା ସାର୍ବଜନୀନ ବୈଷ୍ଣବୀ ବନଦୁର୍ଗା ପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାତିରେ ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନେଇ ମେଲାଣି ଦିଆଯାଇଛି। ଦୀର୍ଘ ୨୫ ବର୍ଷ ଧରି ଏଠାରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ଷଷ୍ଠୀଠାରୁ ନୀତିକାନ୍ତି ସହ ପୂଜା ଚାଲିଥିଲା। ମୁଖ୍ୟ ପୂଜକ ପଣ୍ଡିତ ପ୍ରଭାତ ତ୍ରିପାଠୀ, ମଦନ ମୋହନ ଆଚାର୍ଯ୍ୟ ଓ ମଣ୍ଟୁ ମହାପାତ୍ର ପୂଜା ପାଠ କରିଥିଲେ। ପୂଜା କମିଟିର ସଭାପତି ଖବରଦାତା ଅଶୋକ କୁମାର ନାୟକ, ଉପସଭାପତି ଅଶେଷ କୁମାର ନାୟକ, ସମ୍ପାଦକ ଉମାକାନ୍ତ ଅରଖ, କର୍ତ୍ତା ଅନ୍ନପୂର୍ଣ୍ଣା ଦେବୀ, ଆଲୋକ ବେହେରା, ଦୁର୍ଯ୍ୟୋଧନ ପତି, ସନ୍ଦୀପ ଦାସ, ବିଶ୍ୱଜିତ ନାୟକ, ଗୀତାରାଣୀ ଦାସ, ତୃପ୍ତିରେଖା ସାହାଙ୍କ ସମେତ ଗ୍ରାମବାସୀ ପୂଜା ଆୟୋଜନରେ ସହଯୋଗ କରିଥିଲେ।

ରାଜଘାଟ ଛକରୁ ଭସାଣି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀର ରାଜଘାଟରେ ବିସର୍ଜନ କରାଯାଇଥିଲା। ପୂଜା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଏମ୍‌ପି ଅଭିମନ୍ୟୁ ସେଠୀ, ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନସିଲର ପ୍ରବୀର ଜେନା, ଘାଉଲି ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ମହିଳା ଶ୍ରଦ୍ଧାଳୁମାନେ ମା'ଙ୍କୁ ସିନ୍ଦୂର ଲାଗି କରିବା ସହ ନିଜେ ମଧ୍ୟ ସିନ୍ଥିରେ ପିନ୍ଧି ମା'ଙ୍କ ଆଶିଷ କାମନା କରିଥିଲେ।

## ଭିଡ଼, ସମ୍ବେଦନଶୀଳ ସ୍ଥାନରେ ଲାଗିବ ସିସିକ୍ୟାମେରା

**ଭଦ୍ରକ,୪।୧୦ (ସନାତନ ରାଉତ)**


ପ୍ରସ୍ତୁତି ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

### ୨୮ରୁ ପୀରବାବା ହୋଜୁର ମୁଜାହିଦ-ଇ-ମିଲ୍ଲତଙ୍କ ବାର୍ଷିକ ଉତ୍ସବ

ଧାମନଗରର ପୀରବାବା ହୋଜୁର ମୁଜାହିଦ-ଇ-ମିଲ୍ଲତଙ୍କ ୪୬ତମ ବାର୍ଷିକ ଉତ୍ସବ ପାଇଁ ଶନିବାର ଅପରାହ୍ନରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖରୁ ଦୁଇଦିନିଆ ଉତ୍ସବ ପାଳନ ହେବ। ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟକ୍ରମକୁ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ରହଣି ବ୍ୟବସ୍ଥା, ରାସ୍ତା ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମା ସଫେଇ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ନିଶାଖୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ସଭା ସ୍ଥାନରେ ଅସ୍ଥାୟୀ ଶୌଚାଳୟ, ଅଚଳ ଷ୍ଟ୍ରିଟ୍‌ଲାଇଟ ମରାମତି, ଖାନ୍‌କା ପରିସରର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ, ୨୮ ଓ ୨୯ ତାରିଖରେ ବିଦ୍ୟୁତ୍ ସେବା ଅବ୍ୟାହତ ରଖିବା, ପାର୍କିଂ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯିବା ସହ ଭିଡ଼ ଓ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦିଆଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ, ଅବକାରୀ, ଅଗ୍ନିଶମ ଆଦି ବିଭାଗର ଅଧିକାରୀଙ୍କ ସମେତ ବିଡିଓ ବନ ବିହାରୀ ଧିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଧାମନଗର ଥାନାଧିକାରୀ ରଞ୍ଜନ ସେଠୀଙ୍କ ସମେତ ମୁଜାହିଦ-ଇ-ମିଲ୍ଲତ କମିଟି ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

# ଭୋଗରାଇରେ ବର୍ଷା ବିପ୍ଳାତ

ଭୋଗରାଇ, ୪।୧୦(ପ୍ରଦୀପ ଦାସ)



ଘର ଚାରିପଟେ ବର୍ଷାପାଣି ଜମି ରହିଛି।

■ଗାଁ ରାସ୍ତାରେ ଛୁଟୁଛି ସୁଅ

■୨ଦିନ ସମୁଦ୍ର ମନା

ବାଲେଶ୍ୱର ଜିଲାରେ ଗୁରୁବାର ସକାଳୁ ଶନିବାର ରାତି ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗିରହିଛି। ଡୁହାକୁ ଡୁହା ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଶାରଦୀୟ ଦଶହରା ଉତ୍ସବ ଫିକା କରିଥିଲା। ବହୁ ପୂଜାମଣ୍ଡପରେ ପାଣି ଜମା ରହିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ କରି ଦିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ନ ପାରି ନିରାଶ ହୋଇ ଫେରିଥିଲେ। ଶୁକ୍ରବାର ଓ ଶନିବାର ୮ ଟା ପର୍ଯ୍ୟନ୍ତ ଭୋଗରାଇ ବ୍ଲକରେ ୭୦ମି.ମି. ବର୍ଷା ସହିତ ଜିଲାରେ ୨ଦିନର ବର୍ଷାର ପରିମାଣ ୮୮୩ମି.ମି. ହୋଇଥିବା ରେକର୍ଡ କରାଯାଇଛି। ଅପରପକ୍ଷରେ ଭୋଗରାଇର ବହୁତଳିଆ ଗାଁ ରାସ୍ତାରେ ଆଣ୍ଠୁଏ ଉପରକୁ ପାଣି ଜମି ରହି ଗ୍ରାମ ସ୍ଥିତିକୁ ବିଗାଡି ଦେଇଛି। ଅନେକ ଲୋକଙ୍କ ଘରେ ଓ ଚୁଲିରେ ବର୍ଷାପାଣି ପଶିଯାଇଥିବାରୁ ରୋଷେଇ ପାଇଁ ନାନା ସମସ୍ୟା ଉପୁଜିଛି। ଅବିଶ୍ରାନ୍ତ ବର୍ଷାରେ ଗାଁ ଦାଣ୍ଡ ବୁଡ଼ିଯାଇ ପାଣିର ସ୍ରୋତ ଛୁଟୁଥିବା ବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଅନନ୍ତପୁର ଗାଁ ରାସ୍ତା ବୁଡିଯିବା ସହିତ କେତେକଙ୍କ ଘରେ ୪ଦିନ ହେଲା ପାଣି ଜମି ରହିବାରୁ ଜୀବନଯାତ୍ରା ଦୁର୍ବିଷହ ହୋଇପଡିଛି। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଡାକି ଗ୍ରାମରାସ୍ତାରୁ ପାଣି ନିଷ୍କାସନ କରୁଥିବା ବେଳେ ପୁଣି ଡୁହାକୁ ଡୁହା ବର୍ଷା ହେବାରୁ ଲୋକଙ୍କୁ ଚିନ୍ତାରେ ପକାଉଛି।

ଲଘୁଚାପ ପ୍ରଭାବରେ ୪୦ରୁ ୫୦ କି.ମି. ବେଗରେ ବତାସ ବୋହିବାରୁ ସମୁଦ୍ର ଅଶାନ୍ତ ହୋଇଛି। ସମୁଦ୍ରର ଉତ୍ତାଳ ଢେଉ କୂଳଆଡକୁ ମାଡିଆସି ତଟସୁରକ୍ଷା ପଥର ବନ୍ଧରେ କଚାଡି ହୋଇପଡିବାରୁ ମତ୍ସ୍ୟଜୀବୀଙ୍କୁ ୨ଦିନ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟବିଭାଗ ଓ ପ୍ରଶାସନ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି। ବର୍ଷା ବିପ୍ଳାତ ଯୋଗୁ ଦକ୍ଷିଣ ଭୋଗରାଇ ୩୨ପଞ୍ଚାୟତର ତଳିଆ ଗାଁଗୁଡିକ ଉବୁଟୁବୁ ହୋଇଥିବା ବେଳେ ଉତ୍ତର ଭୋଗରାଇ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ପନିପରିବା, ଶାଗ, କାକୁଡି ଚାଷରେ ବ୍ୟାପକ କ୍ଷତି ଘଟିଛି। ଗାଡ଼ିଆ, ପୋଖରୀ ବୁଡ଼ିଯାଇ ମାଛ ଚାଷରେ ବ୍ୟାପକ କ୍ଷତି ହୋଇଛି। ଦକ୍ଷିଣ ଭୋଗରାଇରେ ପାଣି ନିଷ୍କାସନ ନିମନ୍ତେ ପୂର୍ବସରକାର ଅମଳରେ ଅନୁମୋଦିତ ୯୯କୋଟି ୭୬ଲକ୍ଷ ଟଙ୍କା ସୁବର୍ଣ୍ଣରେଖା ସଂସ୍କାର ଯୋଜନା ରାଜ୍ୟ ସରକାରଙ୍କ ଶୀତଳ ଭଣ୍ଡାରରେ ରହିଥିବାରୁ ଅବିଳମ୍ବେ ଏହାକୁ କାର୍ଯ୍ୟକାରୀ କରିବାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ କୃଷକ ସୁରକ୍ଷା ସଂଘ ପକ୍ଷରୁ ଦାବି ହୋଇଛି।

# ମେଲାଣି ନେଲେ ମା'



ଭସାଣି ଶୋଭାଯାତ୍ରାରେ ଯାଉଥିବା ମା'ଙ୍କ ମେଢ଼।

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)

■ଏଥର ଭସାଣିରେ ବାଜିଲାନି ଡିଜେ

■ବାଲିଘାଟରେ ୫୪, ନୁଣିଆଁଯୋଡ଼ିରେ ୩୬ ମେଢ଼ ବିସର୍ଜନ

ବାଲେଶ୍ୱର ସହରରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ଭସାଣି ଶୋଭାଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଶୁକ୍ରବାର ପୂର୍ବାହ୍ନରୁ ଆରମ୍ଭ ହୋଇ ବିଳମ୍ବିତ ରାତିରେ ଭସାଣି ଉତ୍ସବ ଶେଷ ହୋଇଥିଲା। ମେଢ଼ଗୁଡ଼ିକ ବିଶାଳ ଶୋଭାଯାତ୍ରାରେ ନୁଣିଆଁଯୋଡ଼ି ଓ ବାଲିଘାଟ ଅଭିମୁଖେ ନିଆଯାଇ ସେଠାରେ ହୋଇଥିବା ପ୍ରତୀକାତ୍ମକ ପୋଖରୀରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଏଥର ଭସାଣୀ ଉତ୍ସବରେ ଡିଜେ ଶବ୍ଦର କଟକଣା ଉପରେ ସମସ୍ତ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ସାଉଣ୍ଡ ବକ୍ସ ସାଙ୍ଗକୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ଘଣ୍ଟଘଣ୍ଟା, ଆତସବାଜି, ଢ଼ୋଲ ଓ ନାଚଗୀତର ତାଳେ ତାଳେ ଭକ୍ତମାନେ ମା'ଙ୍କୁ ବିଦାୟ ଦେଇଥିଲେ।

ସହରର ବାଲିଘାଟକୁ ୫୪ଟି ଓ ନୁଣିଆଁଯୋଡ଼ିକୁ ୩୬ଟି ମେଢ଼ ଭସାଣି ପାଇଁ ନିଆଯାଇଥିଲା। ସେହିପରି ସହର ଉପକଣ୍ଠ ଏବଂ ଘରୁଆ ମେଢ଼କୁ ମିଶାଇ ପ୍ରାୟ ୧୦ଟି ମେଢ଼ ଦଶହରାରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟାଉନ ଥାନା ଓ ମୋତିଗଞ୍ଜ ପଟୁ ଆସୁଥିବା ମେଢ଼ଗୁଡ଼ିକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସିନେମାଛକଠାରେ ବାଲିଘାଟ ଅଭିମୁଖେ ଛଡ଼ାଯାଇଥିଲା। ସେହିପରି ସହଦେବଖୁଣ୍ଟା ଥାନା ଅଧୀନରେ ଥିବା ମେଢଗୁଡ଼ିକ ଅରଡ଼ବଜାର ଦେଇ ନୁଣିଆଁଯୋଡ଼ିରେ ବିସର୍ଜିତ ହୋଇଥିଲା। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫକୀରମୋହନ ଗୋଲେଇ ଓ ସିନେମା ଛକରେ ଦୁଇଟି ଅସ୍ଥାୟୀ କ୍ୟାମ୍ପ ସ୍ଥାପନ କରାଯାଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସ୍‌ପି ପ୍ରତ୍ୟୁଷ ଦିବାକର, ଏଡିଏମ୍ ସୁଧାକର ନାୟକ, ଉପଜିଲାପାଳ ଶିବ ମାଲବୀୟ, ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ବିଧାୟକ ମାନସ କୁମାର ଦତ୍ତ ପ୍ରମୁଖ ବିଭିନ୍ନ ସ୍ଥାନ ବୁଲି ଭସାଣି ଉତ୍ସବକୁ ଅନୁଧ୍ୟାନ କରିଥିଲେ।

## ପୀରବାବାଙ୍କ ଆସ୍ଥାନରେ ଭଙ୍ଗାରୁଜା ଅଭିଯୋଗ, ୩ ଅଟକ

ବାଲେଶର, ୪।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ସହରରେ ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ମା' ଦୁର୍ଗାଙ୍କ ଭସାଣି ଚାଲିଥିବା ବେଳେ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୁଣା ବାଲେଶ୍ୱର ଆଡକୁ ଫେରୁଥିବା ବେଳେ ୫ଜଣ ଯୁବକ ନୁରୁପୁର ରୋଡ଼ ଓ ପୁଲ ବଜାର ରାସ୍ତା ମଝିରେ ଅବସ୍ଥାପିତ ହଜରତ ଅବଦୁଲ ମଜିଦ ପୀରବାବାଙ୍କ ଆସ୍ଥାନର ପତାକା ଓ ଲାଇଟକୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଶନିବାର ଟାଉନ ଥାନାରେ ମାମଲା (ନଂ.୨୭୨/୨୫) ରୁଜୁ ହୋଇ ୩ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଖବରପାଇ ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଅଧିକାରୀ ବିଜୟ ଦାସ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଓ କେନ୍ଦ୍ରୀୟ ପୋଲିସ ଫୋର୍ସ ସହ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜରୁ ଭଙ୍ଗାରୁଜା ସମ୍ପର୍କରେ ଜଣାପଡିଥିଲା। ଶନିବାର ସନ୍ଧ୍ୟାରେ ବ୍ରିଟ କଲ୍ୟାଣ ମଣ୍ଡପରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା ହୋଇ ଶାନ୍ତି ବଜାୟ ରଖିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ।

## ସ୍ୱଦେଶୀ ବସ୍ତ୍ର ପରିଧାନ ଉପରେ ଗୁରୁତ୍ୱ

### ଖଦି ବସ୍ତ୍ର କିଣିଲେ ଏମ୍‌ପି

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)



ଖଦି ବସ୍ତ୍ର ଦେଖୁଛନ୍ତି ଏମ୍‌ପି ଓ ଅନ୍ୟମାନେ।

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଶନିବାର ମୋତିଗଞ୍ଜସ୍ଥିତ 'ଭାରତ ଖଦୀ ଗ୍ରାମୋଦ୍ୟୋଗ'ରେ ପହଞ୍ଚିଥିଲେ। ସେଠାରୁ ନିଜେ ଖଦି ବସ୍ତ୍ର କିଣିବା ସହ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ତାଙ୍କ ପସନ୍ଦର ବସ୍ତ୍ର ମଧ୍ୟ କିଣିଥିଲେ। ସ୍ଥାନୀୟ ରୋଜଗାର ବୃଦ୍ଧି ପାଇବା ସହ ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଘଟିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଏଥିସହ ଡିଜିଟାଲ ମାଧ୍ୟମରେ ଅର୍ଥ ପୈଠ କରି କ୍ୟାଶଲେସ୍ ଟ୍ରାଞ୍ଜାକଶନ୍‌ର ବାର୍ତ୍ତା ଦେଇଥିଲେ ଏମ୍‌ପି। ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ମହିଳା ନେତ୍ରୀ ସୁଷମାରାଣୀ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ସମ୍ପାଦକ ବିଜୟ ସାହୁ, ଜିଲା ଉପସଭାପତି ମମତା ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶାରଦୀୟ ବନ୍ଧୁମିଳନରେ ଖଇରା ସମସ୍ୟା ଉପରେ ଗୁରୁତ୍ୱ

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା): ଶାରଦୀୟ ଦୁର୍ଗାପୂଜା ପାଳନ ଅବସରରେ ଖଇରା ବ୍ଲକର ବିଭିନ୍ନ ତୁଙ୍ଗ ନେତା ଓ ଲୋକପ୍ରତିନିଧିଙ୍କ ବନ୍ଧୁମିଳନ ଆୟୋଜନ ଅବସରରେ ଆଗାମୀ ଦିନରେ ନିଜ କାର୍ଯ୍ୟକ୍ରମର ରୋଡମ୍ୟାପ ସମ୍ପର୍କରେ ଆଲୋଚନା କରିଛନ୍ତି। ଭାଜପାର ପୂର୍ବତନ ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ପୌରୋହିତ୍ୟରେ ପାର୍ବତୀପୁରଠାରେ କନ୍ୟା ପୂଜା ଆୟୋଜନ ପରେ ଖଇରା ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଖବରଦାତାଙ୍କ ସହ ଆଲୋଚନା ହୋଇଥିଲା। ସମସ୍ତ ସଙ୍ଗଠନ ଖଇରାକୁ ଏନଏସି ଘୋଷଣା, କୋର୍ଟ କାର୍ଯ୍ୟକ୍ଷମ, ସବ୍‌ଟ୍ରେଜେରୀ ପ୍ରତିଷ୍ଠା, ବିଶ୍ରାମାଗାର ନିର୍ମାଣ ପାଇଁ ଦାବି ରଖିଥିଲେ। ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକ ପୁନର୍ଗଠନ, ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ବେଳେ ଖଇରାକୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ ପାଇଁ କଂଗ୍ରେସର ଆଗାମୀ ରଣନୀତି ଉପରେ ଆଲୋକପାତ କରିଥିଲେ। ଏହାଛଡା ଗୋବିନ୍ଦପୁର ସମିତିସଭ୍ୟା ପାର୍ବତୀ ବାରିକ ଓ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ ବନ୍ଧୁମିଳନ ଆୟୋଜନ ଅବସରରେ ଗୋବିନ୍ଦପୁର ପଞ୍ଚାୟତକୁ ସୁନ୍ଦରସବୁଜ ପଞ୍ଚାୟତ ଭାବେ ଗଠନ ଏବଂ ତାର ସର୍ବାଙ୍ଗୀନ ବିକାଶ ପାଇଁ ସେ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ଯିଏ ଯେତେବେଳେ ଯେମିତି ସହାୟତା ଚାହିଁଛନ୍ତି ସେମାନଙ୍କୁ ଦଳୀୟ ଚିନ୍ତାଧାରାରୁ ଊର୍ଦ୍ଧ୍ୱରେ ରହି ସହଯୋଗ କରି ଆସିଛନ୍ତି। ଗୋବିନ୍ଦପୁର ପଞ୍ଚାୟତର ବିକାଶ ପାଇଁ ଶେଷନିଶ୍ୱାସ ଥିବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କହିଥିଲେ। ଏତଦ୍‌ଭିନ୍ନ ଖଇରା ସାଇ ମନ୍ଦିର ପରିସରରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଦ୍ୱାରା ସାଇ ପୂଜନ ସାଙ୍ଗକୁ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି।

## ୪୦ ହଜାର ଠକିନେଲେ ଟ୍ରାନ୍ସପୋର୍ଟ ଏଜେଣ୍ଟ

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)

ଖଇରା ଥାନା ରଇଁତିରା ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ କଳିହା ଗ୍ରାମର କୀର୍ତ୍ତନ ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଧାନକଟା ମେଶିନ ଖଇରାରୁ ମାଲକାନଗିରିରେ ପହଞ୍ଚାଇବାକୁ କହି ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଉକ୍ତ ଅର୍ଥ ଫେରିପାଇବା ପାଇଁ ରବୀନ୍ଦ୍ର ଓ ତାଙ୍କର ସହଯୋଗୀ ଖଇରା ଥାନା ଦ୍ୱାରସ୍ଥ ହୋଇଛନ୍ତି।

ରବୀନ୍ଦ୍ର ଓ ତାଙ୍କ ବନ୍ଧୁ କଳିହା ଗ୍ରାମର କୀର୍ତ୍ତନ ଦାସ ୨ଟି ଧାନକଟା ମେଶିନ କିଣିଥିଲେ। ମାଲକାନାଗିରି ଜିଲାକୁ ଧାନକଟା ମେଶିନ ୨ଟିକୁ ନେଇଯିବା ଲକ୍ଷ୍ୟରେ ଏକ ଟ୍ରେଲର ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ବୁକ୍ କରାଇଥିଲେ। ଅନଲାଇନରେ ଅଗ୍ରୀମ ୪୦ହଜାର ଟଙ୍କା ଦେବା ପରେ ଗାଡି ରଇଁତିରାରୁ ବାହାରିଥିଲା। ଭଦ୍ରକ ପହଞ୍ଚିବା ପରେ ଡ୍ରାଇଭର ତେଲ ପକାଇବାକୁ ଟଙ୍କା ମାଗିଥିଲେ। ହେଲେ ଅନଲାଇନରେ ପେମେଣ୍ଟ ହୋଇଥିବାରୁ ସେମାନେ ଆଉ କାହିଁକି ପେମେଣ୍ଟ କରିବେ ବୋଲି ରବୀନ୍ଦ୍ର କହିବା ପରେ ଟ୍ରକ ମାଲିକ ଗାଡି ନେବାକୁ ମନା କରିଥିଲେ। ସେପଟେ ଅର୍ଥ ପାଇଥିବା ଏଜେଣ୍ଟ ମୋବାଇଲ ସୁଇଚ୍ ଅଫ କରିଦେଇଥିଲେ। ବାଧ୍ୟ ହୋଇ ରବୀନ୍ଦ୍ର ଓ କୀର୍ତ୍ତନ ଟ୍ରେଲର ସହ ନିଜ ଧାନକଟା ମେଶିନକୁ ଧରି ରଇଁତିରା ପଳାଇଆସି ଶୁକ୍ରବାର ରାତିରେ ଖଇରା ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ତପନ ଜେନା ତଦନ୍ତ ଆରମ୍ଭ କରିଛନ୍ତି।

## ଓକିଲ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ଔପଦା, ୪।୧୦(ଧରିତ୍ରୀ ପଣ୍ଡା): ଔପଦାରେ ଓକିଲ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ସ୍ଥାନୀୟ ଆଇନଜୀବୀ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଆଇନଜୀବୀଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇନଜୀବୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ନାୟକ, ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ଚିତ୍ତରଞ୍ଜନ ବେହେରା, ଶରତ ଚନ୍ଦ୍ର ବେହେରା, ଜୟଶ୍ରୀ ବେହେରା, ମନୋଜ ଦାଶ, ଶିକ୍ଷାବିତ୍ ଶୁଭେନ୍ଦୁ କୁମାର ପଣ୍ଡା ପ୍ରମୁଖ ଗାନ୍ଧିଜୀଙ୍କ ନୀତିକୁ ଅନୁସରଣ କରିବା ପାଇଁ ବକ୍ତବ୍ୟରେ କହିଥିଲେ।

## ଥାନାରେ ଏତଲା ଦେବାକୁ ନେଇ ତୁମୁଳକାଣ୍ଡ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ ଅମୂଲ୍ୟ କୁମାର ଦାସ), ୪।୧୦

ବାଲିଆପାଳ ଥାନାରେ ଏତଲା ଦେବାକୁ କେନ୍ଦ୍ର କରି ଶନିବାର ଏତଲାକାରୀ ଓ ଥାନା ଅଧିକାରୀଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ବସ୍ତା ଏସ୍‌ଡିପିଓ ମାନସ ଦେଓ ଥାନାରେ ପହଞ୍ଚିଥିଲେ। ଘଟଣାର ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି।

ଶନିବାର ଭୁବନେଶ୍ୱରରୁ ୨ଜଣ ଏକ ଗାଡ଼ି(ନଂ.ଓଆର୦୨ବିଏନ୍-୮୮୮୯)ରେ ବାଲିଆପାଳ ଅଞ୍ଚଳର ବନ୍ଧୁ ଘରକୁ ଆସୁଥିଲେ। ରାସ୍ତାରେ ଗାଡ଼ି ନମ୍ବର ପ୍ଲେଟ୍‌ଟି କେଉଁଠି ଖସି ପଡିଥିଲା। ଏ ସମ୍ପର୍କରେ ଏତଲା ଦେବାକୁ ବାଲିଆପାଳ ଥାନାକୁ ସେମାନେ ଆସିଥିଲେ। ସେଠାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମୋବାଇଲ୍‌ରେ ଭିଡିଓ ଉତ୍ତୋଳନ କରୁଥିଲେ। ଥାନା ଭିତରେ ଥିବା ଆଇଆଇସି ଜାଣିପାରି କାହିଁକି ଭିଡିଓ କରୁଛ ବୋଲି କହିବାରୁ ତୁମୁଳକାଣ୍ଡ ଘଟିଥିଲା। ଘଟଣା ବିଷୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେବା ପରେ ସନ୍ଧ୍ୟାରେ ବସ୍ତା ଏସ୍‌ଡିପିଓ ବାଲିଆପାଳ ଥାନାରେ ପହଞ୍ଚିଥିଲେ। ଘଟଣାର ଆପୋଷ ସମାଧାନ ପରେ ୨ଜଣଙ୍କୁ ଛଡାଯାଇଛି ବୋଲି ବସ୍ତା ଏସ୍‌ଡିପିଓ କହିଛନ୍ତି। ଉକ୍ତ ୨ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଭାରତୀୟ ସେନାରେ କାର୍ଯ୍ୟରତ ଥିବା ବେଳେ ଅନ୍ୟ ଜଣେ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକ ବୋଲି ଜଣାଯାଇଛି।

## କଷ୍ଟରେ ବି ହସି ପାରୁଥିଲେ ଉମେଶଚନ୍ଦ୍ର



ବିଧାୟକ ସ୍ୱର୍ଗତ ଉମେଶ ନାୟକଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)

### ପ୍ରାଧାପକଙ୍କ ସ୍ମୃତିଚାରଣ ସଭା

ବାଲେଶ୍ୱର ଜିଲା ଖଇରା ବ୍ଲକର ଆଦର୍ଶ ପ୍ରାଧାପକ, ସାରସ୍ୱତ ସାଧକ, ଅନୁଷ୍ଠାନ ପ୍ରେମୀ, ସୁସଙ୍ଗଠକ, ଯୋଗ ସାଧକ ତଥା ସମାଜ ସଂସ୍କାରକ ସ୍ୱର୍ଗତ ଉମେଶ ଚନ୍ଦ୍ର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଶନିବାର ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ କବି ମାୟାଧର ନାୟକ ଅଧ୍ୟକ୍ଷତା କରିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉମେଶ ବାବୁ ଜଣେ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଅଜୟ ନାୟକ, ବସନ୍ତ ଖିଲାର ପ୍ରମୁଖ ବକ୍ତା ଭାବେ ଯୋଗଦେଇ ସମସ୍ତଙ୍କର ପ୍ରିୟ ଉମେଶ ସାର ଅନେକ କଷ୍ଟ ଯନ୍ତ୍ରଣା ଭିତରେ ଥାଇ ବି ମନଖୋଲା ହସି ପାରୁଥିଲେ ବୋଲି କହିଥିଲେ। ଏହି ଅବସରରେ ସ୍ମରଣିକା 'ଅମ୍ଳାନ ଉମେଶ ଚନ୍ଦ୍ର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ରଘୁନାଥ ପତ୍ରୀ ପ୍ରାରମ୍ଭିକ ସୂଚନା, ଶଶିକାନ୍ତ ଦାସ ମଞ୍ଚ ଆହ୍ୱାନ, ବୁଦ୍ଧିରାମ ପାଣିଗ୍ରାହୀ ଗୀତାପାଠ ଓ ସଙ୍କୀର୍ତ୍ତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଜରା ଦିବସ

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗତ ୧ ତାରିଖ ଆନ୍ତର୍ଜାତିକ ଜରା ଦିବସ ପାଳିତ ହୋଇଯାଇଛି। ବାଲିଆସ୍ଥିତ କପିଳମୁନି ବୃଦ୍ଧାଶ୍ରମ ପରିସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସିଡିଏମ୍‌ଓ ପ୍ରଭାତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ନିମନ୍ତେ ପରୀକ୍ଷା, ନିଦାନ, ଚିକିତ୍ସା, ଯୋଗ ଓ ବ୍ୟାୟାମ ଆଦିର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅନ୍ତେବାସୀମାନଙ୍କୁ ବସ୍ତ୍ର ଓ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଥିଲା।

## ଓସିଏସ୍ ପରୀକ୍ଷାରେ ସଫଳ ଭବାନୀଶଙ୍କରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ କୃତୀ ଛାତ୍ର ଓ ଅତିଥିଗଣ।

ଲଙ୍ଗଳେଶ୍ୱର, ୪।୧୦(କମଳାକାନ୍ତ ଦାସ)

ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ବାହାଦଲପୁର ଗ୍ରାମର ଅରବିନ୍ଦ ବେଜଙ୍କ ପୁଅ ଭବାନୀ ଶଙ୍କରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମିତିସଭ୍ୟ ସଞ୍ଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସେ ଆଗକୁ ହେବାକୁ ଥିବା ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି କରିବାକୁ ଇଚ୍ଛା ରଖିଛନ୍ତି। ସେହିପରି ଶୁକ୍ରବାର ଲଙ୍ଗଳେଶ୍ୱର ଦୁର୍ଗାପୂଜା ମଣ୍ଡପ ପରିସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବାନୀଶଙ୍କରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାମାଜିକ କର୍ମୀ ତୁଷାରକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ଲଙ୍ଗଳେଶ୍ୱର ବ୍ଲକ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସଭାପତି ଦେବେନ୍ଦ୍ର ଗିରି, ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁଶାନ୍ତ ବେହେରା, ହରପାର୍ବତୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ଡ. ଚନ୍ଦ୍ରକାନ୍ତ ଦାସ, ବଣିଆଡ଼ିହା ସରପଞ୍ଚ କାଳିଚରଣ ଜେନା, କଇନଗରୀ ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ବାଲେଶ୍ୱରରେ ଏନ୍‌ଆଇଇଏଲ୍‌ଆଇଟି ସମ୍ପ୍ରସାରଣ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)





ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଓ ଅତିଥିଙ୍କ ସହ ଅନ୍ୟମାନେ।

ସମଗ୍ର ଭାରତର ୫ଟି ସ୍ଥାନରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି) କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରୁ ଆଭାସୀ ମାଧ୍ୟମରେ ଗତ ୨ତାରିଖରେ ଏହି କେନ୍ଦ୍ରଗୁଡିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାଲେଶ୍ୱର ଫକୀରମୋହନ ଗୋଲେଇଠାରେ ଓଡ଼ିଶାର ପ୍ରଥମ ଡିଜିଟାଲ ପ୍ଲାଟଫର୍ମ ଭାବେ ଏନ୍‌ଆଇଇଏଲ୍‌ଆଇଟିର ସମ୍ପ୍ରସାରଣ କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବୈଜ୍ଞାନିକ 'ଡି' ରବିନ୍ କର୍ମକାର, ଅଶୋକ କୁମାର ସାମଲ, ସୁଶ୍ରୀ ଜ୍ୟୋତିର୍ମୟୀ ଜେନା, ବୁଦ୍ଧଦେବ ସାହୁ, ଭାଜପା ରାଜ୍ୟ ପେନାଲିଷ୍ଟ ବିଭୁପଦ ଦାସ ଓ ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ସମେତ ଏନ୍‌ଆଇଇଏଲ୍‌ଆଇଟିର ଅଧିକାରୀଗଣ ଉପସ୍ଥିତ ଥିଲେ।

ଏହି କେନ୍ଦ୍ରଟି ଡିଜିଟାଲ୍ କ୍ଲାସରୁମ୍, ଭର୍ଚୁଆଲ ଲାବ୍ ଏବଂ ଉନ୍ନତ ଶିକ୍ଷଣ ମଡ୍ୟୁଲ୍ ସହିତ ସଜ୍ଜିତ ଅଟେ। ଯାହା ପ୍ରତିଭାବାନ ଯୁବପିଢ଼ିଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତା ଓ ଉନ୍ନତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଡିଜିଟାଲ୍ ଶିକ୍ଷା, ଉନ୍ନତଦକ୍ଷତା ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଧାରିତ ସୁଯୋଗର ପ୍ରସାର ଦିଗରେ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ନିକଟସ୍ଥ ବିଲ୍ଡିଂରୁ ଏହି କେନ୍ଦ୍ର ଚାଲୁ ରହିବ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପାଇଁ ସ୍ଥାନ ନିରୂପଣ ପରେ ସ୍ଥାୟୀ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ଅନୁଷ୍ଠାନ ଆଗାମୀ ପିଢ଼ିକୁ ଗୁଣାତ୍ମକ ଓ ବୈଷୟିକ ଶିକ୍ଷା ପ୍ରଦାନ କରିବା ସହ ଜୀବନରେ ଉଚ୍ଚ ଶିଖରରେ ପହଞ୍ଚିବାର ପଥ ପ୍ରଦର୍ଶନ କରିବ ବୋଲି ଏମ୍‌ପି କହିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳ ତଥା ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏମ୍‌ପି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୧୩୬୩ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା

## ଆଦି କର୍ମଯୋଗୀ ଅଭିଯାନ

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଗ୍ରାମସଭାରେ ଉପସ୍ଥିତ ମହିଳା, ପୁରୁଷମାନେ।

ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାର ୧୩୬୩ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ସଫଳତାର ସହ ଆୟୋଜିତ ହୋଇଯାଇଛି। ଆଦିବାସୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ନିଜ ନିଜ ବକ୍ତବ୍ୟ ପରିପ୍ରକାଶ ପାଇଁ ଏହା ଏକ ଉତ୍ତମ ଓ ସରଳ ମାଧ୍ୟମ ରହିଛି। ଗ୍ରାମସଭା ମାଧ୍ୟମରେ ଗ୍ରାମ ବିକାଶର ପୂର୍ଣ୍ଣାଙ୍ଗ ନକ୍ସା ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତିକରି ସମ୍ପ୍ରଦାୟଗୁଡ଼ିକର ନିଜସ୍ୱ ବିକାଶ ଯାତ୍ରାକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଛି। ଅଭିଯାନରେ ଜିଲାର ସମସ୍ତ ବ୍ଲକ୍‌ର ୧୩୬୩ ଗ୍ରାମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଗ୍ରାମରେ ସିଙ୍ଗଲ-ୱିଣ୍ଡୋ କେନ୍ଦ୍ର ସ୍ଥାପନ ସହ ପ୍ରତି ପରିବାର ଲୋକଙ୍କ ସେମାନଙ୍କ ବିକାଶ ସମ୍ପର୍କିତ ପ୍ରସ୍ତାବ, ଆପତ୍ତି, ଅଭିଯୋଗ କରିବାର ସୁଯୋଗ ଦିଆଯିବ ବୋଲି ଜିଲାପାଳ ହେମକାନ୍ତ ସୟ କହିଛନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ବିଡିଓ, ଉପ ଜିଲାପାଳ, ଜିଲାର ସମସ୍ତ ୪ ଗୋଟି ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ସହ ବିଭିନ୍ନ ବିଭାଗର ଅଫିସରଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଗ୍ରାମର ବିକାଶ ନକ୍ସା-୨୦୩୦ ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତି, ସିଙ୍ଗଲ-ୱିଣ୍ଡୋ ସେବାକେନ୍ଦ୍ର ପ୍ରତିଷ୍ଠା, ଯୁବକଙ୍କୁ ଆଦିସାଥୀ ଭାବେ ସକ୍ରିୟ କରିବ। ଆଦିବାସୀ ସମ୍ପ୍ରଦାୟର ସାମାଜିକ, ଆର୍ଥିକ ସ୍ଥିତିରେ ଉନ୍ନତି, ଶିକ୍ଷା, ଜୀବନ ଜୀବିକା, ବାସଗୃହ, ଗମନାଗମନ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ସେବା, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା, ସର୍ବୋପରି ଆଦିବାସୀଙ୍କ ମୂଳ ପରିଚୟକୁ ସଂରକ୍ଷଣ କରିବା ସହ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ପାଇଁ ଏହି ଅଭିଯାନ ମାଧ୍ୟମରେ ନିରନ୍ତର ପ୍ରୟାସ କରାଯାଉଛି ବୋଲି ଜିଲାପାଳ କହିଛନ୍ତି। ପଞ୍ଚାୟତି ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଯୁବଗୋଷ୍ଠୀ, ଆଗାଧାଡ଼ିର କର୍ମଚାରୀମାନେ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଗକୁ ଜିଲାସ୍ତରରେ ୧୩୬୩ ଗାଁର କାର୍ଯ୍ୟ ଯୋଜନାକୁ ଏକତ୍ରୀକରଣ, ଗ୍ରାମସଭାର ପ୍ରାଥମିକତା ସହ ବିଭାଗୀୟ ସମନ୍ୱୟ ପାଇଁ ଗ୍ରାମ ତଦାରଖ କମିଟି ଗଠନ କରାଯିବ।

ପ୍ରକାଶ ଥାଉକି, ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ଡ. ବର୍ଣ୍ଣାଳୀ ଡେକା ସେପ୍ଟେମ୍ବର ୧୭ରେ ମୟୂରଭଞ୍ଜ ଜିଲାଗସ୍ତରେ ଆସି ଶୁକ୍ରୁଳି ବ୍ଲକ୍‌ର ପାଣ୍ଡୁବିଲା, ବାରିପଦା ବ୍ଲକ୍‌ର କେସିପୁର ପଞ୍ଚାୟତ ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଭାବବିନିମୟ କ୍ରମରେ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅଭିଯାନ ଅନ୍ତର୍ଗତ ଆଦି ସହଯୋଗୀ ଓ ଆଦି ସାଥୀଙ୍କ ପାଇଁ ବେତନଟୀରେ ଆୟୋଜିତ ଅଭିମୁଖୀକରଣ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରି ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଉକ୍ତ ମନ୍ତ୍ରାଳୟର ସେକ୍ସନ ଅଫିସର ସୁଭାଷ କୁମାର ଅକ୍ଟୋବର ୨ରେ ଜିଲାଗସ୍ତରେ ଆସି କୁସୁମୀ ବ୍ଲକ୍‌ର ଉଳକପୋଖରୀ ଓ ଜର୍ଦ୍ଦା ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ଯୋଗଦେଇ ଗ୍ରାମବାସୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ହାତୀପଲଙ୍କ ଉପଦ୍ରବ



ମୋରଡ଼ା/ରାସଗୋବିନ୍ଦପୁର,୪।୧୦ (ସ୍ୱାଗତ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଭଦୁଆଶୋଳ ପଞ୍ଚାୟତର କୃଷ୍ଣଚନ୍ଦ୍ରପୁର ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲଙ୍କ ଉପଦ୍ରବ। ହାତୀପଲ ଅଙ୍ଗନୱାଡି କେନ୍ଦ୍ରରେ ପଶି ସାମଗ୍ରୀ ସବୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ୨୦ ଟିକିଆ ଶିମିଳିପାଳ ହାତୀପଲ ଏହି ଅଞ୍ଚଳରେ ବୁଲୁଛନ୍ତି। ହାତୀପଲ ଅଙ୍ଗନୱାଡି କେନ୍ଦ୍ରର ଗ୍ରିଲ୍ ଭାଙ୍ଗି ଭିତରକୁ ପ୍ରବେଶ କରି କବାଟ ଓ ଝରକା ଭାଙ୍ଗି ଭିତରେ ଥିବା ଚାଉଳ ଖାଇବା ସହ ସମସ୍ତ ଜିନିଷପତ୍ର ଭାଙ୍ଗି ନଷ୍ଟ କରିଦେଇଛନ୍ତି। ବାରମ୍ବାର ହାତୀପଲ ପଶି କେନ୍ଦ୍ରର ସାମଗ୍ରୀ ନଷ୍ଟ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉ କି, ଦୁଇମାସ ତଳେ ହାତୀପଲ ଏହି ଅଙ୍ଗନୱାଡି କେନ୍ଦ୍ରକୁ ପ୍ରବେଶ କରି ବହୁ ଜିନିଷପତ୍ର ନଷ୍ଟ କରିଥିଲେ। ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଏହି ଅଙ୍ଗନୱାଡି କେନ୍ଦ୍ର ପାଖରେ ଏକ ଟାୱାର ଅଛି ସତ କିନ୍ତୁ ସେଠାରେ କେହି ବନରକ୍ଷୀ ରହୁ ନ ଥିବାରୁ ଏପରି ଘଟଣା ଘଟୁଛି। ଯଥାଶୀଘ୍ର ଅଙ୍ଗନୱାଡି କେନ୍ଦ୍ରର ଅଧାପନ୍ତରିଆ ହୋଇ ପଡ଼ିରହିଥିବା ପାଚେରି ସମ୍ପୂର୍ଣ୍ଣ ଭାବେ ଚତୁଃପାର୍ଶ୍ୱରେ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ହାତୀପଲ ସ୍ଥାନୀୟ ଅଞ୍ଚଳରେ ଅନେକ ଚାଷଜମି ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲ ଉପରେ ନଜର ରଖିଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

# ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା ଶୁଭାରମ୍ଭ



କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ରାଇରଙ୍ଗପୁର,୪।୧୦(ମାନସ ମହାନ୍ତି)

ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଜାତୀର ପିତା ମହାତ୍ମା ଗାନ୍ଧୀ ଓ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଦଳୀୟ ନେତୃବୃନ୍ଦ, ଯୁବକର୍ମୀ ଜାତିରପିତା ମହାତ୍ମାଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲା ପଶ୍ଚିମ ମୟୂରଭଞ୍ଜ ଶାଖା ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ରାଜ୍ୟ ଜାତୀୟ କଂଗ୍ରେସ ଦଳୀୟ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟବାସୀଙ୍କ ସ୍ୱାର୍ଥ, ନ୍ୟାୟ ଏବଂ ଦେଶ ସମ୍ବିଧାନ ସୁରକ୍ଷା ସକାଶେ ଗାନ୍ଧୀ ପଥେ ଓଡ଼ିଶା ସଚେତନା ପଦଯାତ୍ରା ଶୁଭାରମ୍ଭ କରାଯାଇଥିଲା। କଂଗ୍ରେସର ଦଳୀୟ ନେତୃବୃନ୍ଦ ଏବଂ ଯୁବ ସମର୍ଥକ ସ୍ଥାନୀୟ ରାଇରଙ୍ଗପୁର ସହରାଞ୍ଚଳ ବଡ଼ ବଜାର ନିକଟସ୍ଥ ଜନଗହଳି ରାସ୍ତା ଏବଂ ଛକରେ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଶ୍ୟାମଚରଣ ହାଁସଦା, ଲକ୍ଷ୍ମଣ ମାଝୀ, ପଲ୍ଲାଦ ପୂର୍ତ୍ତି, ନଗର କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲ, ରୂପକ ମହାନ୍ତି, ଭାଗୀରଥି ପାତ୍ର, ମହମ୍ମଦ ଅଲିଖାନ, ଅମର ମହାନ୍ତ, ସବ୍ୟସାଚୀ ଖୁଣ୍ଟିଆ, ରୋହିଦାସ ସୋରେନ, ବିଡାର ମାଝୀ, ପିଥ ମୁର୍ମୁ, ଧୀରାୟ ସୋରେନଙ୍କ ସମେତ ବହୁ କଂଗ୍ରେସ କର୍ମୀ, ସମର୍ଥକ ସାମିଲଥିଲେ।

# ଭସାଣିରେ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ସର୍ବତ ବଣ୍ଟନ

ବେତନଟୀ,୪।୧୦(ଧରଣୀ ଧର ମହାନ୍ତି)

ବେତନଟୀ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଅବସରରେ ମହାଷ୍ଟମୀରୁ ଦଶହରା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ଦହି ପଖାଳ ବଣ୍ଟନ କରାଯାଇଥିଲା। ଏଥିସହ ଏକ ଯୁବ ସଂଗଠନ କଲ୍ୟାଣ ଫାଉଣ୍ଡେଶନ ମଧ୍ୟ ଚାରିଦିନ ଧରି ଶ୍ରଦ୍ଧାଳଙ୍କୁ ଦହି ସର୍ବତ ବଣ୍ଟନ କରିଛନ୍ତି। ସଂଗଠନର ୧୧ ଜଣ କର୍ମକର୍ତ୍ତା ମହାଷ୍ଟମୀରୁ ଦଶହରା ପର୍ଯ୍ୟନ୍ତ ସର୍ବତ ଓ ଥଣ୍ଡା ପାଣି ବଣ୍ଟନ କରିଥିଲେ। ଏଥିସହ ରାବଣପୋଡ଼ି ଓ ଭସାଣି ଉତ୍ସବରେ ମୋଟ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ସର୍ବତ ଓ ଥଣ୍ଡା ପାଣି ବଣ୍ଟନ କରିଛନ୍ତି। ଏହି ସମୟରେ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶାଳ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ସର୍ବତ ପ୍ରଦାନ କରିଥିଲେ। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଅରୁଣ କୁମାର ଅତା, ହରିଶ୍ଚନ୍ଦ୍ର ନନ୍ଦଗୋସମୀ, ସଚ୍ଚିଦାନନ୍ଦ ମହାନ୍ତି, କିଶୋର ଚନ୍ଦ୍ର ଆଚାର୍ଯ୍ୟ, ରମାକାନ୍ତ ମହାନ୍ତ, ଭବାନୀ ଶଙ୍କର ପରିଡ଼ା, ଉଦିତ ପରିଡ଼ା, ଶୀରିସ ବାରିକ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ସର୍ବତ ବଣ୍ଟନ କରିଥିଲେ।


No.O-803

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/30-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526



**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526


# ପୋଖରୀରେ ବୁଡ଼ି ଶିଶୁ ମୃତ

ଉଦଳା, ୪।୧୦(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବିସିପୁର ଗ୍ରାମରେ ଶନିବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ି ଜଣେ ୩ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗ୍ରାମର ମଧୁସୂଦନ ସିଂଙ୍କ ସାନପୁଅ ହିମରାଜ। ସୂଚନା ଅନୁଯାୟୀ, ମଧୁସୂଦନଙ୍କ ସ୍ତ୍ରୀ ଘର ଭିତରେ କାମ କରୁଥିଲେ। ଏହି ସମୟରେ ପୁଅ ହିମରାଜ ବାଡ଼ିରେ ଥିବା ପୋଖରୀ ନିକଟରେ ଖେଳୁଥିଲେ। କିଛି ସମୟ ପରେ ମା' ହିମରାଜଙ୍କୁ ଖୋଜି ପାଇ ନ ଥିଲେ। ପରେ ଘର ନିକଟରେ ଥିବା ପୋଖରୀରେ ପୁଅ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଖରୀ ପାଖରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ଶିଶୁ ପୋଖରୀରେ ବୁଡ଼ି ଯାଇଥିବା ଜଣାଯାଇଛି।


No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025
e-Procurement NOTICE

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526


# ଗଳିତ ମୃତଦେହ ଜବତ

## ଫୁଟ୍‌ବଲ୍ ଖେଳ ଦେଖିବାକୁ ଯାଇ ନିଖୋଜ ଥିଲେ

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବଡ଼ଡାକୋଇ ଗ୍ରାମର ଏକ ଖାଲୁଆ ସ୍ଥାନରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ବେତନା ଖଡିଆସାହି ଗ୍ରାମର ରବୀନ୍ଦ୍ର ନାଥ ଗୁଡୁ(୫୫)। ସୂଚନା ଅନୁଯାୟୀ, ରବୀନ୍ଦ୍ର ଗତ ୨ ତାରିଖରେ ଫୁଟ୍‌ବଲ୍ ଖେଳ ଦେଖିବା ପାଇଁ ଘରୁ ବଡ଼ଡାକୋଇ ଗ୍ରାମକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶନିବାର ସକାଳୁ ତାଙ୍କ ଗଳିତ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା।

# ଜାଲଦା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଝାରପୋଖରିଆ,୪।୧୦ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ପଞ୍ଚାୟତ ସମିତି ଅନ୍ତର୍ଗତ ଜାଲଦା ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ପଞ୍ଚାୟତ ରାଜୀବ ଭବନ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀଙ୍କ ୧୫୬ ତମ ଜନ୍ମବାର୍ଷିକୀ ଉପଲକ୍ଷେ ଗତ ଗୁରୁବାର ଅନୁଷ୍ଠିତ ସଭାରେ ସରପଞ୍ଚ ନିନି ନାଏକ ସଭାପତିତ୍ୱ କରିଥିଲେ। ଗ୍ରାମସଭାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ର ମୋହନ ସିଂ ପରିଚାଳନା କରିଥିଲେ। ସଭାରେ ପଞ୍ଚାୟତର ୧୦ ୱାର୍ଡର ସଭ୍ୟାସଭ୍ୟ, ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ସଭାରେ ଏଡିଓ ବୁଢାନ ମାଝୀ ଓ ଯୋଗାଣ ସହାୟକ ଉତ୍ତମ କୁମାର ମହାନ୍ତ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବୈଠକରେ ଉପସ୍ଥିତ ସର୍ବସାଧାରଣଙ୍କୁ ନେଇ ପଞ୍ଚାୟତର ଉନ୍ନୟନ ମୂଳକ ବିଭିନ୍ନ କାର୍ଯ୍ୟ ଖସଡ଼ା ଆଗାମୀ ୨୦୨୫-୨୦୨୬ ବର୍ଷାପାଇଁ ପଞ୍ଜିକୃତ କରିଥିଲେ। ବିଭିନ୍ନ ଅଭିଯାନ ମାଧ୍ୟମରେ ଆଦିବାସୀ ପରିବାରକୁ ସଶକ୍ତି କରଣ କରିବା, ମା' ପାଇଁ ଗଛ ଟିଏ, ନିଶାମୁକ୍ତ ଭାରତ ଗଠନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରଭୃତି ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ନାଏବ ସରପଞ୍ଚ ସତୀଶ ଚନ୍ଦ୍ର ପାଳ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଜନସାଧାରଣ ତଥା ଗ୍ରାମବାସୀଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ପିଇଓ ଧନ୍ୟବାଦ ଅର୍ପଣ କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆରଏସ୍‌ଓ-ଡାଟା-ଲବି-ଟିଏଲ୍‌ସି-୧୦, ତାରିଖ: ୩୦।୦୯।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ବୈଷୟିକ ବିଡ୍ ଏବଂ ପ୍ୟାକେଟ୍-II: ଆର୍ଥିକ ବିଡ୍) ଆହ୍ୱାନ କରାଯାଉଛି । ଟେଣ୍ଡର ବାବଦରେ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୭୩୦ ଦିନ ପାଇଁ ସମସ୍ତ ଲବି ଯଥା ଜରୋଲି, ଡାଙ୍ଗୋଆପୋଷି, ଟାଟାନଗର, ଆଦିତ୍ୟପୁର, ସିନି, ଚକ୍ରଧରପୁର, ବଣ୍ଡମୁଣ୍ଡା, ରାଉରକେଲା ଓ ଝାରସୁଗୁଡ଼ା ଏବଂ ଟିଏଲ୍‌ସି/ଚକ୍ରଧରପୁରଠାରେ ଲୋକୋ ଏବଂ କ୍ରିଉ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଦର୍ଶନର ତଦାରଖ ପାଇଁ ବିଭିନ୍ନ ଗୁଗଲ୍ ଶିଟ୍, ଏଫଓଆଇଏସ୍, ଏସ୍‌ଏଲ୍‌ଏମ୍, ଆଇସିଏମ୍‌ଏସ୍, ସିଓଏ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଅସ୍ୱାଭାବିକତା ଭଳି ଟ୍ରେନ୍ ପରିଚାଳନା ସମ୍ବନ୍ଧୀୟ ଡାଟା ଏଣ୍ଟ୍ରି ଓ ତତ୍-ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଆଉଟସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୧୮,୯୯,୪୦୮.୮୦ । **ଇ.ଏମ୍.ଡି.:** ₹୨,୦୯,୫୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୫,୦୦୦/- । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୦୦ ଘଣ୍ଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୩୦ ଘଣ୍ଟିକା । **ଟେଣ୍ଡର ୱେବ୍‌ସାଇଟ୍** http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-687)



**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]
Notice Inviting E-Auction for Allocation of Sand ghats
(Through E-Procurement mode over https://www.jharkhandtenders.gov.in)

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट/बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रमः–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराहन तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट/बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट/बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों/कम्पनी/फर्म/HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट/ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद् संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा | जिला कोषागार पदाधिकारी, लोहरदगा | जिला खनन पदाधिकारी, लोहरदगा
अपर समाहर्ता लोहरदगा | उप निदेशक, खान दक्षिणी छोटानागपुर अंचल, राँची | उपायुक्त, लोहरदगा

PR.NO.363264 Lohardaga(25-26):D



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ବଣ୍ଡମୁଣ୍ଡା-ଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୧୮,୭୯,୯୭୩.୦୬; ₹୨,୦୯,୪୦୦/- । **(୨) ସିକେପି-ୱେଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଉରକେଲାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୩୮,୫୯,୯୯୯.୮୨; ₹୨,୧୯,୩୦୦/- । **(୩) ସିକେପି-ୱେଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଜଗାଙ୍ଗପୁରଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/- । **(୪) ସିକେପି-ୱେଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/- । **(୫) ସିକେପି-ୱେଷ୍ଟ-୨୫-୨୬-୨୭, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ସରଡେଗା ମଧ୍ୟରେ ସିଏଚ୍ ୦ – ସିଏଚ୍ ୫୦ ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୨,୫୯,୬୬,୭୯୯.୮୪; ₹୨,୭୯,୮୦୦/- । **(୬) ସିକେପି-ୱେଷ୍ଟ-୨୫-୨୬-୨୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା-ପାନପୋଷ ମଧ୍ୟରେ ୱେ' ସାଇଡ୍ ଷ୍ଟେଶନରେ ସର୍ଭିସ୍/ଆବାସିକ ବିଲ୍ଡିଂ ଆଦି ପାଇଁ ଜୋନାଲ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ); ₹୧,୩୮,୦୦,୦୦୦/-; ₹୨,୧୯,୦୦୦/- । **(୭) ସିକେପି-ସେଣ୍ଟ୍ରାଲ-୨୫-୨୬-୩୬, ତାରିଖ: ୨୬।୦୯।୨୦୨୫** । ମଣ୍ଡଳ ଯନ୍ତ୍ରୀ/ମଧ୍ୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚକ୍ରଧରପୁରଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ; ₹୧,୬୯,୨୯,୦୦୦/-; ₹୨,୩୪,୭୦୦/- । **(୮) ସିକେପି-ସେଣ୍ଟ୍ରାଲ-୨୫-୨୬-୩୭, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ 'ଏ' କ୍ୟାବିନ୍ (କିମି ୪୦୭/୧୧)ରୁ ଚାନ୍ଦିପୋଷି (କିମି ୪୩୮/୦) ଏବଂ ଦୁମେର୍ତା (କିମି ୪୧୨/୧୧)ରୁ ଲିଙ୍କ୍ ସି (କିମି ୫୭୯/୫) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୫,୭୩,୦୦୦/-; ₹୨,୪୬,୫୦୦/- । **(୯) ସିକେପି-ସେଣ୍ଟ୍ରାଲ-୨୫-୨୬-୩୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ-II)/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୩,୦୫,୦୦୦/-; ₹୨,୪୬,୫୦୦/- । **(୧୦) ସିକେପି-ସେଣ୍ଟ୍ରାଲ-୨୫-୨୬-୩୯, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ମନୋହରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୨୨,୭୫,୦୦୦/-; ₹୨,୬୧,୪୦୦/- । **(୧୧) ସିକେପି-ସେଣ୍ଟ୍ରାଲ-୨୫-୨୬-୪୦, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ପି.ୱେ/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ ସେକ୍ସନ ଚାନ୍ଦିପୋଷି (କିମି ଏକ୍ସ-୪୩୮/୦)ରୁ ବରସୁଆଁ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୪୦,୦୦୦/-; ₹୨,୨୯,୨୦୦/- । **(୧୨) ସିକେପି-ସେଣ୍ଟ୍ରାଲ-୨୫-୨୬-୪୧, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବିମଲଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୬୮,୩୦,୦୦୦/-; ₹୨,୩୪,୨୦୦/- । **(୧୩) ସିକେପି-ଇଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୮,୦୯,୮୯୯.୯୯; ₹୨,୪୯,୧୦୦/- । **(୧୪) ସିକେପି-ଇଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଆଦିତ୍ୟପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୩୯,୯୯୯.୯୯; ₹୨,୨୯,୨୦୦/- । **(୧୫) ସିକେପି-ଇଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୪୩,୫୫,୦୦୦/-; ₹୨,୨୧,୮୦୦/- । **(୧୬) ସିକେପି-ଇଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାହାଲଦା ରୋଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ଅଁଳାକୋରି, ଅଁଳାକୋରି-ଗୋରୁମହିଷାଣି ଏବଂ ଅଁଳାକୋରି-ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୮,୭୦,୦୦୦/-; ₹୨,୧୪,୪୦୦/- । **(୧୭) ସିକେପି-ସାଉଥ୍-୨୫-୨୬-୧୨, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚାଇବାସାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୬୮,୬୦୦/-; ₹୨,୮୮,୯୦୦/- । **(୧୮) ସିକେପି-ସାଉଥ୍-୨୫-୨୬-୧୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୧୯,୮୩,୩୦୦/-; ₹୩,୦୯,୯୦୦/- । **(୧୯) ସିକେପି-ସାଉଥ୍-୨୫-୨୬-୧୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାଂଶପାଣିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୫୯,୨୮,୦୦୦/-; ₹୩,୨୯,୬୦୦/- । **(୨୦) ସିକେପି-ସାଉଥ୍-୨୫-୨୬-୧୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ ଜାମଦାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୮୪,୮୦୦/-; ₹୨,୮୮,୯୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-678)

# ଯୁବକଙ୍କ ବେକ, ଯୌନାଙ୍ଗ କାଟି ହତ୍ୟାକଲେ ଭିଣୋଇ

ଯାଜପୁର ରୋଡ୍, ୪।୧୦ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବେକ ଓ ଯୌନାଙ୍ଗକୁ କାଟି ଭିଣୋଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ମିଥୁନ ବେହେରା। ଅଭିଯୁକ୍ତ ଭିଣୋଇ କହ୍ନେଇ ବେହେରା ଫେରାର ହୋଇଯାଇଛନ୍ତି। ଏନେଇ ମୃତକଙ୍କ ବଡ଼ଭାଇ ରସିକଙ୍କ ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ୍ ଥାନା ପୋଲିସ ନଂ.୫୮୮/୨୦୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପନାସିଆ ଆଦିବାସୀ ବସ୍ତି ରେଳଲାଇନ କଡ଼ରେ ଶନିବାର ଭୋର ସମୟରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟଣା ଘଟିଛି। ଦଶହରା ପୂଜା ଛୁଟି କାଟିବା ପାଇଁ ୨ ଦିନ ତଳେ ଅର୍ଥାତ୍ ଗୁରୁବାର କେନ୍ଦୁଝର ଜିଲା ରାଇସୁଆଁ ଥାନା ଗୁହାଳିଚଟୁଆ ଗ୍ରାମର ମିଥୁନ ବେହେରା(୨୪) ସପରିବାର ବ୍ୟାସନଗର ସହର ପନାସିଆକୁ ଆସିଥିଲେ। ବଡ଼ଭାଇ ରସିକ ବେହେରା ଜଣେ ନିର୍ମାଣ ଶ୍ରମିକ ଭାବେ ଏଠାରେ ରହି କାମ କରୁଥିଲେ। ରସିକଙ୍କ ଭଉଣୀ ରୀନା ବେହେରା କିଛି ବର୍ଷ ତଳେ ରାଜମିସ୍ତ୍ରି କହ୍ନେଇ ବେହେରାଙ୍କୁ ବିବାହ କରିଥିଲେ। କହ୍ନେଇ ନିଶାଗ୍ରସ୍ତ ହେବା ସହ ତାଙ୍କ ଅସାମାଜିକ ଗୁଣ ପାଇଁ ରୀନା ପ୍ରାୟ ୨ବର୍ଷ ତଳୁ ତାଙ୍କୁ ଛାଡି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। କହ୍ନେଇ ଏଥିରେ ଉତ୍କ୍ଷିପ୍ତ ହୋଇ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ରସିକଙ୍କ ଘରେ ଗଣ୍ଡଗୋଳ କରୁଥିଲେ। ଏପରିକି ରୀନାଙ୍କୁ ଜୀବନରୁ ମାରିଦେବାକୁ ବାରମ୍ବାର ଧମକ ଦେଇଆସୁଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ସମସ୍ତେ ବସି ଟିଭିରେ ସିନେମା ଦେଖୁଥିଲେ। ଶନିବାର ଭୋର ୪ଟା ବେଳେ କହ୍ନେଇ ଆସି ରସିକଙ୍କ ଘରେ ପହଞ୍ଚିଥିଲେ। ଏହାପରେ ରସିକଙ୍କୁ ବାହାରକୁ ଯାଇ ମଦ ପିଇବାକୁ କହିଥିଲେ। ରସିକ ଫିଲ୍ମ ଦେଖୁଛି କହି ଯିବାକୁ ମନା କରିବା ପରେ ପୂଜା ବୁଲିବାକୁ ଆସିଥିବା ସାନ ଶଳା ମିଥୁନଙ୍କୁ ମଦ ପିଇବାକୁ ଡାକିଥିଲେ। ଘରଠାରୁ କିଛି ବାଟ ଯିବା ପରେ ରେଳଲାଇନ୍ କଡ଼ ନିଛାଟିଆ ସ୍ଥାନରେ କହ୍ନେଇ ବର୍ବରକାଣ୍ଡ ଘଟାଇଥିଲେ। କହ୍ନେଇ ପ୍ରଥମେ ମିଥୁନଙ୍କ ବେକ ଏବଂ ପରେ ଯୌନାଙ୍ଗକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ମିଥୁନ ଜୀବନ ବଞ୍ଚାଇବା ପାଇଁ ଘରକୁ ଦୌଡ଼ିଥିଲେ। ଏହି ସମୟରେ ପ୍ରାୟ ୨୦୦ ମିଟର ଯାଏ ରାସ୍ତାରେ ରକ୍ତ ପଡ଼ିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କହ୍ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଏସ୍‌ଆଇ ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି।

# ମହିଳା ଉଦ୍ଧାର, ଟ୍ରକ୍ ଡ୍ରାଇଭର ଗିରଫ

## ଚରମ୍ପାରୁ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣା

## ବଳାତ୍କାର ପରେ ରାସ୍ତାରେ ଛାଡ଼ିଦେଇଥିଲେ

ଭଦ୍ରକ, ୪।୧୦(ସନାତନ ରାଉତ)

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣାରେ ଅପହରଣକାରୀ ଟ୍ରକ୍ ଡ୍ରାଇଭରଙ୍କୁ ଟାଉନ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲା ଝୁମ୍ପୁରାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ମହମ୍ମଦ ସଦାମ ହୁସେନ(୨୪)। ସେ ଉକ୍ତ ମହିଳାଙ୍କୁ ଟ୍ରକ୍ ଭିତରେ ବଳାତ୍କାର କରିବା ପରେ ବରପଦା-ଗଣିଜାଙ୍ଗ ମଝି ରାସ୍ତାରେ ଛାଡ଼ିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୋଲିସ ପୀଡ଼ିତା ମହିଳାଙ୍କୁ ଶନିବାର ରାନ୍ଧିଆ ନିକଟରୁ ଉଦ୍ଧାର କରିଥିବା ଶନିବାର ଅପରାହ୍ନ ୧ଟାରେ



ଗିରଫ ମହମ୍ମଦ ସଦାମ ହୁସେନ।

ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ବୁଧବାର ବିଳମ୍ବିତ ରାତିରେ ବର୍ଷା ଲାଗି ରହିଥିବା ବେଳେ ଚରମ୍ପା ଫାଣ୍ଡି ଛକରେ ରାଜପଥ ପାର୍ଶ୍ୱ ଏକ ଦୋକାନ ବାରଣ୍ଡାରେ ପୀଡ଼ିତା ମହିଳା ଆଶ୍ୟ ନେଇଥିଲେ। ଏହି ସମୟରେ ଟ୍ରକ୍ ଡ୍ରାଇଭର ହୁସେନ ଜୋରଜବରଦସ୍ତ ଉକ୍ତ ମହିଳାଙ୍କୁ ଟେକି ନେଇଯାଇଥିଲେ। ଅପହରଣ ବେଳର ଦୃଶ୍ୟ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ କଏଦ୍ ହୋଇଥିଲା। ଏହି ଭିଜୁଆଲ ଭାଇରାଲହେବା ପରେ ଭଦ୍ରକ ଏସ୍‌ପି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନକରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୮୭/୨୫) ରୁଜୁ ହୋଇଥିଲା। ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯିବା ସହ ଡ୍ରାଇଭର ମହାସଂଘ ଓ ଟ୍ରକ୍ ମାଲିକ ସଂଘ ସହ ଯୋଗାଯୋଗ କରାଯାଇଥିଲା। ଶେଷରେ କେନ୍ଦୁଝର ଝୁମ୍ପୁରାଠାରେ ଉକ୍ତ ଟ୍ରକ୍‌ର ସନ୍ଧାନ ମିଳିଥିଲା। କେନ୍ଦୁଝର ସଦର ପୋଲିସ ସହାୟତାରେ ଭଦ୍ରକ ଟାଉନ ପୋଲିସ ଅଭିଯୁକ୍ତ ସଦାମଙ୍କୁ ଗିରଫକରି ବିଳମ୍ବିତ ରାତିରେ ଥାନାକୁ ଆଣିଥିଲା। ଟ୍ରକ୍‌କୁ ଜବତ କରାଯାଇ ଟାଉନ ଥାନାରେ ରଖାଯାଇଛି। ସଦାମଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେ ଝୁମ୍ପୁରାରେ ରହି ଟ୍ରକ୍ ଚଳାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

# ଝିଅ ଆଗରେ ସ୍ତ୍ରୀଙ୍କୁ କଚାଡ଼ି ମାରିଦେଲେ

## ସ୍ୱାମୀ ଗିରଫ

ଔପଦା, ୪।୧୦(ଧରିତ୍ରୀ ପଣ୍ଡା)

ସାମାନ୍ୟ ପାରିବାରିକ ଗଣ୍ଡଗୋଳରୁ ହିତାହିତ ଜ୍ଞାନ ଭୁଲିଗଲେ ସ୍ୱାମୀ। ପିଟି ପିଟି ମନ ଶାନ୍ତ ହେଲାନି। ୩ ବର୍ଷର ଝିଅ ଆଗରେ ସ୍ତ୍ରୀଙ୍କୁ ରାସ୍ତାରେ କଚାଡ଼ି ଦେଲେ। ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏଭଳି ଏକ ନୃଶଂସ ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ହରିଜନ ସାହିରେ।

୫ବର୍ଷ ପୂର୍ବେ ମୟୂରଭଞ୍ଜ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କୁନୁ ବାଗଙ୍କ ଝିଅ ବିଷମାଙ୍କୁ ନିଶାକର ମାଣ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଏକ କନ୍ୟା ସନ୍ତାନ ଅଛି। ନିଶାକର ଶୁକ୍ରବାର ରାତିରେ ସ୍ତ୍ରୀ ବିଷମାଙ୍କୁ କୌଣସି କାରଣରୁ ମାରପିଟ୍ କରିଥିଲେ। ନିର୍ଦ୍ଧୁମ୍ ପିଟିବା ସହ ସ୍ତ୍ରୀଙ୍କୁ ଘରୁ ବାହାରକୁ ଟେକି ଆଣି ରାସ୍ତା ଉପରେ କଚାଡ଼ି ଦେଇଥିଲେ। ବିଷମା ଚିତ୍କାର କରିବାରୁ ପଡ଼ୋଶୀ ଲୋକେ



ଥାନା ସମ୍ମୁଖରେ ମୃତ ମହିଳାଙ୍କ ବାପ ଘର ଲୋକେ।

ସେଠାରେ ପହଞ୍ଚିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବିଷମାଙ୍କୁ ଉଦ୍ଧାର କରି ନିଶାକର ଓ ତାଙ୍କ ସମ୍ପର୍କୀୟ ପୁତୁରା ଖଇରା ଡାକ୍ତରଖାନାକୁ ନେଇଥିଲେ। ବିଷମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନିଆଯାଉଥିବା ବେଳେ ବାଟରେ ବିଷମାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ମୃତଦେହକୁ ଗାଁକୁ ଅଣାଯାଇଥିଲା। ଖବରପାଇ ବାପଘର ଲୋକେ ବିଳମ୍ବିତ ରାତିରେ ଔପଦା ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୫୮/୨୫) ରୁଜୁ କରି ନିଶାକରଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ଔପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ନିଶାକରଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

# ଉପ ଡାକଘର ତାଲା ଭାଙ୍ଗି ଚୋରି

ଚମ୍ପୁଆ,୪।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କବାଟ ତାଡ଼ି ଷ୍ଟାମ୍ପ ବିକ୍ରି ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ପୋଷ୍ଟମାଷ୍ଟର ତପସ୍ୱିନୀ ପାତ୍ର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୋଷ୍ଟ ଅଫିସ କାର୍ଯ୍ୟ ଶେଷକରି କର୍ମଚାରୀମାନେ ଘରକୁ ଫେରିଥିଲେ। ଶନିବାର ସକାଳେ କର୍ମଚାରୀମାନେ ଡାକଘରେ ପହଞ୍ଚିବା ପରେ ଘର ପଛପଟ କବାଟ ଓ ଗ୍ରୀଲ୍ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏ ନେଇ ପୋଷ୍ଟମାଷ୍ଟର ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡାକଘର ଅଧିକାରୀଙ୍କ ଉପସ୍ଥିତିରେ କବାଟ ଖୋଲି ଭିତରେ ତଦନ୍ତ କରିଥିଲେ। ଦୁର୍ବୃତ୍ତ ଏକାଧିକ ଆଲମିରା ତାଡ଼ି କାଗଜପତ୍ର, ଷ୍ଟାମ୍ପ ବିକ୍ରି ଅର୍ଥ ରଖାଯାଇଥିବା ବାକ୍ସ ତାଡ଼ି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ।

# ଭୁବନେଶ୍ୱର ବିମାନବନ୍ଦରରୁ ୩.୨୦ କୋଟିର ମାରିଜୁଆନା ଜବତ

## କେରଳ ଯୁବକ ଗିରଫ

ଭୁବନେଶ୍ୱର, ୪।୧୦(ସତ୍ୟଜିତ ରାଉତ)

ବିମାନ ଯୋଗେ ବିଦେଶରୁ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଏବଂ ଜବତ ସତ୍ତ୍ୱେ ଏହି କାରବାରରେ ରୋକ ଲାଗିପାରୁନାହିଁ। ଭୁବନେଶ୍ୱର ବିମାନ ବନ୍ଦରରୁ ଶନିବାର ପୁଣି ୩ କୋଟି ୨୭ ଲକ୍ଷ ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିଛି। ଏହି ଚାଲାଣରେ ସମ୍ପୃକ୍ତ ଜଣେ କେରଳ କନୁରର ମହମ୍ମଦ ନବୀଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଇଣ୍ଡିଗୋ ଫ୍ଲାଇଟ୍(ନଂ. ୬ଇ୧୦୬୬) ଜରିଆରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର



ଆସିଥିଲେ। କଷ୍ଟମ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କ ଲଗେଜ୍ ଯାଞ୍ଚ କରିବାପରେ ଏହି ଚାଲାଣ ଧରାପଡ଼ିଥିଲା। ଜବତ ମାରିଜୁଆନାର ଓଜନ ୩ କେଜି ୨୭୦ଗ୍ରାମ ଥିଲା। ତେବେ ଏହି କାରବାରରେ ଅନ୍ୟ କାହା ସମ୍ପୃକ୍ତ ରହିଛି ସେନେଇ ତଦନ୍ତ କରାଯାଉଛି। ଅଗଷ୍ଟ ମାସରେ ମଧ୍ୟ ବିମାନବନ୍ଦରରେ ଏକ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରୁ ଗତ ୬ମାସ ମଧ୍ୟରେ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବାବେଳେ ୮ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।

Business

# ପ୍ରତି ପରିବାର ୫୦୦୦ ଟଙ୍କାର ଖଦି କିଣିବାକୁ ଆହ୍ୱାନ




ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

- ୩୩.୬୬ କୋଟିର କେଭିଆଇସି ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ରୋହତକରେ 'ଖଦି କାରିଗର ମହୋତ୍ସବ'
- କାରିଗରଙ୍କୁ ୨,୨୯୮ ମେଶିନ, ଟୁଲ୍‌କିଟ୍ ପ୍ରଦାନ

ହରିୟାଣାର ରୋହତକଠାରେ ଅନୁଷ୍ଠିତ 'ଖଦି କାରିଗର ମହୋତ୍ସବ'ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଦେଶର ପ୍ରତ୍ୟେକ ପରିବାର ୫୦୦୦ ଟଙ୍କା ମୂଲ୍ୟର ଖଦି କିଣିବାକୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେବ ବୋଲି ସେ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାହା ଖଦି କାରିଗରମାନଙ୍କୁ ମେଶିନ ଏବଂ ଟୁଲ୍‌କିଟ୍ ବଣ୍ଟନ କରିଛନ୍ତି। ଏହି ଅବସରରେ ଶାହା ହରିୟାଣାର କାରିଗରମାନଙ୍କୁ ୨,୨୯୮ ମେଶିନ ଏବଂ ଟୁଲ୍‌କିଟ୍ (ବୈଦ୍ୟୁତିକ କୁମ୍ଭାର ଚକ, ଚରଖା, ସିଲେଇ ମେଶିନ, ଧୂପକାଠି, ଚମଡ଼ା ମରାମତି ଟୁଲ୍‌କିଟ୍, ମୋବାଇଲ ଏବଂ ଏସି ମରାମତି ଟୁଲ୍‌କିଟ୍ ଆଦି) ବଣ୍ଟନ କରିଛନ୍ତି। ଏହାସହ ୫ ଜଣ ବରିଷ୍ଠ ଖଦି କାରିଗରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଆଭାସି ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବ୍ୟାପୀ ୩୩.୬୬ କୋଟି ଟଙ୍କା ବ୍ୟୟରେ ଅନେକ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପ୍ରକଳ୍ପକୁ ସମର୍ପିତ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ନୂଆଦିଲ୍ଲୀର କନଟ ପ୍ଲେସ୍‌ରେ ଥିବା 'ଖଦି ଗ୍ରାମୋଦ୍ୟୋଗ ଭବନ'କୁ 'ଖଦି ମଲ୍'ଭାବରେ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଉତ୍ତର ପ୍ରଦେଶର ଗୋରଖପୁରଠାରେ କେଭିଆଇସି ଡିଭିଜନାଲ ଅଫିସର ନବନିର୍ମିତ କୋଠାର ଉଦ୍‌ଘାଟନ କରାଯାଇଛି। ଖଦି କାରିଗରଙ୍କ ପାଇଁ ୭୭୨ଟି ନବନିର୍ମିତ କର୍ମଶାଳା, ସାରା ଦେଶରେ ୩୫ଟି ନବୀକରଣ ହୋଇଥିବା ବିକ୍ରୟ କେନ୍ଦ୍ର ଏବଂ ମହାରାଷ୍ଟ୍ରର ୱାର୍ଦ୍ଧାରେ ଜୈବିକ କପା କେନ୍ଦ୍ରୀୟ ସ୍ଲାଇଭର ପ୍ଲାଣ୍ଟର ଉଦ୍‌ଘାଟନ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଜିପି) ଅଧୀନରେ ୩୦୧ କୋଟି ଟଙ୍କାର ମାର୍ଜିନ ମନି ସବ୍‌ସିଡି ବଣ୍ଟନ କରାଯାଇଛି। ୭୪୧.୧୬ କୋଟି ଟଙ୍କା ନିବେଶ ସହ ୮୩୧୦ ନୂତନ ପିଏମ୍‌ଜିପି ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶାହା କହିଛନ୍ତି, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ୩୩,୦୦୦ କୋଟିରୁ ବୃଦ୍ଧି ପାଇ ୧,୭୦,୦୦୦ କୋଟି ଟଙ୍କା ହୋଇଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଏବଂ ଯୋଜନା ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ମଧ୍ୟ ଏହି ଅବସରରେ ଯୋଗଦେଇଥିଲେ। କେଭିଆଇସିର ସିଇଓ ରୂପ ରାଶୀ ଧନ୍ୟବାଦ ଦେଇଥିଲେ।

# ରୁପା ମୂଲ୍ୟରେ ୧୯.୪% ବୃଦ୍ଧି

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନାର ମୂଲ୍ୟ ବୃଦ୍ଧି ତଥା ହ୍ରାସ ଉପରେ ଗ୍ରାହକ ନଜର ରଖିଥିବାବେଳେ ରୁପାଦରରେ ମଧ୍ୟ ଅହେତୁକ ବୃଦ୍ଧି ହୋଇଛି। ସେପ୍ଟେମ୍ବର ମାସରେ ରୁପାର ମୂଲ୍ୟ ୧୯.୪ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପଟେ ସୁନାର ମୂଲ୍ୟ ୧୩% ବୃଦ୍ଧି ପାଇଛି। ସୋଲାର ଓ ଟେକ୍ନୋଲୋଜି ସେକ୍ଟରରୁ ବଢୁଥିବା ଚାହିଦା ଏବଂ ବିଶ୍ୱବ୍ୟାପୀ ଯୋଗାଣରେ ଅଭାବ ହେତୁ ରୁପାର ମୂଲ୍ୟ ବୃଦ୍ଧି ପାଇଛି। ସେପ୍ଟେମ୍ବର ପହିଲାରେ ରୁପାର ମୂଲ୍ୟ କିଲୋଗ୍ରାମ ପ୍ରତି ୧,୨୬,୦୦୦ ଟଙ୍କା ଥିବାବେଳେ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ମୂଲ୍ୟ ୨୪, ୫୦୦ ବୃଦ୍ଧି ପାଇ ୧,୫୦, ୫୦୦ ଟଙ୍କାରେ ପହଞ୍ଚିଛି। ଏହା ବିଗତ କିଛି ବର୍ଷ ମଧ୍ୟରେ ଏକ ମାସରେ ରୁପାର ମୂଲ୍ୟରେ ଆସିଥିବା ସବୁଠାରୁ ବଡ଼ ପରିବର୍ତ୍ତନ ମଧ୍ୟରୁ ଗୋଟିଏ। ଅନ୍ୟପକ୍ଷରେ, ସେପ୍ଟେମ୍ବର ମାସରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମରେ ୧୪,୩୩୦ ଟଙ୍କା ବା ୧୩.୫୬% ବୃଦ୍ଧି ପାଇଛି। ସେପ୍ଟେମ୍ବର ପହିଲାରେ ସୁନାର ମୂଲ୍ୟ ୧୦ ଗ୍ରାମ ପ୍ରତି ୧,୦୫,୬୭୦ ଟଙ୍କା ଥିବା ବେଳେ ସେପ୍ଟେମ୍ବର ସୁଦ୍ଧା ଏହା ୧,୨୦,୦୦୦ ଟଙ୍କାରେ ପହଞ୍ଚିଛି।

# ହିରୋ ମୋଟୋକର୍ପରେ ଦୁଇ ଚକିଆ ଯାନର ଚାହିଦା



ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ପର୍ବାପର୍ବଣି ସମୟରେ ଭାରତୀୟ ଅଟୋ ବଜାରରେ ଦୁଇ-ଚକିଆ ଯାନର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ହିରୋ ମୋଟୋକର୍ପ ଏହି ଉତ୍ସବ ସମୟରେ ଗ୍ରାହକଙ୍କ ଉତ୍ସାହ ଓ ବିକ୍ରୟରେ ବଡ଼ ବୃଦ୍ଧି ଦେଖିଛି। ନୂତନ ଜିଏସ୍‌ଟି ହ୍ରାସ ଯୋଗୁଁ ୧୦୦ ସିସି ଓ ୧୨୫ ସିସି କମ୍ୟୁଟର ସେଗମେଣ୍ଟରେ ଦୁଇ ଚକିଆ ଯାନ କିଣିବା ସହଜ ହୋଇଛି, ଯାହା ଗ୍ରାହକଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି କରିଛି। କମ୍ପାନୀର ଶୋ'ରୁମଗୁଡ଼ିକ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଗ୍ରାହକଙ୍କ ଭିଡ଼ ଦେଖାଦେଇଛି। ହିରୋ ମୋଟୋକର୍ପର ଚିଫ୍ ବିଜ୍‌ନେସ୍ ଅଫିସର (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ) ଆଶୁତୋଷ ବର୍ମା କହିଛନ୍ତି, ନବରାତ୍ରିର ପ୍ରଥମ ଦିନରୁ ଗ୍ରାହକଙ୍କ ଶୋ'ରୁମ ଆଗମନ ଓ ଯାନ କ୍ରୟ ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଇଏମ୍‌ଆଇ ସୁବିଧା ଓ ନୂତନ ମଡେଲଗୁଡ଼ିକ ଏହି ଚାହିଦାକୁ ଆହୁରି ବଢ଼ାଇଛି। ହିରୋ ମୋଟୋକର୍ପ ଡେଷ୍ଟିନି ୧୧୦, ଜୁମ ୧୬୦, ଗ୍ଲାମର ଏକ୍ସ ୧୨୫ ଓ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଭଳି ନୂତନ ମଡେଲ ସହିତ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। କମ୍ପାନୀର 'ଆୟା ତ୍ୟୋହାର, ହିରୋ ପେ ସୱାର' ଅଭିଯାନ ଗ୍ରାହକଙ୍କୁ ରିହାତି, ପୁରସ୍କାର ଓ ସୁନା ମୁଦ୍ରା ଭଳି ଉପହାର ପ୍ରଦାନ କରୁଛି। ଏହା ସହିତ ଅନ୍‌ଲାଇନ ପ୍ଲାଟଫର୍ମରେ ଗ୍ରାହକଙ୍କ ଅନୁସନ୍ଧାନ ୩ ଗୁଣରୁ ଅଧିକ ବଢ଼ିଛି। ଏହି ଉତ୍ସବ ସମୟର ଚାହିଦା ପୂରଣ ପାଇଁ ହିରୋ ମୋଟୋକର୍ପ ନିଜର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛି ଏବଂ ଲୋକପ୍ରିୟ ମଡେଲ ଓ ନୂତନ ରଙ୍ଗ ବିକଳ୍ପ ଉପଲବ୍ଧ କରାଉଛି।

# ଆଜି ଆଲେନ୍ ଟାଲେଣ୍ଟେକ୍ସ ପଞ୍ଜୀକରଣ ଶେଷ ତାରିଖ



ଭୁବନେଶ୍ୱର,୪।୧୦

ଆଲେନ୍‌ଟାଲେଣ୍ଟେକ୍ସ ପରୀକ୍ଷା ପଞ୍ଜୀକରଣ ପାଇଁ ଅକ୍ଟୋବର ୫ ଶେଷ ତାରିଖ ରହିଛି। ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ଏବଂ ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇଁ ଆସନ୍ତା ୧୨ ଅକ୍ଟୋବରରେ ଅନୁଷ୍ଠିତ ହେବ। ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରେସିଡେଣ୍ଟ ତଥା ଟାଲେଣ୍ଟେକ୍ସର ନ୍ୟାଶନାଲ ହେଡ୍ ପଙ୍କଜ ଅଗ୍ରୱାଲ କହିଛନ୍ତି, ଏହି ପରୀକ୍ଷା ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକ୍କିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନଙ୍କୁ ଅଭ୍ୟାସ ପାଇଁ ଟେଷ୍ଟ ପେପର ଆଲେନ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର ସିଲାବସ୍ ଏନ୍‌ସିଇଆର୍‌ଟି ଆଧାରିତ ହେବ। ପରୀକ୍ଷାରେ ବର୍ତ୍ତମାନ ଯାଏଁ ୧୮.୨୫ ଲକ୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିସାରିଛନ୍ତି। ୫ମରୁ ୧୦ମ ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ଜାତୀୟ ଓ ରାଜ୍ୟସ୍ତରୀୟ ର୍ୟାଙ୍କ୍ ସହ ୨.୫୦ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ସ୍କଲାରଶିପ ପାଇବେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ପୃଥକ୍ କମ୍ପିଟିଭ ସକ୍ସେସ୍ ଇଣ୍ଡେକ୍ସ (ସିଏସ୍‌ଆଇ) ମଧ୍ୟ ପ୍ରଦାନ କରାଯିବ।

# ମାଲାବାରର ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ




ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନା ଓ ହୀରା ଜୁଏଲେରି ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ କରାଯାଇଛି। ଏଥିରେ ଦୁର୍ଲଭ ଓ ମୂଲ୍ୟବାନ୍ ସୋଲିଟେୟାର ଜୁଏଲେରିର ଅପୂର୍ବ ସଂଗ୍ରହ ପ୍ରଦର୍ଶିତ ହେଉଛି। ଏହା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ ଆଣିବ ବୋଲି ଷ୍ଟୋର ପକ୍ଷରୁ ଆଶା କରାଯାଉଛି। ଶନିବାର ଆଣ୍ଡ ଡାଏମଣ୍ଡସର ଗ୍ରାହକ ଏବଂ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଦର୍ଶନୀ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରଦର୍ଶନୀରେ ଅନନ୍ୟ ଡିଜାଇନ ସହ ମନମୁଗ୍ଧକର ହୀରା ସୋଲିଟେୟାରର କଲେକ୍ସନ ରହିଛି। ଏହା ସୌନ୍ଦର୍ଯ୍ୟ, ଦୁର୍ଲଭତା ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂରେ ନିଶ୍ଚିତତା ପ୍ରଦାନ କରୁଛି। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି. ଅହମ୍ମଦୀ କହିଛନ୍ତି, ଆମେ ଆମ ଗ୍ରାହକଙ୍କୁ କେବଳ ଉଚ୍ଚମାନର ହୀରା ଜୁଏଲେରି ପ୍ରଦାନ କରୁଛୁ, ଯାହା ଆମ ବ୍ରାଣ୍ଡର ବିଶ୍ୱାସ ଓ ନିର୍ଭରଯୋଗ୍ୟତାର ପ୍ରମାଣ। ଏହି ସ୍ୱତନ୍ତ୍ର ଶୋ' ମାଧ୍ୟମରେ ଆମେ ସମସ୍ତ ଗ୍ରାହକଙ୍କୁ ଏକ ଅସାଧାରଣ ଜୁଏଲେରି କିଣାକିଣି ଅନୁଭବ ପ୍ରଦାନ କରିବାକୁ ଆଶା ରଖୁଛୁ। ସୋଲିଟେୟାର ଶୋ'ରେ ଗ୍ରାହକମାନେ ବିଭିନ୍ନ ଆକୃତି, ଆକାର ଓ ରଙ୍ଗରେ ଶତାଧିକ ହୀରା ଦେଖିପାରିବେ ଏବଂ ନିଜର ସ୍ୱତନ୍ତ୍ର ସ୍ଟାଇଲକୁ ପ୍ରତିଫଳିତ କରୁଥିବା ଜୁଏଲେରି ବାଛିପାରିବେ।

# ରେଳ ଯୋଗେ କଶ୍ମୀର ଉପତ୍ୟକାରେ ପହଞ୍ଚିଲା ଅଟୋମୋବାଇଲର ପ୍ରଥମ ବ୍ୟାଚ୍

ଭୁବନେଶ୍ୱର,୪।୧୦

କଶ୍ମୀର ଉପତ୍ୟକାରେ ରେଳ ଯୋଗେ ଅଟୋମୋବାଇଲର ପ୍ରଥମ ବ୍ୟାଚ୍ ପହଞ୍ଚିଛି। ଶୁକ୍ରବାର ୧୦୦ରୁ ଅଧିକ ଯାନବାହନ ନେଇ ଟ୍ରେନ୍ ଉପତ୍ୟକାର ଅନନ୍ତନାଗ ଗୁଡସ୍ ଟର୍ମିନାଲରେ ପହଞ୍ଚିଥିଲା। ଏହି ରେକ୍ ହରିୟାଣାର ମାନେସରରୁ ଆରମ୍ଭ ହୋଇଥିଲା ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ – ପ୍ରତୀକାତ୍ମକ ଚେନାବ ଆର୍ଚ ବ୍ରିଜ୍ ପାରକରିଥିଲା। ଚଳିତବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଉଧମପୁର-ଶ୍ରୀନଗର-ବାରମୂଲା ରେଳ ସଂଯୋଗ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପ ଦ୍ୱାରା ଏହି ସଫଳତା ମିଳିଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି । ଏହି ପ୍ରକଳ୍ପ କଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହ ରେଳ ଦ୍ୱାରା ସଂଯୋଗ କରିଛି। ଦଶନ୍ଧି ଧରି ବିଚ୍ଛିନ୍ନତାକୁ ଶେଷକରି ଏହାକୁ ପ୍ରକୃତ ଅର୍ଥରେ ଜାତୀୟ ରେଳ ଗ୍ରୀଡ୍‌ର ଅଂଶ କରିଛି। ୟୁଏସ୍‌ବିଆର୍‌ଏଲ ଲିଙ୍କ୍ କାର୍ଯ୍ୟକାରୀ ହେବା ସହ ବନ୍ଦେ ଭାରତ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଉପତ୍ୟକାରେ ପହଞ୍ଚିଥିଲା, ଯାହା ଲୋକଙ୍କୁ ଏକ ଆଧୁନିକ ଏବଂ ଦ୍ରୁତ ଯାତ୍ରା ଅନୁଭୂତି ପ୍ରଦାନ କରିଥିଲା। ଏହାପରେ ସେପ୍ଟେମ୍ବର ୧୫ରେ ଭାରତୀୟ ରେଳପଥ ଉପତ୍ୟକାରେ ସେଓ ଚାଷୀମାନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍ସଲ ଟ୍ରେନ୍ ସେବା ପରିଚାଳନା କରିଥିଲା। ବଡଗାମ୍ ଏବଂ ଦିଲ୍ଲୀ ମଧ୍ୟରେ ଦୈନିକ ସମୟସାରଣୀ ସହ ଟ୍ରେନ୍ ସେବା ଆରମ୍ଭ କରାଯାଇଥିଲା। ଏହାଦ୍ୱାରା କଶ୍ମୀରରୁ ସେଓ ସବୁଠାରୁ ଅନୁକୂଳ ବାଣିଜ୍ୟ ସମୟରେ ରାଜଧାନୀର ପାଇକାରୀ ବଜାରରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଏହାସହ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି, ସଡ଼କ ପରିବହନ ଉପରେ ନିର୍ଭରଶୀଳତା ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇଛି। ବର୍ତ୍ତମାନ ପ୍ରଥମ ଥର ପାଇଁ ନୂତନ ଯାନଗୁଡ଼ିକୁ ରେଳ ଦ୍ୱାରା ଉପତ୍ୟକାକୁ ପରିବହନ କରାଯାଇଛି; ଯାହା ବାଣିଜ୍ୟ, ଖୁଚୁରା ଏବଂ ଆନୁଷଙ୍ଗିକ ସେବା ପାଇଁ ନୂତନ ରାସ୍ତା ଖୋଲିଛି।

# ମହିଳା ବିଶ୍ୱକପ୍‌ରେ ଆଜି ଭାରତ-ପାକିସ୍ତାନ

## ନୋ-ହ୍ୟାଣ୍ଡସେକ୍ ନୀତିକୁ ନେଇ ଚର୍ଚ୍ଚା

**କଲମ୍ବୋ,୪।୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଖେଳାଳିମାନେ ହାତ ନ ମିଳାଇବାକୁ ନେଇ ବିବାଦ ହୋଇଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଭାରତୀୟ ପୁରୁଷ ଖେଳାଳିଙ୍କ ଭଳି ମହିଳା ଖେଳାଳିମାନେ ମଧ୍ୟ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ଆଶା କରାଯାଉଛି। ତେବେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କାରଣ ମହିଳା କ୍ରିକେଟରେ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୪-୩ ବ୍ୟବଧାନରେ ଆଗରେ ରହିଛି। ପାକିସ୍ତାନ ଟି୨୦ ଫର୍ମାଟରେ ୩ ମ୍ୟାଚ୍ ଜିତିଥିବା ବେଳେ ଦିନିକିଆ ଫର୍ମାଟରେ କଦାପି ଭାରତକୁ ହରାଇ ପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳର ୧୦୦ ପ୍ରତିଶତ ରେକର୍ଡ ରହିଛି।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ପ୍ରଦର୍ଶନ ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା। ଭାରତ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୯ ରନରେ ପରାସ୍ତ କରିଥିବା ବେଳେ ପାକିସ୍ତାନ ୭ ଉଇକେଟରେ ବାଂଲାଦେଶଠାରୁ ପରାସ୍ତ ହୋଇଛି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତ ୧୨୪ ରନରେ ପ୍ରମୁଖ ୬ ଉଇକେଟ ହରାଇବା ସତ୍ତ୍ୱେ ୪୭ ଓଭରରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲା। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ମ୍ୟାଚ୍‌କୁ ଓହ୍ଲାଇବ। କଲମ୍ବୋର ସର୍ଫେସରେ ଖେଳାଯାଇଥିବା ବାଂଲାଦେଶ ଓ ପାକିସ୍ତାନ ମ୍ୟାଚ୍‌ରେ ଅତ୍ୟଧିକ ସିମ୍ ମୁଭମେଣ୍ଟ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ରେଣୁକା ସିଂ ଠାକୁରଙ୍କ ଭଳି ଆଗଧାଡ଼ିର ପେସରଙ୍କୁ ଖେଳାଇପାରେ। ଭାରତୀୟ ଦଳର ବ୍ୟାଟିଂ ଶକ୍ତିଶାଳୀ ଥିବାବେଳେ ପାକିସ୍ତାନର ମୁଖ୍ୟ ଚିନ୍ତା ହେଉଛି ବ୍ୟାଟିଂ। ପାକିସ୍ତାନ ଦଳକୁ ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବାର ଫାଇଦା ମିଳିପାରେ। କିନ୍ତୁ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇବାକୁ ହେଲେ ପାକିସ୍ତାନ ଦଳକୁ ଅସାଧାରଣ ପ୍ରଦର୍ଶନ କରିବାକୁ ପଡ଼ିବ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଉମା ଛେତ୍ରୀ, ରେଣୁକା ସିଂ ଠାକୁର, ଦୀପ୍ତି ଶର୍ମା, ସ୍ନେହ ରଣା, ଶ୍ରୀ ଚରନି, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼।

**ପାକିସ୍ତାନୀ ମହିଳା ଦଳ:** ଫାତିମା ସାନା (ଅଧିନାୟିକା), ମୁନିବା ଅଲୀ ସିଦ୍ଦିକି (ଉପ ଅଧିନାୟିକା), ଆଲିୟା ରିଆଜ, ଡାଏନା ବେଗ, ଇମାନ ଫାତିମା, ନଶ୍ରା ସୁନ୍ଧୁ, ନାତାଲିଆ ପରଭେଜ, ଓମାଇମା ସୋହେଲ, ରମିନା ଶମିମ, ସଦାଫ ଶାମ୍ସ, ସାଦିଆ ଇକବାଲ, ଶାୱାଲ ଜୁଲଫିକର, ସିଦ୍ରା ଆମିନ, ସିଦ୍ରା ନୱାଜ, ସୟେଦା ଆରୁବ ଶାହ।



ଭାରତୀୟ ମହିଳା କ୍ରିକେଟ ଦଳର ଅଭ୍ୟାସ।

# ଗମ୍ଭୀର-ଅଗରକରଙ୍କ ପ୍ରଭାବ

**ନୂଆଦିଲ୍ଲୀ, ୪।୧୦ (ପି.ଟି.)**

ଭାରତୀୟ କ୍ରିକେଟରେ ଏବେ ଦୃଢ଼ ନିଷ୍ପତ୍ତି ନେବାରେ ଗୌତମ ଗମ୍ଭୀର ଓ ଅଜିତ ଅଗରକର ବିଶେଷ ଜଣାଶୁଣା। ଦୁଇ ଦୃଢ଼ ଇଚ୍ଛା ସମ୍ପନ୍ନ ବ୍ୟକ୍ତି ଏକାଠି ହେଲେ ପରିଣାମ ସବୁବେଳେ ସମସ୍ତଙ୍କୁ ସୁହାଇବାଭଳି ହୋଇ ନ ଥାଏ। ତେବେ ମୁଖ୍ୟ କୋଚ୍ ଏବଂ ଚୟନ କମିଟି ଅଧ୍ୟକ୍ଷଭାବେ ତାଙ୍କ କମ୍ବିନେଶନ 'ଅଷ୍ଟ୍ରେଲିଆ ସଂସ୍କୃତି'କୁ ମନେ ପକାଇ ଦେଇଥାଏ। ଯେଉଁଠାରେ ଫଳାଫଳକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆ ଯାଇଥାଏ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ୬ ଟେଷ୍ଟରେ ପରାଜୟର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକ ପଦରୁ ବହିଷ୍କାର କରାଯାଇଥିବା ଅନୁମାନ ହେଉଛି। ଏହାକୁ 'ଜିଏ-ଏଜି ଅର୍ଡର' ବୋଲି ବିସିସିଆଇର ଜଣେ ପୂର୍ବତନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଭାରତୀୟ କ୍ରିକେଟ ଇକୋସିଷ୍ଟମର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆଶୀର୍ବାଦ କ୍ରମେ ଗମ୍ଭୀର-ଅଗରକର ୩ଟି ଦୃଷ୍ଟିକୋଣରୁ ଏପରି ନିଷ୍ପତ୍ତି ନେଇଥାଇ ପାରନ୍ତି। ପ୍ରଥମତଃ ରୋହିତ ଶର୍ମା ଓ ବିରାଟ କୋହଲି ସେମାନଙ୍କ ୨୦୨୭ ବିଶ୍ୱକପ ସ୍କିମ୍‌ରେ ନାହାନ୍ତି। ଦ୍ୱିତୀୟତଃ ଗମ୍ଭୀର-ଅଗରକାର ବିଶ୍ୱାସ କରୁନାହାନ୍ତି ଯେ କେବଳ ଦିନିକିଆ ଅନ୍ତର୍ଜାତୀୟ ଓ ଆଇପିଏଲ୍ ଖେଳି ରୋହିତ ଓ କୋହଲି ଦୀର୍ଘଦିନ ପର୍ଯ୍ୟନ୍ତ ଫର୍ମ ବଜାୟ ରଖିପାରିବେ। ତୃତୀୟତଃ ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ସେମାନେ ସମସ୍ତ ଫର୍ମାଟ ପାଇଁ ଜଣେ ଯୁବ ଅଧିନାୟକଙ୍କୁ ନିଯୁକ୍ତ କରିବାକୁ ଚାହାନ୍ତି।

ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶୁବମନ ଗିଲ୍ ଟି୨୦ ଦଳର ମଧ୍ୟ ଅଧିନାୟକ ହୋଇପାରନ୍ତି। ଅଧିନାୟକ ଭାବେ ରୋହିତ ଶର୍ମା ଚାମ୍ପିୟନ୍ସ ଟ୍ରଫି ଜିତାଇବାପରି ଆଗାମୀ ଟି୨୦ ବିଶ୍ୱକପର ଫଳାଫଳ ଗିଲ୍‌ଙ୍କୁ ଅଧିନାୟକ କରିବା ଉପରେ କୌଣସି ପ୍ରଭାବ ପକାଇ ନ ପାରେ। ଉପରୋକ୍ତ ୩ଟି ଯାକ ଦୃଷ୍ଟିକୋଣକୁ ବିଚାରକୁ ନେଲେ ରୋହିତ ଶର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଅନୁମେୟ। କୋହଲିଙ୍କ ଫିଟ୍‌ନେସକୁ ନେଇ କେବେ ପ୍ରଶ୍ନ ଉଠାଯାଇ ନ ପାରେ। ମାତ୍ର ତାଙ୍କ କ୍ଷେତ୍ରରେ ମଧ୍ୟ ରୋହିତଙ୍କ ପରି ନିଷ୍ପତ୍ତି ଆପଣା ଯାଇପାରେ। ତେଣୁ କୋହଲି ମଧ୍ୟ ୨୦୨୭ ପର୍ଯ୍ୟନ୍ତ ତିଷ୍ଠିବା ସମ୍ଭବ ନୁହେଁ। ମାତ୍ର ରୋହିତଙ୍କ ସହ ତୁଳନା କରାଗଲେ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଅନୁଭବ କରୁଛି ଯେ କୋହଲିଙ୍କ ପାଇଁ ଆଉଟସାଇଡ୍ ସୁଯୋଗ ରହିପାରେ। ଗମ୍ଭୀର-ଅଗରକରଙ୍କ ନୀତି ହେଲା 'ତାରକା ଭଲ ଦଳ ଗଠନ କରିପାରିବେ ନାହିଁ, ମାତ୍ର ଭଲ ଦଳ ତାରକା ସୃଷ୍ଟି କରିପାରିବେ'।



ଗୌତମ ଗମ୍ଭୀର ଓ ଅଜିତ ଅଗରକର।

# ବିଦର୍ଭ ନିୟନ୍ତ୍ରଣରେ ଅବଶିଷ୍ଟ ଭାରତ ଏକାଦଶ

**ନାଗପୁର, ୪।୧୦ (ପି.ଟି.)**

ଇରାନୀ କପ୍ ଫାଇନାଲରେ ଅବଶିଷ୍ଟ ଭାରତ ଏକାଦଶକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଛି ବିଦର୍ଭ। ମ୍ୟାଚରେ ବିଦର୍ଭ ୩୬୧ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅବଶିଷ୍ଟ ଭାରତ ଏକାଦଶ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଦୁଇ ଉଇକେଟ ହରାଇ ମାତ୍ର ୩୦ ରନ କରିଛି। ସକାଳେ ରଣଜୀ ଟ୍ରଫି ଚାମ୍ପିୟନ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୯୬/୨ରୁ ଏହାର ବ୍ୟାଟିଂ କରିବାକୁ ଯାଇ ୯୪.୧ ଓଭରରେ ୨୩୨ ରନରେ ଅଲଆଉଟ ହୋଇଯାଇଥିଲା। କିନ୍ତୁ ପ୍ରଥମ ଇନିଂସରେ ୧୨୮ ରନର ଅଗ୍ରଣୀ ଦ୍ୱାରା ଘରୋଇ ଦଳ ଅବଶିଷ୍ଟ ଭାରତ ଏକାଦଶକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେବା ପାଇଁ ଯଥେଷ୍ଟ ଥିଲା।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ :** ୩୪୨ ଓ ୯୪.୧ ଓଭରରେ ୨୩୨ (ଅମନ ମୋଖାଡେ-୩୭, ଅକ୍ଷୟ ୱାଡ୍‌କର-୩୬ ; ଦର୍ଶନ ନାଲକାଣ୍ଡେ-୩୫ ; ଅଂଶୁଲ କାମ୍ବୋଜ-୪/୩୪, ଗୁରନୁର୍ ବ୍ରାର୍- ୨/୪୧, ସାରାଂଶ ଜୈନ: ୨/୫୨ ଓ ମାନବ ସୂତାର-୨/୮୨)। **ଅବଶିଷ୍ଟ ଭାରତ ଏକାଦଶ:** ୨୧୪ ଓ ୧୨ ଓଭରରେ ୩୦/୨ ।

# 'ଆର୍ଥିକ ସଙ୍କଟ ଯୋଗୁ କାରିବିୟନ କ୍ରିକେଟ ପ୍ରଭାବିତ'

**ଅହମଦାବାଦ, ୪।୧୦ (ପି.ଟି.)**

ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ନାଁ କମାଇବାକୁ ଚାହାନ୍ତି, ମାତ୍ର କାରିବିୟନ କ୍ରିକେଟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ସେମାନଙ୍କ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଭାରତ ନିକଟରୁ ପ୍ରଥମ କ୍ରିକେଟ ଟେଷ୍ଟରେ ଏକ ଇନିଂସ ୧୪୦ ରନରେ ପରାଜିତ ହେବାପରେ ୱେଷ୍ଟଇଣ୍ଡିଜ ଅଧିନାୟକ ରଷ୍ଟନ ଚେଜ୍ ଏହା ପ୍ରକାଶ କରିଛନ୍ତି। ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୧୬୨ ଓ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା।

ଏକଦା ବିଶ୍ୱ କ୍ରିକେଟର ପାୱାରହାଉସ ଭାବେ ପରିଚିତ ହେଉଥିବା ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆ ବିପକ୍ଷ ଗତ ଘରୋଇ ଟେଷ୍ଟରେ ସର୍ବନିମ୍ନ ୨୭ ରନରେ ଅଲ୍‌ଆଉଟ ହୋଇ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏଥିପାଇଁ କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକା ଯାଇଥିଲା। ଯେଉଁଥିରେ କିମ୍ବଦନ୍ତୀ ଖେଳାଳି କ୍ଲାଇଭ ଲୟଡ୍, ବ୍ରାଏନ ଲାରା ଓ ଅନ୍ୟ ମୁଖ୍ୟ ଅଂଶୀଦାରମାନେ ସାମିଲ ଥିଲେ। ''ମୁଁ ସେ ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁନି, ମାତ୍ର ଏତିକି କହିବି ଯେ କାରିବିୟନ କ୍ରିକେଟ ଆର୍ଥିକ ସଂଘର୍ଷ ମଧ୍ୟଦେଇ ଗତି କରୁଛି। କ୍ରିକେଟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆବଶ୍ୟକ ରହିଛି। ଟ୍ରେନିଂ ସୁବିଧା ସୁଯୋଗ ଏବଂ ଉପଲବ୍ଧ ଉପକରଣ ଦୃଷ୍ଟିରୁ କାରିବିୟନ କ୍ରିକେଟର ସିଷ୍ଟମ ଅତି ଦୁର୍ବଳ'' ବୋଲି ଚେଜ୍ ପ୍ରକାଶ କରିଛନ୍ତି। କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଗଠିତ କ୍ରିକେଟ ରଣନୀତି ଏବଂ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ରହିଛନ୍ତି ଚେଜ୍। ଏହି କମିଟିରେ ଲୟଡ, ଲାରା, ପୂର୍ବତନ ବ୍ୟାଟର ରାମନରେଶ ସରୱନ ଏବଂ ବର୍ତ୍ତମାନର ଖେଳାଳି ସାଇ ହୋପ୍ ସ୍ଥାନ ପାଇଛନ୍ତି।



## ମହିଳା କ୍ରିକେଟ ବିଶ୍ୱକପ୍ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମ୍ୟାଚ ବାତିଲ

**କଲମ୍ବୋ, ୪।୧୦ (ପି.ଟି.):** ଲଗାଣ ବର୍ଷା ଯୋଗୁ ଶନିବାର ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏପରି କି ମ୍ୟାଚର ଟସ୍ ପଡ଼ି ନ ଥିଲା। ଟୁର୍ନାମେଣ୍ଟର ନିୟମାନୁସାରେ ଉଭୟ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଛନ୍ତି। ଅଷ୍ଟ୍ରେଲିଆ ବର୍ତ୍ତମାନ ଦୁଇଟି ଗେମ୍‌ରୁ ୩ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଘରୋଇ ଦଳ ସମାନ ସଂଖ୍ୟକ ମ୍ୟାଚରୁ ଗୋଟିଏ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଅଛି। ଅଷ୍ଟ୍ରେଲିଆ ଏଠାରେ ଅକ୍ଟୋବର ୮ରେ ଏହାର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆ ଜିତିଲା ଚାପେଲ-ହାଡ୍‌ଲୀ ସିରିଜ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୪।୧୦ (ଏପି)**

**ମାର୍ଶଙ୍କ ପ୍ରଥମ ଟି୨୦ ଶତକ**

ମିଚେଲ ମାର୍ଶଙ୍କ ପ୍ରଥମ ଟି୨୦ ଶତକ ସହାୟତାରେ ଅଷ୍ଟ୍ରେଲିଆ ୩ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାପେଲ-ହାଡ୍‌ଲୀ ସିରିଜକୁ ୨-୦ରେ ଜିତି ନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲୀୟ ଅଧିନାୟକ ମାତ୍ର ୫୦ ବଲ୍‌ରୁ ତାଙ୍କର ଶତକ ହାସଲ କରିଥିଲେ। ମିଡଲ ଓଭରରେ ଅଷ୍ଟ୍ରେଲିଆ ଦଳର ବିପର୍ଯ୍ୟୟ ଘଟିବା ସମୟରେ ସେ ଦଳର ଇନିଂସରେ ସୁଧାର ଆଣିଥିଲେ। ଅଷ୍ଟ୍ରେଲିଆ ଦୁଇ ଓଭର ବାକି ଥାଇ ନ୍ୟୁଜିଲାଣ୍ଡର ୧୫୬/୯ ସ୍କୋରକୁ ଅତିକ୍ରମ କରି ଯାଇଥିଲା। ମାର୍ଶ ଅଷ୍ଟ୍ରେଲିଆ ଇନିଂସର ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖିବା ସହ ୧୦୩ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ୭ଉଇକେଟ ବିନିମୟରେ ୧୬୦ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୫୬/୯ (ଟିମ୍ ସିଫର୍ଟ-୪୮, ମାଇକେଲ ବ୍ରେସ୍‌ୱେଲ-୨୬, ଜେମ୍ସ ନିଶାମ-୨୫, ଟିମ୍ ରବିନସନ-୧୩; ସିନ୍ ଆବଟ-୩/୨୫, ଜାବିଅର ବାର୍ଟଲେଟ୍-୨/୨୫, ଜୋସ ହାଜେଲଉଡ୍-୨/୨୬)। ଅଷ୍ଟ୍ରେଲିଆ ଇନିଂସ: ୧୮ ଓଭରରେ ୧୬୦/୭ (ମିଚେଲ ମାର୍ଶ-୧୦୩*, ମିଚେଲ ଓଏନ-୧୪, ସିନ ଆବଟ-୧୩* ; ଜେମ୍ସ ନିଶାମ-୪/୨୬, ଜାକବ ଡୁଫି-୨/୨୯)।


**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., DISTRICT-NUAPADA**

No.CAD-1914

TENDER NO.2882, DATED: 26.09.2025

**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of Transport Contractors for transportation of (i) Paddy from Paddy Purchase Centres (PPCs)/ Mandis to Rice Mill points (Within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From date 30.09.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | Dt.03.10.2025 at 11.30 A.M. Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of complete Tender documents with enclosures | Through e-Procurement Portal: www.tendersodisha.gov.in Upto 05.30 PM dt.15.10.2025 |
| 4 | Date, Time and Venue for opening of Technical bid by the Tender Committee | On dt.17.10.2025 at 10.00 A.M. in the conference hall Collectorate, Nuapada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.17.10.2025 At 10.00 AM in the conference hall Collectorate, Nuapada |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender. |
| 8 | Language of the Tender | The tender should be prepared by the bidder in English language only. |
| 9 | Helpdesk Telephone Number | CCSO/CSO-cum-DM's Contact Number: CSO-cum-DM-9937484002, Accounts Head-6370112636 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof.
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

Sd./- CSO-cum-District Manager
OSCSC Ltd., Nuapada

OIPR-07058/11/0010/2526



**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com

Office Order No. 3556 Dated: 26.09.2025

**1st Corrigendum Bid Identification No.**
**Building Tender Online RWCSBP-16/2025-26**

No. O-924: Following modifications are hereby made to the notice inviting tender vide this office Bid ID No. Building tender Online RWCSBP-16/2025-26 for the work (1) Construction of 08 Nos. New Residential Staff Qtr. (E Type) at Tahasil Office, Bheden in the district of Bargarh for the year 2025-26, (2) Construction of 08 Nos. New Residential Staff Qtr. (E Type) at Tahasil Office, Bhatli in the district of Bargarh for the year 2025-26, (3) Construction of PHC Building at Tulandi (Day Care) of Barpali Block in the district of Bargarh for the year 2025-26.

1. The availability of tender online for bidding may be read as 10.10.2025 from 11.00 A.M. to 24.10.2025 upto 5.00 P.M. instead of from 24.09.2025 from 11.00 A.M. to 08.10.2025 upto 5.00 P.M.
2. The last date & time for seeking clarification may be read as 22.10.2025 upto 5.00 P.M. instead of 06.10.2025 upto 5.00 P.M.
3. The date & time of technical opening bid may be read as 27.10.2025 at 11.00 A.M. instead of 09.10.2025 at 11.00 A.M.

All other terms and condition remain unchanged.

Sd./- Chief Construction Engineer
R.W. Circle, Sambalpur

OIPR-25091/11/0087/2526



**ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,**
**ଓଡ଼ିଶା ସରକାର**

**ବିଜ୍ଞାପନ**

No.RR-20: ଉର୍ଦ୍ଦୁ ଲେଖି ପଢି ଜାଣି ନ ଥିବା ୧୬ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୬ ମାସିଆ ଉର୍ଦ୍ଦୁ ଶିକ୍ଷା କେନ୍ଦ୍ର ଭୁବନେଶ୍ୱରସ୍ଥିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ କାର୍ଯ୍ୟାଳୟରେ ଖୋଲାଯାଇଅଛି । ଏହି ଶିକ୍ଷା କେନ୍ଦ୍ର ସନ୍ଧ୍ୟା ୬ରୁ ୭ ଘଟିକା ପର୍ଯ୍ୟନ୍ତ ଖୋଲାରହି ଶିକ୍ଷା ପ୍ରଦାନ କରାଯିବ । ଏହି ଶିକ୍ଷା କେନ୍ଦ୍ର ତା.୦୮.୧୦.୨୦୨୫ରୁ ଆରମ୍ଭ ହେବାକୁ ଯାଉଅଛି । ଉକ୍ତ ଶିକ୍ଷା କେନ୍ଦ୍ରରେ ନାମ ଲେଖିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହ ତା.୧୫.୧୦.୨୦୨୫ ରିଖ ସୁଦ୍ଧା ସଚିବ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ସଂସ୍କୃତି ଭବନ, ବି.ଜେ.ବି. ନଗର, ଭୁବନେଶ୍ୱର-୧୪ଙ୍କୁ ଦରଖାସ୍ତ କରିପାରିବେ ।

**ଦରଖାସ୍ତ ଫର୍ମ**

1. Student's Name ..............................
2. Guardian's Name ..............................
3. Date of Birth ..............................
4. Adhaar Card No ..............................
5. Examination Passed ..............................
6. Complete Postal Address with Pin Code ..............................
7. Contact Phone No. ..............................
8. Two Passport Size Photo ..............................

ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ସମସ୍ତ ପ୍ରମାଣ ପତ୍ରର ଜେରକ୍ସ କପି ସହ ତା.୧୫.୧୦.୨୦୨୫ ରିଖ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପଇଠ କରିବେ ।

ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ
ଭୁବନେଶ୍ୱର-୧୪

OIPR-03008/11/0005/2526



SMPB

**STATE MEDICINAL PLANTS BOARD, ODISHA**
(Forest, Environment & Climate Change Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in, Tel: +91674-2954911

**NOTICE**

**No.CAD-1910:**State Medicinal Plants Board, Odisha is going to organise the **18th State Level Kalinga Herbal Fair, Bhubaneswar** from **10-12-2025 to 16-12-2025.** Interested Event Management Agencies having adequate eligibility are requested to apply latest by **16.00 Hrs of 17.10.2025.**

For details & Tender documents, please visit the following website: www.odisha.gov.in (tenders.gov.in) or odishaforest.in & smpbodisha.in

OIPR-10122/11/0002/2526 CHIEF EXECUTIVE, SMPB, ODISHA



**ODISHA PUBLIC SERVICE COMMISSION, CUTTACK**

**NOTICE**

No.6998/PSC Dt.03.10.25
(DR-IV) (2PC-01-2025-26)

**Programme Notice for rect. to the Post of Assistant Director of OPS Cadre (Advt. No. 07 of 2022-23)**

No. D-: It is for information of all provisionally qualified candidates that, the **Document Verification and Personality Test** for recruitment to the Post of **Assistant Director in Group-B Service of Odisha Planning Service Cadre,** pursuant to Advertisement No. 07 of 2022-23 will be held on **13.10.2025 (Monday)** in the office of OPSC, at 19, Dr. P.K. Parija Road, Cuttack - 753001 as per the programme detailed below:

| Date | Time of Document Verification | Time of Personality Test | Roll No. of Candidates to be Verified |
|---|---|---|---|
| 13.10.2025 | 08.30 A.M. | 10.45 A.M. | 100115, 100229, 100421, 100448, 100907, 100909, 100914, 100924, 100947, 101053 = **10 Candidates** |
| | 12.30 P.M. | 02.45 P.M. | 101190, 101191, 101221, 101242, 101249, 101276, 101300, 101338 = **08 Candidates** |

**N.B.:** The candidates are required to report **30 minutes before** the commencement of Document Verificiation in each time slot allotted in the scheduled programme.
It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original Certificates/Documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPIES OF THE FOLLOWING DOCUMENTS AT THE TIME OF DOCUMENT VERIFICATION**

1. **Hard copy of 'Online Application Form' mentioning Roll No. at the Top Right-Hand Corner**. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**.
2. **five (05) 'Passport Size Photographs' tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Certificate of Bachelor's Degree with Honours and Post-Graduate Degree** in Economics/Applied Economics/Agricultural Economics/Commerce/Mathematics/Sociology with Statistics as one of the Papers/Anthropology/Demography/Geography with Cartography or Regional Planning as one of the Papers/Statistics/Econometrics/Regional Planning.
5. **Mark-Sheets** in support of all the aforesaid Examination **(H.S.C., Bachelor's Degree & Master's Degree)** passed including fail marks, if any, issued by the concerned Board/Council/Unviersity.
6. **Conversion Certificate/Conversion Formula** in case of award of grades/credits/hours in Bachelor's Degree/Master's Degree.
7. Required **Odia Test Pass Certificate** issued within 12.10.2022.
8. **Caste Certificate by Birth** in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 12.10.2022.
9. **Recent SEBC Certificate** must be issued within 3 years prior to the last date of submission of online application form, whereever applicable.
10. **discharge Certificate** issued **within 12.10.2022** by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
11. **Govt. Departmental Candidate whether Temporary or Permanent** or working on probation must submit service certificate issued by Competent Authority.
12. **No Objection Certificate** issued by the Competent Authority in-case of Government Servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 12.10.2022**.
14. A **declaration** regarding the number of attempts appeared by the candidates in the Written Examination in the format annexed at **Annexure - I**.
15. **any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted/affixed duly filled in with passport size photograph.)
18. Any other documents as per Para - 10 of the Advertisement.

The candidates are required to mention **"submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0322/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦିଲ୍ଲୀରେ ଆଜି




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ପରଭେଶ୍ ବର୍ମା ଶନିବାର ବୋଟ୍ ଯୋଗେ ଯମୁନା ନଦୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟେ ଯମୁନା ଘାଟର ସଫେଇ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। (ଫଟୋ-ଚମନ ଗୌତମ)

# ୟୁପିଆଇ ପେମେଣ୍ଟରେ ଲାଗିବ ୧.୨୫ ଗୁଣା

### ନଭେମ୍ବର ୧୫ରୁ ନୂଆ ଫାସ୍‌ଟାଗ୍ ନିୟମ

ନୂଆଦିଲ୍ଲୀ,୪।୧୦

ଗାଡ଼ିଗୁଡ଼ିକରୁ ଟୋଲ୍ ଫି ଆଦାୟ କ୍ଷେତ୍ରରେ ନଭେମ୍ବର ୧୫ରୁ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ବୈଧ ଫାସ୍‌ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ କାରବାର କରୁଥିବା ଚାଳକଙ୍କୁ ୨ ଗୁଣା ଶୁଳ୍କ ଦେବାକୁ ପଡୁଥିବାବେଳେ ୟୁପିଆଇ ଜରିଆରେ ପେମେଣ୍ଟ କଲେ ନିୟମିତ ଦେୟର ୧.୨୫ ଗୁଣା ଦେବାକୁ ହେବ। ଫାସ୍‌ଟାଗ୍ ନଥିବା ୟୁଜରମାନଙ୍କ ପାଇଁ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ହାଇୱେଜ୍ ଫି ନିୟମାବଳୀ, ୨୦୦୮ରେ ପରିବର୍ତ୍ତନ କରାଯାଇ ସେମାନଙ୍କ ଦେୟ ପୈଠ ମାଧ୍ୟମ ଆଧାରରେ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ କରିବା ଏହାର ଲକ୍ଷ୍ୟ। ଉଦାହରଣ ସ୍ୱରୂପ ଯଦି ବୈଧ ଫାସ୍‌ଟାଗ୍ ଥିବା ଗାଡ଼ି ପାଇଁ ୟୁଜର ଦେୟ ୧୦୦ ଟଙ୍କା ହୋଇଥାଏ, ତେବେ ଫାଷ୍ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ ଆକାରରେ ୨୦୦ ଟଙ୍କା ଏବଂ ୟୁପିଆଇରେ ପୈଠ କଲେ ୧୨୫ ଟଙ୍କା ଦେବାକୁ ପଡ଼ିବ। ଏହା ଶୁଳ୍କ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଟୋଲ୍ ଆଦାୟରେ ସ୍ୱଚ୍ଛତା ବଢ଼ାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସାନେ ତାକାଇଚି

### ଶାସକ ଦଳର ନୂଆ ନେତା ନିର୍ବାଚିତ

ଟୋକିଓ,୪।୧୦

ପୂର୍ବତନ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ସାନେ ତାକାଇଚିଙ୍କୁ ଜାପାନର ଶାସକ ଦଳ ଶନିବାର ନୂଆ ନେତା ନିର୍ବାଚିତ କରିଛି। ଶାସକ ଦଳର ଅଧ୍ୟକ୍ଷ ହୋଇଥିବାରୁ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତା ନିର୍ବାଚନରେ ତାକାଇଚି ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ତଥା କୃଷିମନ୍ତ୍ରୀ ଶିଞ୍ଜିରୋ କୁଇଜୁମିଙ୍କୁ ପରାସ୍ତ କରିଛନ୍ତି।

ଲିବେରାଲ ଡେମୋକ୍ରାଟମାନଙ୍କ ନୂଆ ଅଧ୍ୟକ୍ଷ ତାକାଇଚି ପୁରୁଷପ୍ରାଧାନ୍ୟ ଦଳର ଜଣେ ଅତ୍ୟନ୍ତ ରକ୍ଷଣଶୀଳ ନେତ୍ରୀ। ମହିଳାମାନଙ୍କ ଅଗ୍ରଗତିରେ ଏହା ବାଧକ ହୋଇପାରେ ବୋଲି ସମାଲୋଚକମାନେ କହିଛନ୍ତି। ୬୪ ବର୍ଷୀୟା ତାକାଇଚି ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ଜଣେ ପ୍ରଶଂସକ ଏବଂ ଜାପାନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀର ସମର୍ଥକ। ୧୯୯୩ରେ ପ୍ରଥମେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବା ତାକାଇଚି ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।


ସାନେ ତାକାଇଚି

# ଜୁବିନ୍ ଗର୍ଗଙ୍କୁ ବିଷ ଦିଆଯାଇଥିଲା

- ବ୍ୟାଣ୍ଡମେଟ୍‌ଙ୍କ ଚାଞ୍ଚଲ୍ୟକର ଅଭିଯୋଗ
- ତଦନ୍ତ ପାଇଁ ନ୍ୟାୟିକ କମିଶନ ଗଢ଼ିଲେ ଆସାମ ସରକାର
- ବ୍ୟବଚ୍ଛେଦ ରିପୋର୍ଟ ଫେରାଇଦେଲେ ଜୁବିନ୍‌ଙ୍କ ସ୍ତ୍ରୀ

ଗୁଆହାଟୀ,୪।୧୦

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗଙ୍କୁ ସିଙ୍ଗାପୁରରେ ବିଷ ଦିଆଯାଇଥିଲା ବୋଲି ତାଙ୍କ ବ୍ୟାଣ୍ଡମେଟ୍ ଶେଖରଜ୍ୟୋତି ଗୋସ୍ୱାମୀ ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଏବଂ ଇଭେଣ୍ଟ ମ୍ୟାନେଜର ଶ୍ୟାମକାନୁ ମହାନ୍ତ ତାଙ୍କୁ ବିଷ ଦେଇଥିଲେ, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗୋସ୍ୱାମୀ ତଦନ୍ତକାରୀ ଅଫିସରଙ୍କୁ କହିଥିବା ଜଣାପଡ଼ିଛି। ଜୁବିନ୍ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଆସାମ ସରକାର ଜଣିକିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୌମିତ୍ର ସାଇକିଆଙ୍କ ନେତୃତ୍ୱରେ ଗଠିତ କମିଶନ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ। ଜୁବିନ୍‌ଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଶନିବାର ତାଙ୍କ ସ୍ତ୍ରୀ ଗାରିମାଙ୍କୁ ହସ୍ତାନ୍ତର କରିଥିବାବେଳେ ସେ ଏହାକୁ ଫେରାଇ ଦେଇଛନ୍ତି। ସେ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ଦସ୍ତାବିଜ୍ ନୁହେଁ। ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯିବ କି ନାହିଁ, ତାହାର ଉପଯୁକ୍ତ ନିଷ୍ପତ୍ତି ତଦନ୍ତକାରୀ ଅଧିକାରୀମାନେ ନେବେ ବୋଲି ଗାରିମା କହିଛନ୍ତି।


ଜୁବିନ୍ ଗର୍ଗ

ବଲିଉଡ୍ ଏବଂ ଅସମୀୟା ଗୀତ ପାଇଁ ଖ୍ୟାତି ଅର୍ଜନ କରିଥିବା ଜୁବିନ୍ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରର ଏକ ଦ୍ୱୀପ ନିକଟରେ ସନ୍ତରଣ କରୁଥିବାବେଳେ ରହସ୍ୟଜନକ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଗୋସ୍ୱାମୀ ଏବଂ ମହାନ୍ତଙ୍କ ସହ ନୌକା ଭ୍ରମଣରେ ଯାଇଥିଲେ। ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଙ୍ଗୀତ ପରିବେଷଣ ପାଇଁ ଜୁବିନ୍ ସିଙ୍ଗାପୁର ଯାଇଥିଲେ। ମହାନ୍ତ ଓ ତାଙ୍କ କମ୍ପାନୀ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ମାମଲାରେ ଜୁବିନ୍‌ଙ୍କ ମ୍ୟାନେଜର, ବ୍ୟାଣ୍ଡର ୨ ସଦସ୍ୟ ଗୋସ୍ୱାମୀ ଏବଂ ଅମ୍ରିତପ୍ରଭା ମହାନ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ପରେ ସେମାନଙ୍କୁ ୧୪ ଦିନ ପାଇଁ ରିମାଣ୍ଡରେ ନେଇଥିଲା।

ସନ୍ତରଣ ବେଳେ ଜୁବିନ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ବୁଡ଼ିଯିବା ଅବସ୍ଥାକୁ ଆସିଯାଇଥିଲେ। ଏଭଳି ସମୟରେ ତାଙ୍କ ମ୍ୟାନେଜର ସିଦ୍ଧାର୍ଥ 'ଜାବୋ ଦେ, ଜାବୋ ଦେ' (ତାଙ୍କୁ ଯିବାକୁ ଦିଅ) ବୋଲି କହୁଥିବା ଶୁଣାଯାଇଥିଲା। ଜୁବିନ୍ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ବୁଡ଼ିଯାଇ ମୃତ୍ୟୁ ହୋଇ ନ ଥାଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସିଦ୍ଧାର୍ଥ ଏବଂ ଶ୍ୟାମକାନୁ ମହାନ୍ତ ଗାୟକଙ୍କୁ ବିଷ ଦେଇଥିଲେ ଓ ଷଡ଼ଯନ୍ତ୍ରକୁ ଲୁଚାଇବା ପାଇଁ ଜାଣିଶୁଣି ବିଦେଶୀ ସ୍ଥାନକୁ ଚୟନ କରିଥିଲେ। ନୌକାଭ୍ରମଣ ବେଳର ଭିଡିଓ କାହା ସହ ଶେୟାର ନ କରିବାକୁ ସିଦ୍ଧାର୍ଥ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଗୋସ୍ୱାମୀ କହିଛନ୍ତି। ନୌକା ଚାଳକଙ୍କଠାରୁ ସିଦ୍ଧାର୍ଥ ଜବରଦସ୍ତ ଏହାର ନିୟନ୍ତ୍ରଣ ନିଜ ହାତକୁ ନେବାରୁ ସମୁଦ୍ର ମଝିରେ ସମସ୍ତ ଯାତ୍ରୀ ବିପଦରେ ପଡିଥିଲେ। ସିଆଇଡିର ୯ ଜଣିଆ ଟିମ୍ ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ ଚଳାଇଛି।

# ପାକ୍ ସୀମାରେ ମୁତୟନ ହେବ ଏକେ-୬୩୦ ଏୟାର ଡିଫେନ୍ସ ଗନ୍

### ମିଶନ ସୁଦର୍ଶନ ଚକ୍ର

ନୂଆଦିଲ୍ଲୀ,୪।୧୦

ମିଶନ ସୁଦର୍ଶନ ଚକ୍ର ଅଧୀନରେ ଭାରତୀୟ ସେନା ରାଷ୍ଟ୍ରାୟତ୍ତ ଆଡଭାନ୍ସଡ ୱିପନ୍ ଆଣ୍ଡ ଇକ୍ୟୁପ୍‌ମେଣ୍ଟ ଇଣ୍ଡିଆ ଲିଃ(ଏଡବ୍ଲୁଇଆଇଏଲ୍) ଏକେ-୬୩୦ ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଟେଣ୍ଡର ଜାରି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ମହତ୍ତ୍ୱାକାଂକ୍ଷୀ ଜାତୀୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଥିଲେ। ୬ଟି ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଏଡବ୍ଲୁଇଆଇଏଲ୍‌କୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ୩୦ଏମ୍‌ଏମ୍ ମଲ୍ଟିବ୍ୟାରେଲ୍ ମୋବାଇଲ୍ ଏୟାର ଡିଫେନ୍ସ ଗନ୍ ସିଷ୍ଟମ୍ ରହିଛି, ଯାହାର ଫାୟାରିଂ ହାର ବହୁ ଅଧିକ। ଏହା ଶତ୍ରୁପକ୍ଷରୁ ମାନବବିହୀନ ବାୟୁଯାନ, ରକେଟ, କମାଣ ଓ ମୋର୍ଟାରକୁ ପ୍ରତିହତ କରିବାରେ ବ୍ୟବହାର କରାଯିବ। ପାକିସ୍ତାନ ସହ ରହିଥିବା ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖାରେ ମୁଖ୍ୟ ଜନବସତି ଅଞ୍ଚଳ ଓ ଧାର୍ମିକ କେନ୍ଦ୍ରଗୁଡ଼ିକର ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି ଜଣେ ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ଏକ ଟ୍ରେଲରରେ ସ୍ଥାପନ ହେବାକୁ ଥିବା ଏହି ଗନ୍ ସିଷ୍ଟମ୍ ୪ କିଲୋମିଟର ରେଞ୍ଜ୍ ପର୍ଯ୍ୟନ୍ତ ଟାର୍ଗେଟ କରିପାରିବ ଏବଂ ମିନିଟ୍ ପ୍ରତି ୩,୦୦୦ ରାଉଣ୍ଡ ଫାୟାରିଂ କରିବ। ଇଲେକ୍ଟ୍ରୋ-ଅପ୍ଟିକାଲ ଫାୟାର କଣ୍ଟ୍ରୋଲ ସିଷ୍ଟମ୍ ଜରିଆରେ ଏହା ଶତ୍ରୁପକ୍ଷର ଡ୍ରୋନ୍ ଓ ମିଶାଇଲ୍‌କୁ ଚିହ୍ନଟ କରି ଏହାକୁ ପ୍ରତିହତ କରିବ।



# ୟୁକ୍ରେନ୍ ରେଲଷ୍ଟେଶନରେ ରୁଷିଆର ଆକ୍ରମଣ: ୩୦ ମୃତ

କିଭ୍,୪।୧୦

ୟୁକ୍ରେନ୍‌ର ସୁମି ଅଞ୍ଚଳରେ ଥିବା ଏକ ରେଲଷ୍ଟେଶନ ଉପରେ ଶନିବାର ରୁଷିଆ ଡ୍ରୋନ୍ ଆକ୍ରମଣ କରିବାରୁ ଅନ୍ୟୂନ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏଭଳି ଏୟାରଷ୍ଟ୍ରାଇକ୍‌କୁ ବର୍ବରତା ବୋଲି କହିଛନ୍ତି। ରେଲଷ୍ଟେଶନ ଏବଂ ଶୋସ୍ତକାରୁ କିଭ୍ ଯାଉଥିବା ଟ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ଆକ୍ରମଣ କରିଥିଲା। ଏଥିରେ ଯାତ୍ରୀବାହୀ ଟ୍ରେନ୍‌ର କେତେକ ବଗି ଜଳିଯାଇଛି। ଶୁକ୍ରବାର ରାତିରୁ ୟୁକ୍ରେନ୍‌ର ପାୱାର ଗ୍ରୀଡ୍ ଉପରେ ରୁଷିଆ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଏହାର ଦିନକ ପୂର୍ବରୁ ୟୁକ୍ରେନ୍‌ର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଫାସିଲିଟି ଉପରେ ମସ୍କୋ ସର୍ବବୃହତ୍ ଆକ୍ରମଣ କରିଥିଲା। ଚେର୍ନିହିଭ୍ ନିକଟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହେବା ସହ ପ୍ରାୟ ୫୦ ହଜାର ପରିବାର ଅନ୍ଧାରରେ ରହିଛନ୍ତି।

# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

ଡଲାସ, ୪।୧୦

ଆମେରିକାର ଟେକ୍ସାସ୍ ରାଜ୍ୟ ଡଲାସ ସହରର ଏକ ଗ୍ୟାସ୍ ଷ୍ଟେଶନରେ କାର୍ଯ୍ୟରତ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲ (୨୮)ଙ୍କୁ ଶୁକ୍ରବାର ରାତିରେ ଜଣେ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ହାଇଦ୍ରାବାଦର ଚନ୍ଦ୍ରଶେଖର ଭାରତରେ ଡେଣ୍ଟାଲ ସର୍ଜରିରେ ଗ୍ରାଜୁଏଶନ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ନିକଟରେ ସେ ଆମେରିକାରେ ନିଜ ମାଷ୍ଟର ଡିଗ୍ରୀ ପୂରା କରି ଏକ ପେଟ୍ରୋଲ ପମ୍ପରେ ପାର୍ଟଟାଇମ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଚନ୍ଦ୍ରଶେଖରଙ୍କ ମୃତଦେହକୁ ଆମେରିକାରୁ ହାଇଦ୍ରାବାଦ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ସୁଧୀର ରେଡ୍ଡୀ ଶନିବାର ଚନ୍ଦ୍ରଶେଖରଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## Classified Everyday
0674-2580101, 9692975378


MATRIMONIAL
GROOM WANTED

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

Beautiful Khandayat girl 24+ 5'5" MBA (Hyderabad) serving Tech Mahindra Hyderabad "Sunasansar" 9937512659. D-2188

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992. D-76860

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184




The massage felt totally professional & comfortable at all times-7978109255. D-76495

LOST

ମୁଁ କ୍ଷମା ତରଙ୍ଗିନୀ ପୁହାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଟେ। ମୋର ରୋଲ ନଂ- 11 D IS074 ବର୍ଷ 2014 ର ଛାତ୍ରୀ ଅଟେ। ମୋର ମୂଳ ଟିସି ଓ ଆଚରଣ ପ୍ରମାଣ ପତ୍ର ଯାହା ଉଇ ଦ୍ୱାରା ନଷ୍ଟ ହୋଇଯାଇଅଛି। ଧ-2187

AFFIDAVIT

I, Mitali Adhaikalam, W/o- Issac Selvom Adhaikalam, resident of Ainthapali, P.O./P.S.- Ainthapali, Dist.- Sambalpur- 768004, Odisha declare by this affidavit No.- 1344 date 25.08.2025 that now onwards I shall be known as Mitali Adaikalam, W/o- Issac Selvom Adaikalam for all future purposes. D-2181

By virtue of an affidavit sworn before the Executive Magistrate, Balangir, No.- 2185 date- 22.9.25, I, Hemraj Agrawal, R/o. At- Nirmala Sharee Centre, In front of Samaleswari Temple, Balangir, P.O./P.S./ Dist.- Balangir- 767001 (Odisha) declare that, I have changed my name from Hemaraj Agrawal to Hemraj Agrawal. Henceforth I shall be known as Hemraj Agrawal for all purposes.
Hemraj Agrawal
D-2182

By virtue of an affidavit sworn before the Executive Magistrate, Boudh, No.- 1384, date- 03/10/25. I, Susanta Naik, R/o- Village/P.O.- Butupali, P.S./Dist.- Boudh, Odisha, PIN- 762014, declare that I have changed my son's name from ADARSHA NAIK to ADARSH NAIK. Henceforth he shall be known as ADARSH NAIK for all purposes.
Susanta Naik
D-2183

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କୁନ୍ତଳା ବେହେରା
ସ୍ୱାମୀ - ୰ ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୮୫

ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରୀତା ମହାନ୍ତି
ମଙ୍ଗଳପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୦୪।୧୯୫୮
ତିରୋଧାନ: ୨୨।୦୯।୨୦୨୫
ମା' ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୋ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ମୁନ୍ନୁ, ବାପି, ସୋନୁ, ପୁତ୍ରବଧୂ- ଲିଟିଲ, ମଧୁ, ଝିଅ- ରୋଜି, ଲିମା, ରିମା, ସୀମା, ନାତି ଓ ନାତୁଣୀ ଯଥା କ୍ରିଷ୍ଣାକ୍ଷୀ, କ୍ରିଷାଙ୍ଗ, କାବ୍ୟା ଓ କାମ୍ୟା।
ଧ-୨୧୮୬

# ଇମୋଶନାଲ ଇଟିଂ

**ସାଧାରଣତଃ ମଣିଷ ଭୋକ ହେଲେ ଖାଦ୍ୟ ଖାଇଥାଏ। ହେଲେ ଯେବେ ମଣିଷର ମନ କୌଣସି କାରଣରୁ ଭାରାକ୍ରାନ୍ତ ଥାଏ ଅବା ଅବସାଦଗ୍ରସ୍ତ ଥାଏ, ତେବେ ଏହାକୁ ଶାନ୍ତ କରିବା ଲାଗି କେବେକେବେ ମନ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ। ଡାକ୍ତରୀ ଭାଷାରେ ଏହାକୁ ଇମୋଶନାଲ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଏ। ଯଥା ସମୟରେ ଏହି ଇଚ୍ଛାକୁ ନିୟନ୍ତ୍ରଣ କରା ନ ଗଲେ ଏହା ଅନ୍ୟ ଶାରୀରିକ ସମସ୍ୟାର କାରଣ ସାଜିପାରେ...**



କେବେ ପାଠପଢ଼ା ତ ଆଉ କେବେ ଚାକିରି, ପରିବାର କିମ୍ବା ପ୍ରେମ ବ୍ୟାପାରକୁ ନେଇ ଅନେକ ଯୁବତୀଯୁବକଙ୍କଠାରେ ଟେନ୍‌ଶନ୍, ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ସ୍ଥିତି ଦେଖିବାକୁ ମିଳିଥାଏ। ଯେଉଁଥିରୁ ମୁକୁଳିବା ଲାଗି ଅନେକେ ଗୀତ ଶୁଣିବା, ମୁଭି ଦେଖିବା, ବୁଲିବାକୁ ଯିବା, ଗଛ ଲଗାଇବା, ଗପ କିମ୍ବା ଆଧାତ୍ମିକ ବହି ପଢ଼ିବା ଭଳି ବିଭିନ୍ନ ଷ୍ଟ୍ରେସ୍ ଫ୍ରି ଥେରାପି ଆପଣାଇଥା'ନ୍ତି। ହେଲେ ଏମିତିବି ଅନେକେ ଅଛନ୍ତି, ଯେଉଁମାନଙ୍କ ମସ୍ତିଷ୍କ ଏଭଳି ସ୍ଥିତି ବା ନକାରାତ୍ମକ ଭାବନା ଦୂରେଇବା ଲାଗି ବିଭିନ୍ନ ପ୍ରକାରର ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା- ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା, ଚକୋଲେଟ୍, ଚିପ୍ସ କିମ୍ବା ଅନ୍ୟ ଜଙ୍କ୍ ଫୁଡ୍ ଖାଇବାର ଇଚ୍ଛା ପ୍ରକାଶ କରିଥାଏ। କେବେକେବେ ବହୁବାର ଚା କିମ୍ବା କଫି ପିଇବା ଦ୍ୱାରା ବି ସେମାନେ ରିଲାକ୍ସ ଫିଲ୍ କରିଥା'ନ୍ତି। ହେଲେ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟପେୟ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ମାନସିକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହାକୁ ଇମୋଶନାଲ୍ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଇଥାଏ।

**ଉପୁଜାଏ ସ୍ୱାସ୍ଥ୍ୟ ସମସ୍ୟା:** ଷ୍ଟ୍ରେସ୍ ଥିବା ବେଳେ ମନକୁ ହାଲୁକା କରିବା ଲାଗି ଖାଉଥିବା ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ। ଏଭଳି ଖାଦ୍ୟରେ ଥିବା ଅଧିକ ଲୁଣ, ତେଲ, ମସଲା ଏବଂ ଫ୍ୟାଟ୍ ଶରୀରରେ ସୁଗାର୍, କୋଲେଷ୍ଟରଲ୍ ଏବଂ ବ୍ଲଡ୍‌ପ୍ରେସର ବଢ଼ାଇଥାଏ, ଯାହାକି ଧୀରେ ଧୀରେ ଅନ୍ୟାନ୍ୟ ଶାରୀରକ ସମସ୍ୟାର କାରଣ ସାଜିଥାଏ।

**ହର୍ମୋନାଲ୍ ପ୍ରଭାବ:** ଷ୍ଟ୍ରେସ୍ ଏବଂ କ୍ରେଭିଙ୍ଗ୍ ବା ଚିନ୍ତାରେ ଥିବା ବେଳେ ଏଭଳି ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବା ମଧ୍ୟ ହର୍‌ମୋନ୍ ଅସନ୍ତୁଳନ କାରଣରୁ ହୋଇଥାଏ। କାରଣ ମଣିଷ ଯେତେବେଳେ ମାନସିକ ଚାପରେ ଥାଏ, ଶରୀରରେ କର୍ଟିସୋଲ୍ ନାମକ ଷ୍ଟ୍ରେସ୍ ହର୍‌ମୋନ ସ୍ତର ବୃଦ୍ଧି ପାଇଥାଏ। ଏହି ହର୍‌ମୋନ ଶରୀରରେ ଫାଇଟ୍ ମୋଡ୍ ସକ୍ରିୟ କରିଦିଏ। ମସ୍ତିଷ୍କ ଏହି ବିପଦର ସଂକେତ ପଠାଇବା ମାତ୍ରେ ଶରୀରକୁ ଏହା ସହ ଲଢ଼ିବାର କ୍ଷମତାକୁ ସକ୍ରିୟ କରିବା ଲାଗି ତତ୍‌କ୍ଷଣାତ୍ ଉର୍ଜା ଆବଶ୍ୟକ କରିଥାଏ। ତୁରନ୍ତ ଏହି ଉର୍ଜା ପାଇବା ଲାଗି ମସ୍ତିଷ୍କ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟର ଡିମାଣ୍ଡ କରିଥାଏ, ଯାହାକୁ ଖାଇବା ପରେ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହର୍‌ମୋନ୍‌ର ସ୍ତର ଅସ୍ଥାୟୀ ରୂପେ ବୃଦ୍ଧି ପାଇଥାଏ ; ଯାହାକୁ ଫିଲ୍ ଗୁଡ୍ ହର୍‌ମୋନ୍ ବୋଲି କୁହାଯାଇଥାଏ। ଏହାଦ୍ୱାରା ମନ ତୁରନ୍ତ ଷ୍ଟ୍ରେସ୍ ଫ୍ରି ଅନୁଭବ କରିଥାଏ। ଆଉ ଏହିସବୁ ମସ୍ତିଷ୍କ ମନେରଖିଦିଏ ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ଷ୍ଟ୍ରେସ୍ ଆସିଲେ ଫିଲ୍-ଗୁଡ୍ ବା ରିଲାକ୍ସ ଫିଲ୍ କରିବା ଲାଗି ଏଭଳି ଖାଦ୍ୟର ଡିମାଣ୍ଡ କରିଥାଏ।



**କିପରି ଚିହ୍ନିବେ:** ଭୋକ ଲାଗିବାବେଳେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଏଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଛି ନା ଭାରାକ୍ରାନ୍ତ ମନକୁ ରିଲାକ୍ସ କରିବା ଲାଗି ମସ୍ତିଷ୍କ ଏଭଳି ଖାଦ୍ୟର ଡିମାଣ୍ଡ କରୁଛି, ଏହା ମଧ୍ୟରେ ଥିବା ପାର୍ଥକ୍ୟ ଚିହ୍ନିବାକୁ ଚେଷ୍ଟା କରନ୍ତୁ।

- ପେଟର ଭୋକ ବା ଶାରୀରିକ ଭୋକ ଧୀରେ ଧୀରେ ବଢ଼ିଥାଏ ଏବଂ ଯେକୌଣସି ପୌଷ୍ଟିକ ଖାଦ୍ୟ ଖାଇବା ଦ୍ୱାରା ଏହା ଶାନ୍ତ ହୋଇଯାଏ। ଥରେ ପେଟ ଭରିଗଲେ ଆଉ ଖାଇବାକୁ ଇଚ୍ଛା ହୁଏ ନାହିଁ କିମ୍ବା ଖାଇବା ପରେ ଏହା କାହିଁକି ଖାଇଲି ଭଳି ଅପରାଧ ବୋଧ ଅନୁଭବ ହୁଏ ନାହିଁ।
- ହେଲେ ଅପରପକ୍ଷେ ଭାବନାତ୍ମକ ଭୋକ ବା ଇମୋଶନାଲ୍ ଇଟିଂ କ୍ରେଭିଙ୍ଗ୍ ହଠାତ୍ ଖୁବ୍ ଜୋର୍‌ରେ ବଢ଼ିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାର ଇଚ୍ଛାକୁ ତୀବ୍ର କରିଥାଏ, ଯାହାକି ପେଟ ଭରିଯିବା ପରେ ମଧ ଶାନ୍ତ ହୋଇ ନ ଥାଏ ଏବଂ ଅଜାଣତରେ ଅଧିକରୁ ଅଧିକ ଖାଇ ହୋଇଯାଏ। ପରେ ଯେବେ ଜାଣିହୁଏ ଏତେ କାହିଁକି ଖାଇଲି, ଏଭଳି ଖାଦ୍ୟ ଅଧିକ ଖାଇବାର ନ ଥିଲା ଭଳି ଭାବନା ଯୋଗୁ ନିଜକୁ ଖରାପ ଲାଗିଥାଏ।

**କିପରି ଦୂରାଇବେ:** କେଉଁ ଭାବନା ନିଜକୁ ଏଭଳି ଖାଦ୍ୟ ପ୍ରତି ପ୍ରେରିତ କରୁଛି, ତାହା ପ୍ରଥମେ ନିଜେ ଜାଣିବାକୁ ଚେଷ୍ଟା କରନ୍ତୁ। ଯେବେ କୌଣସି କାରଣ ପାଇଁ ଚିନ୍ତିତ ଅଛନ୍ତି ଅବା ମନ ଅବସାଦଗ୍ରସ୍ତ ଅଛନ୍ତି ଏବଂ ସେ ସମୟରେ କିଛି ଖାଇବାକୁ ଇଚ୍ଛା ହେଉଛି, ତେବେ ନ ଖାଇ କିଛି ସମୟ ବୁଲାବୁଲି କରନ୍ତୁ, ମ୍ୟୁଜିକ୍ ଶୁଣନ୍ତୁ, ସାଙ୍ଗସାଥୀଙ୍କ ସହ କଥା ହୁଅନ୍ତୁ। ଘରେ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ରଖନ୍ତୁ ନାହିଁ। ରାତିରେ ଅଧିକ ସମୟ ଚେଇଁ ରହିବା ଏବଂ ଷ୍ଟ୍ରେସ୍ ଫ୍ରି ଫିଲ୍ କରିବା ଲାଗି ଚିପ୍ସ ଆଦି ଖାଇବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ। କେଉଁ କଥା ପାଇଁ ଆପଣ ଚିନ୍ତିତ ରହୁଛନ୍ତି ତା'କୁ ଜାଣନ୍ତୁ ଏବଂ ଖାଦ୍ୟ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ଭାବେ ଏହି ଭାବନା ଦୂରେଇବା ବଦଳରେ ତାହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଅତି କମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ମାନସିକ ଚିନ୍ତା, ଅବସାଦ ଆଦି ଠାରୁ ଦୂରେଇ ରହିବା ଲାଗି ଯୋଗ, ପ୍ରାଣାୟାମ, ଧ୍ୟାନ ଆଦି ସବୁଠୁ ଭଲ ମାଧ୍ୟମ। ତେଣୁ ପ୍ରତିଦିନ ଯୋଗ ବ୍ୟାୟାମ କରନ୍ତୁ, ଯାହାକି ଆପଣଙ୍କ ଷ୍ଟ୍ରେସ୍ ହର୍‌ମୋନ ନିୟନ୍ତ୍ରଣ କରିବା ସହ ଇମୋଶନାଲ୍ ଇଟିଂ ଇଚ୍ଛାକୁ କମ୍ କରିବ।





## ଜାଣନ୍ତୁ ଦୁନିଆ

# କରଣୀ ମାତା ମନ୍ଦିର



**ଭାରତରେ ଥିବା ବିଭିନ୍ନ ମନ୍ଦିର ଓ ଧାର୍ମିକସ୍ଥଳ ପଛରେ ଅନେକ ଚମତ୍କାରୀ କଥା ଏବଂ ପରମ୍ପରା ଲୁଚି ରହିଛି। ରାଜସ୍ଥାନର ବିକାନେର୍ ଜିଲାରେ ଥିବା କରଣୀ ମାତା ମନ୍ଦିର ମଧ୍ୟ ଏଭଳି କିଛି ନିଆରା ମାନ୍ୟତାକୁ ନେଇ ପୃଥିବୀ ପ୍ରସିଦ୍ଧ। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

❖ଏହି ମନ୍ଦିର କରଣୀ ମାତାଙ୍କୁ ସମର୍ପିତ। କୁହାଯାଏ, ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କରଣୀ ମାତା ନାମକ ଜଣେ ସନ୍ଥ ଥିଲେ ; ଯାହାଙ୍କୁ ମା' ଦୁର୍ଗାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ସେ ଜଣେ ତପସ୍ୱିନୀ ଭାବେ ଜୀବନ ବିତାଉଥିଲେ ଏବଂ ତାଙ୍କ ପାଖରେ ଅନେକ ଚମତ୍କାରୀ ଶକ୍ତି ଥିଲା। ତେଣୁ ସେବେଠୁ ତାଙ୍କୁ ମା'ଙ୍କ ଅବତାର ଭାବେ ପୂଜା କରାଯାଉଛି।

❖ଏହି ମନ୍ଦିରରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ମୂଷା ଅଛନ୍ତି, ଯାହାଙ୍କୁ ସ୍ଥାନୀୟ ଭାଷାରେ କାବା କୁହାଯାଏ। ମନ୍ଦିର ପରିସରରେ ଏମାନେ ସ୍ୱତନ୍ତ୍ର ଭାବେ ବୁଲିଥାନ୍ତି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇଁ ଆସିଲେ ମୂଷାମାନଙ୍କୁ କ୍ଷୀର ଏବଂ ମିଠା ପ୍ରସାଦ ଖାଇବାକୁ ଦେଇଥାନ୍ତି, ଆଉ ସେହି ପ୍ରସାଦକୁ ଖୁବ୍ ପବିତ୍ର ବୋଲି ବିଶ୍ୱାସ କରାଯାଏ।

❖କିମ୍ବଦନ୍ତୀ ଅନୁସାରେ, ସେଠାରେ ଦେଖିବାକୁ ମିଳୁଥିବା ମୂଷାଙ୍କ ଭିତରେ ଥିବା ଧଳା ମୂଷାମାନେ ଅଧିକ ପବିତ୍ର, କାରଣ ଏହାଙ୍କୁ କରଣୀ ମାତାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ଯଦି କୌଣସି ଶ୍ରଦ୍ଧାଳୁଙ୍କୁ ଧଳା ମୂଷା ଦେଖିବାକୁ ମିଳିଯାଏ, ତେବେ ତାହା ସୌଭାଗ୍ୟର କଥା ହୋଇଥାଏ।

❖ସେଠାରେ ଥିବା ମୂଷାଙ୍କୁ ଜାଣିଶୁଣି କ୍ଷତି ପହଞ୍ଚାଇବା ତ ଦୂରର କଥା ଭୁଲ୍‌ବଶତଃ ଆଘାତ କଲେ ଗମ୍ଭୀର ପାପ ଲାଗେ ବୋଲି ଗ୍ରହଣ କରାଯାଇଥାଏ। ଭୁଲ୍‌ରେ ସୁଦ୍ଧା କୌଣସି ମୂଷାର ମୃତ୍ୟୁ ଯଦି ଭକ୍ତଙ୍କ ଦ୍ୱାରା ହୋଇଯାଏ, ତେବେ ଏହାର ପ୍ରାୟଶ୍ଚିତ୍ତ ନିମନ୍ତେ ମନ୍ଦିରରେ ଏକ ସୁନା ମୂଷା ଦାନ କରିବାକୁ ପଡ଼ିଥାଏ।

❖କୁହାଯାଏ, କରଣୀ ମାତାଙ୍କର ସବା ସାନ ପୁଅ ଲକ୍ଷ୍ମଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ତେଣୁ ସେ ଲକ୍ଷ୍ମଣ ସହିତ ତାଙ୍କ ବଂଶରେ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନେକ ପୁତ୍ରଙ୍କୁ ଜୀବିତ କରିବା ପାଇଁ ଯମରାଜଙ୍କୁ ପ୍ରାଥନା କଲେ। ପ୍ରଥମେ ଯମ ଏକଥାରେ ରାଜି ହୋଇ ନ ଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ କରଣୀମାତାଙ୍କୁ ଲକ୍ଷ୍ମଣ ସହ ଅନ୍ୟ ପୁଅମାନଙ୍କୁ ମୂଷା ରୂପରେ ପୁନର୍ଜନ୍ମ ଦେଇଥିଲେ। ସେବେଠୁ ସେହି ମନ୍ଦିରରେ ମୂଷା ରହିଆସୁଛନ୍ତି ଏବଂ ସେମାନଙ୍କର ଖାସ୍ ମହତ୍ତ୍ୱ ବି ରହିଛି।



❖୨୦ ଶତାବ୍ଦୀ ଆରମ୍ଭରେ ବିକାନେରର ମହାରାଜା ଗଙ୍ଗା ସିଂହ ଏହି ମନ୍ଦିର ନିର୍ମାଣ କରାଇଥିଲେ। ଏହାର ଦ୍ୱାରରେ ଚାନ୍ଦିର କବାଟ ଲଗାଯାଇଛି, ଯେଉଁଥିରେ ଦେବୀଙ୍କ ବିଷୟରେ ବିଭିନ୍ନ କଥା ଖୋଦିତ ରହିଛି। ଏହି ମନ୍ଦିରକୁ ଧଳା ମାର୍ବଲରେ ମୋଗଲ୍ ଶୈଳୀରେ ପ୍ରସ୍ତୁତ କରାଯାଇଛି।

## ଏ ସପ୍ତାହର ପ୍ରଶ୍ନ ?

୧- ନିକଟରେ ଆଗ୍ନେୟ ଉଦ୍‌ଗିରଣ ପାଇଁ ଚର୍ଚ୍ଚାରେ ଥିବା ବ୍ୟାରେନ୍ ଆଇସ୍‌ଲାଣ୍ଡ .......... ସମୁଦ୍ରରେ ଅବସ୍ଥିତ ?
୨- ଆଦି ଯୁବ ଫେଲୋଶିପ୍ ଏବଂ ଆଦି କର୍ମଜୀବୀ ଭଲ୍ୟୁଣ୍ଟିଅର୍ସ ପ୍ରୋଗ୍ରାମ୍ ............ ପକ୍ଷରୁ ଆରମ୍ଭ କରାଯାଇଛି ?
୩- ପୃଥିବୀର ସବୁଠୁ ବଡ଼ ସରକାରଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଉଥିବା ହେଲ୍‌ଥ ଇନସ୍ୟୁରାନ୍ସ ସ୍କିମ୍ .............. ?
୪- ବିଦେଶରୁ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଟ୍ୟାଲେଣ୍ଟଙ୍କୁ ଆକୃଷ୍ଟ କରିବା ଲାଗି ........... ଦେଶ 'କେ ଭିଜା' ନାମକ ଏକ ସ୍ୱତନ୍ତ୍ର ଭିଜା ଆରମ୍ଭ କରିଛି ?
୫- .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ମେରିଟାଇମ୍ ହେରିଟେଜ୍ କମ୍ପ୍ଲେକ୍ସ
୨ ଇଣ୍ଡିଆନ୍ ନାଭାଲ୍ ଏୟାର ଷ୍ଟେଶନ୍
୩ ଇଣ୍ଡୋନେସିଆ
୪ ବାଲ୍‌ଟିକ୍ ସି
୫ ଚାଇନା

## ଉତ୍ତର ଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର


ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ଦାମୀ ପାଣି ବୋତଲ



୧ .......... ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି
୨ .......... ଫିଲିକୋ ଜୁଏଲେରି ୱାଟର
୩ .......... ବେଭର୍ଲୀ ହିଲ୍ସ 90H2O ଡାଇମଣ୍ଡ ଏଡିଶନ୍
୪ .......... ବ୍ଲିଙ୍ଗ୍ H2O
୫ .......... ସାଲ୍‌ବାରୋଇ ପୋଲାର ଆଇସ୍‌ବର୍ଗ ୱାଟର
୬ .......... ଓ ଆମାଜନ୍
୭ .......... ଉସ୍‌ଜେ ସୋର୍ସ
୮ .......... ମାଇନସ୍ ୧୮୧
୯ .......... ବର୍ଗ
୧୦ .......... ବିଏଲ୍‌ଭିଡି

## ଯୁବ ପ୍ରତିଭା

# ପାଠ ସହିତ ଖେଳ ଓ ଗୀତରେ ମାହିର ବିଷ୍ଣୁପ୍ରିୟା

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର । କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ ସେ ବେଶ୍ ଆଗୁଆ । ଝିଅମାନେ ସମସ୍ତେ ସ୍କୁଟି ଚଳାଇ ପାରିବେ, କିନ୍ତୁ ବାଇକ୍ ଚଳାଇବାର ମଜା କିଛି ନିଆରା ବୋଲି କହୁଥିବା ଯୁବତୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା ।

ଉଭୟ ମା' ଓ ବାପା ପେସାରେ ଶିକ୍ଷକ। ପିଲାବେଳୁ ବିଷ୍ଣୁପ୍ରିୟାଙ୍କ ଗୀତ ଗାଇବା ପ୍ରତି ଆଗ୍ରହ ଦେଖି ସେମାନେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ପଞ୍ଚମ ଶ୍ରେଣୀରୁ ବିଷ୍ଣୁପ୍ରିୟା ବିଭିନ୍ନ ମଞ୍ଚରେ ଗୀତ ଗାଇବା ଆରମ୍ଭ କରିଥିଲେ । ନିଜ ଆଖପାଖରେ ଅନୁଷ୍ଠିତ ଉତ୍ସବରେ ଗୀତ ଗାଇବା ପାଇଁ ମା' ତାଙ୍କୁ ସାଙ୍ଗରେ ନେଇଯାଉଥିଲେ । ପରେ ଲୋକମାନଙ୍କ ପ୍ରଶଂସା ତାଙ୍କୁ ଗାଇବାର ପ୍ରେରଣା ଯୋଗାଇଥିଲା। ୨୦୨୪ରେ ସିମୁଳିଆ କଲେଜରୁ ଯୁକ୍ତତିନି ପାସ୍ କରିବା ପରେ ସେ ଏବେ ଶିକ୍ଷକତା କରିବା ପାଇଁ ଡୁଡିଗଡିଆ ସିଟି ସ୍କୁଲରେ ପାଠ ପଢୁଛନ୍ତି। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ମା' ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ହୋଇଥିବା ବେଳେ କଣ୍ଠଶିଳ୍ପୀ ସ୍ନେହଲତା ବେହେରାଙ୍କଠାରୁ ସେ ସଙ୍ଗୀତ ଶିକ୍ଷା କରୁଛନ୍ତି। ରକ୍ ପ୍ୟାଟର୍ନ ସଙ୍ଗ୍‌କୁ ଅଧିକ ଭଲ ପାଉଥିବା ବିଷ୍ଣୁପ୍ରିୟା ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି-ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ ହୋଇ ପାରିଛନ୍ତି। ସେ ଜି-ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପ୍‌ସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଅଭିନେତା ତଥା କଣ୍ଠଶିଳ୍ପୀ ବାବୁସାନ ମହାନ୍ତି ଏବଂ ନମିତା ଅଗ୍ରୱାଲଙ୍କୁ ସେ ନିଜର ପସନ୍ଦର କଣ୍ଠଶିଳ୍ପୀ ରୂପେ ମାନନ୍ତି। ସେ କେବଳ ସଂଗୀତ କ୍ଷେତ୍ରରେ ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିସାରିଛନ୍ତି ଏବଂ ଜଣେ ମେଧାବୀ ଛାତ୍ରୀ ମଧ। ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତେବେ ଅନ୍ୟମାନଙ୍କଠାରୁ ଡିଫରେଣ୍ଟ ଦେଖାଯିବା ଆଳରେ ସର୍ବଦା ପୁଅ ପିଲାଙ୍କ ପରି ହେୟାର ଷ୍ଟାଇଲ ଓ ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଗୀତ ସୃଷ୍ଟି ହେବା ଆବଶ୍ୟକ ଓ ସଂଗୀତ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ଲାଗି ଅନେକ ସୁଯୋଗ ରହିଥିବାରୁ ଏଥିପ୍ରତି ଆଗ୍ରହୀ ପିଲାମାନେ ଛୋଟବେଳୁ ସଙ୍ଗୀତ ସାଧନା କଲେ ଏ କ୍ଷେତ୍ରରେ ବହୁତ ଆଗକୁ ଯାଇପାରିବେ ବୋଲି ସେ ମତବ୍ୟକ୍ତ କରନ୍ତି।



**- ସନ୍ତୋଷ ନାୟକ**

# ଭାରତର ଇନିଂସ ବିଜୟ

## ପ୍ରଥମ ଟେଷ୍ଟ: ୩ ଦିନରେ ୱେଷ୍ଟଇଣ୍ଡିଜ ପରାସ୍ତ

## ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ

**ଅହମଦାବାଦ, ୪।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଫେଲ୍ ମାରିଥିବା ୱେଷ୍ଟଇଣ୍ଡିଜକୁ ଭାରତ ଏକ ଇନିଂସ ଓ ୧୪୦ ରନରେ ପରାସ୍ତ କରିଛି। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା (୧୦୪* ରନ, ୪/୫୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଭାରତ ଏହି ଟେଷ୍ଟରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଲାଗି ୧୨ ପଏଣ୍ଟ ହାସଲ କରିଥିବାବେଳେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ତୃତୀୟ ଦିବସ ସକାଳେ ଭାରତ ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୪୮/୫ରେ ହିଁ ଇନିଂସ ଘୋଷଣା କରିଥିଲା। ତେବେ ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳର ଇନିଂସ ମାତ୍ର ୪୫.୧ ଓଭର ତିଷ୍ଠି ଥିବାବେଳେ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ୪ଟି, ମହମ୍ମଦ ସିରାଜ ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟେଷ୍ଟରେ ମୋଟ ୧୭ଟି ଇନିଂସ ବିଜୟ ଦେଖିବାକୁ ମିଳିଛି। ବିଂଶ ଶତାବ୍ଦୀରେ ୱେଷ୍ଟଇଣ୍ଡିଜ ୯ ଥର ଇନିଂସ ବିଜୟୀ ହୋଇଥିବାବେଳେ ଏକବିଂଶ ଶତାବ୍ଦୀରେ ଭାରତ ଅବଶିଷ୍ଟ ୮ ଥର ଯାକ ଇନିଂସ ବିଜୟ ହାସଲ କରିଛି। ଏଥିରୁ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜର ପତନ ସ୍ପଷ୍ଟ ବାରି ହୋଇପଡୁଛି। ଗତ ୧୫ଟି ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨ ଥର ୨୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଛି।



ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।





ରବୀନ୍ଦ୍ର ଜାଡେଜା (ଡାହାଣ)ଙ୍କୁ ଅଧିନାୟକ ଶୁବମନ ଗିଲ୍‌ଙ୍କ ବଧେଇ।

ଭାରତ ମାଟିରେ ୱେଷ୍ଟଇଣ୍ଡିଜ ଗତ ୫ଟି ଯାକ ଟେଷ୍ଟରେ ପରାଜିତ ହୋଇଛି। ସବୁଯାକ ମ୍ୟାଚ ତୃତୀୟ ଦିବସରେ ହିଁ ଶେଷ ହୋଇଛି। ଏଥିରୁ ଭାରତ ୪ଟିରେ ଇନିଂସ ବିଜୟ ଏବଂ ଗୋଟିଏରେ ୧୦ ଉଇକେଟରେ ବିଜୟ ହାସଲ କରିଛି।

ଏହାକୁ ମିଶାଇ ଘରୋଇ ମାଟିରେ ଜାଡେଜା ସର୍ବାଧିକ ୧୦ ଥର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନିଲ କୁମ୍ବଲେ ୯ ଏବଂ ବିରାଟ କୋହଲି ଓ ସଚିନ ତେନ୍ଦୁଲକର ୮ ଥର ଲେଖାଏ ଏହି ସଫଳତା ପାଇଛନ୍ତି। ଓଭରଅଲ୍ ସଚିନ ସର୍ବାଧିକ ୧୪ଥର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ରାହୁଲ ଦ୍ରାବିଡ ଓ ଜାଡେଜା ୧୧ଥର ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ କୋହଲି ୧୦ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୪୬/ଅଲ୍‌ଆଉଟ (ଆଲିକ ଆଥାନାଜେ-୩୮, ରବୀନ୍ଦ୍ର ଜାଡେଜା-୪/୫୪, ମହମ୍ମଦ ସିରାଜ-୩/୩୧, କୁଲଦୀପ ଯାଦବ-୨/୨୩, ୱାଶିଂଟନ ସୁନ୍ଦର-୧/୧୮)।

# ଭାରତୀୟ ଦିନିକିଆ ଦଳରେ ବଡ଼ ପରିବର୍ତ୍ତନ

## ଜାଡେଜା ବାଦ୍, ନଜରରେ ରୋହିତ-କୋହଲି

**ଅହମଦାବାଦ,୪।୧୦(ପି.ଟି.)**

ଯୁବ ବ୍ୟାଟର ଶୁବମନ ଗିଲ୍ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନେଇଛନ୍ତି। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଉଭୟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟରଙ୍କୁ ଦିନିକିଆ ଦଳର ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ରୋହିତ ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଷ୍ଟାର ବ୍ୟାଟର ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିବା ବେଳେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଭେଟେରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦିନିକିଆ ଦଳରୁ ବାଦ୍ ପଡ଼ିଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଏସିଆ କପ୍ ଜିତିଥିବା ଟି୨୦ ଦଳରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦିନିକିଆ ସିରିଜ୍‌ର ୩ ମ୍ୟାଚ୍ ଯଥାକ୍ରମେ ସିଡ୍‌ନୀ, ଆଡିଲେଡ୍ ଓ ମେଲବୋର୍ନରେ ଖେଳାଯିବ।

### ଭାରତୀୟ ଦିନିକିଆ ଦଳ

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ ଅଧିନାୟକ), ଅକ୍ଷର ପଟେଲ, ଲୋକେଶ ରାହୁଲ (ଉଇକେଟ କିପର), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ (ଉଇକେଟ କିପର), ଯଶସ୍ୱୀ ଜୟସ୍ୱାଲ।



ରୋହିତ ଶର୍ମା



ବିରାଟ କୋହଲି

### 'ଜାଡେଜା ଦିନିକିଆ ଯୋଜନାରେ ଅଛନ୍ତି'

ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ହେଲେ ସେ ଏବେ ଭାରତୀୟ ଦିନିକିଆ ଦଳର ଯୋଜନାରେ ରହିଥିବା ଏବଂ ତାଙ୍କୁ ଅଷ୍ଟ୍ରେଲିଆର କଣ୍ଡିଶନକୁ ଦୃଷ୍ଟିରେ ରଖି ଦଳରୁ ବାଦ୍ ଦିଆଯାଇଥିବା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର କହିଛନ୍ତି।

ଅଷ୍ଟ୍ରେଲିଆରେ ଚୂଡ଼ାନ୍ତ ଏକାଦଶରେ ଦୁଇ ବାମହାତୀ ସ୍ପିନରଙ୍କୁ ଖେଳାଇବା ଅସମ୍ଭବ। କିନ୍ତୁ ଜାଡେଜା ସମ୍ପୂର୍ଣ୍ଣ ଭାବେ ଦିନିକିଆ ଦଳର ଯୋଜନାରେ ଅଛନ୍ତି। ତାଙ୍କୁ ଦଳରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ସେ ଚାମ୍ପିୟନ୍ସ ଟ୍ରଫି ଦଳରେ ଥିଲେ। କାରଣ ସେଠାକାର କଣ୍ଡିଶନକୁ ଦେଖି ଆମେ ଅତିରିକ୍ତ ସ୍ପିନରଙ୍କୁ ଦଳରେ ସାମିଲ କରିଥିଲୁ। କିନ୍ତୁ ଅଷ୍ଟ୍ରେଲିଆ ଟୁର ଲାଗି ଦଳରେ ସନ୍ତୁଳନ ରକ୍ଷା କରିବା ପାଇଁ ଆମେ ଦଳରେ କେବଳ ଜଣେ ବାମହାତୀ ସ୍ପିନରଙ୍କୁ ସାମିଲ କରିପାରିବୁ। ଦଳରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି। ମୋ ମତରେ ଭାରତୀୟ ଦଳକୁ ଆଉ ସ୍ପିନରର ଆବଶ୍ୟକତା ନାହିଁ। କିନ୍ତୁ ଜାଡେଜା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ; କାରଣ ସେ ଦଳ ପାଇଁ ପ୍ରତ୍ୟେକ ବିଭାଗରେ ବ୍ୟାଟ, ବଲ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଅଗରକର ଦଳ ଘୋଷଣା ଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତୀୟ ଟି୨୦ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍ (ଉପ ଅଧିନାୟକ), ତିଲକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ସଞ୍ଜୁ ସାମସନ (ଉଇକେଟ କିପର), ରିଙ୍କୁ ସିଂ ଓ ୱାଶିଂଟନ ସୁନ୍ଦର।





1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ